RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-152 ◆FRIDAY ◆28 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୨ ◆ଶୁକ୍ରବାର ◆୨୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଦୀପ୍ତି ଶର୍ମା ସବୁଠୁ ଦାମୀ
▶ପୃଷ୍ଠା ୧୨ ଦେଖନ୍ତୁ...

## ବିଧାନସଭାରେ ଜନପ୍ରତିନିଧିଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ଉଚ୍ଚାରଣ, ଆଚରଣରେ ସଂଯମ ରହୁ

**ଗୃହରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣି ପାରୁଛନ୍ତି**

**ଏଠାକାର ଆତ୍ମୀୟ ପରିବେଶ ମୋତେ ଭାବପ୍ରବଣ କରିଦେଇଛି**

**ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି**

**ଓଡ଼ିଶା କୋଳରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି**

**ଏହାର ସଦୁପଯୋଗ ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଣତ କରିପାରିବ**

■ ଭୁବନେଶ୍ୱର, ୨୭।୧୧ (ସମିସ): ବର୍ତ୍ତମାନ ଟେକ୍ନୋଲୋଜିର ସମୟ, ଜନ ପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନାମୁହଁ। ଆପଣମାନଙ୍କର ବହୁ ପ୍ରଶଂସକ ଏବଂ ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣମାନେ କଣ କରୁଛନ୍ତି, କହୁଛନ୍ତି ତାହା ଜାଣିବା ପାଇଁ ସେମାନେ ଉତ୍ସୁକ ଥାଆନ୍ତି। ତେଣୁ ଆପଣମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ନେତା ଯାହା କରିବେ ଜନତା ତାହାକୁ ଅନୁସରଣ କରିବେ। ତେଣୁ ଆପଣମାନେ ନିଜ ଆଚରଣ ଏବଂ ଉଚ୍ଚାରଣକୁ ସଂଯମ ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବୁଧବାର ଅପରାହ୍ନରେ ବିଧାନସଭାକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଘରକୁ ଆସିଲା ପରି ଲାଗୁଛି। ଦେଶର ଏକାଧିକ ରାଜ୍ୟ, ରାଜ୍ୟ ବିଧାନସଭା, ବିଶ୍ୱର କେତେକ ଦେଶର ସଂସଦକୁ ସମ୍ବୋଧନ କରିବାର ସୁଯୋଗ ଲାଭ କରିଛି। ମାତ୍ର ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ଖୁସିର ବିଷୟ। ମୁଁ ଗାଁରୁ ଏକ ସାଧାରଣ ଝିଅ ହୋଇ ଆସିଥିଲି। ଏହି ଗୃହ ମୋତେ କଥା କୁହା ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାହାର ସମସ୍ତ ଶ୍ରେୟ ଏହି ଗୃହର। ଯଦି ଓଡ଼ିଶାର ଜନସାଧାରଣ, ଜଗନ୍ନାଥଙ୍କର ଆଶୀର୍ବାଦ ନଥାନ୍ତା, ତାହେଲେ ମୁଁ ଆଜି ଯେଉଁଠି ଅଛି ସେଇଠି ପହଞ୍ଚି ପାରିନଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛି। ବିଭିନ୍ନ ସ୍ଥାୟୀ କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ଭାବେ ମୁଁ ମୋର ଚିନ୍ତା ପ୍ରକଟ କରିବାର ସୁଯୋଗ ପାଇଛି।

ରାଷ୍ଟ୍ରପତି କହିଛନ୍ତି, ଓଡ଼ିଶା କେବଳ ଏକ ପ୍ରାଚୀନ ଭୂଖଣ୍ଡ କିମ୍ବା ଆଧୁନିକ ପ୍ରଦେଶ ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ । ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ▶ପୃଷ୍ଠା-୧୦




## ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ସାର୍ବଜନୀନ ଏବଂ ରାଜନୈତିକ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକ ବିଧାନସଭାକୁ ସମ୍ବୋଧନ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ସଂପ୍ରଦାୟ ଥିବା ରାଜ୍ୟ ଓଡ଼ିଶାର ସେହି ସଂପ୍ରଦାୟରୁ ଦେଶର ରାଷ୍ଟ୍ରପତି ▶ପୃଷ୍ଠା-୧୦

## ରାଷ୍ଟ୍ରପତି ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି



ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି, ଏଥିପାଇଁ ଏ ମାଟି ଗୌରବାନ୍ୱିତ। ଆହୁରି ଗର୍ବର କଥା ଯେ ସେ ତାଙ୍କର ରାଜନୈତିକ ଜୀବନ ୨୫ ବର୍ଷ ତଳେ ଓଡ଼ିଶା ବିଧାନସଭାରୁ ଆରମ୍ଭ କରିଥିଲେ। ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟରୁ ଆସିଥିବା ଭାରତର ରାଷ୍ଟ୍ରପତି ଆଜି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ, ଆମ ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ବିବିଧତା ମଧ୍ୟରେ ଏକତା ହେଉଛି ଆମ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ଭାରତୀୟ ରାଜନୀତିକୁ ▶ପୃଷ୍ଠା-୧୦

## ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ୪ ସପ୍ତାହ ମଧ୍ୟରେ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ



**ନିଜ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ ୟୁଟ୍ୟୁବର୍**

■ ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ)କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ବନ୍ଧିତ ଦୁଇଟି ମାମଲାର ଶୁଣାଣି କରି ଗୁରୁବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଥିବା ଫଟୋ, ଭିଡିଓ ଏବଂ ଅନ୍ୟ ସବୁ ବିଷୟବସ୍ତୁ ପାଇଁ କାହାକୁ ନା କାହାକୁ ଉତ୍ତରଦାୟୀ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ବନ୍ଧରେ ୪ ସପ୍ତାହ ମଧ୍ୟରେ ନୂଆ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଏସ୍‌ସି/ଏସ୍‌ଟି ଆଇନ ଭଳି କଠୋର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଅପମାନିତ କରିବା ମାମଲାରେ 'ଇଣ୍ଡିଆଜ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ତଥା ୟୁଟ୍ୟୁବର ସମୟ ରୈନାଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛନ୍ତି। ନିଜ ଶୋ'ରେ ଦିବ୍ୟାଙ୍ଗ ଲୋକଙ୍କ ସଫଳତାର କାହାଣୀ ଦେଖାଇବାକୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୈନାଙ୍କୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଥିଲେ ଯେ ଆଗାମୀ ଶୁଣାଣି ପୂର୍ବରୁ କିଛି ଭଲ କାର୍ଯ୍ୟ କରି ଏଠାକୁ ଆସିବେ ବୋଲି ▶ପୃଷ୍ଠା-୧୦

# ରେକର୍ଡ ଭାଙ୍ଗିଲା ନଭେମ୍ବର ଶୀତ

**୭୧ ବର୍ଷ ପରେ ଝାରସୁଗୁଡ଼ାରେ ପାରଦ ସର୍ବନିମ୍ନ ସ୍ତରରେ**

**ଦୁଇ ଦିନ ମଧ୍ୟରେ ଆହୁରି ୩ ଡ଼ିଗ୍ରୀ ଖସିବ ତାପମାତ୍ରା**

**ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା 'ଡିଟ୍‌ୱା'**

**ଓଡ଼ିଶା ଉପରେ ପ୍ରଭାବହୀନ, ରାଜ୍ୟକୁ ବହିବ ଥଣ୍ଡା ପବନ**

■ ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜ୍ୟକୁ ପୁଣି ଫେରିଛି ଶୀତ। ଦୁଇ ତିନି ଦିନ ହେବ ତାପମାତ୍ରାରେ କ୍ରମାଗତ ହ୍ରାସ ଫଳରେ ଥଣ୍ଡାର ପ୍ରଭାବ ବୃଦ୍ଧି ପାଇଛି।ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଝାରସୁଗୁଡ଼ାରେ ତାପମାତ୍ରା ସର୍ବନିମ୍ନ ତାପମାତ୍ରା ୮.୧ ଡିଗ୍ରୀକୁ ହ୍ରାସ ହୋଇଛି। ଗତ ୭୧ ବର୍ଷ ପରେ ନଭେମ୍ବର ମାସରେ ଝାରସୁଗୁଡ଼ାରେ ଶୀତ ରେକର୍ଡ ସ୍ତରକୁ ଖସିଛି। ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ୭.୭, ସେମିଳିଗୁଡ଼ା ୮.୬, କିରେଇ ୯.୩, ▶ପୃଷ୍ଠା-୧୦





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ ରୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତତ୍‌ଜନିତ ଆର୍‌ଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ହୁଏତ ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 • Banki MSB BAJAJ 9348819293 • Balugaon BHARAT BAJAJ 73810 99441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Rahama MAITREE BAJAJ 9668801781 • Chandikhole TARINI BAJAJ 9937310800 • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • RAJNAGAR MAITREE BAJAJ 7064987720/9668801781 • Rajnagar MAITREE BAJAJ 7064987720/9668801781 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979.

● ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଅସହାୟ

# ବିଷବାୟୁରୁ ମୁକ୍ତି ଦେବା ପାଇଁ ଆମ ପାଖରେ ଯାଦୁର ଛଡ଼ି ନାହିଁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣରୁ ଜନତାଙ୍କୁ ତ୍ରାହି ମିଳୁନାହିଁ। ଲୋକେ ପ୍ରଦୂଷଣରେ ଅତିଷ୍ଠ ହୋଇ ଚାଲିଥିବାବେଳେ ସୁପ୍ରିମକୋର୍ଟ ଗୁରୁବାର ଏହି ମାମଲା ଉପରେ ଶୁଣାଣି କରି ସ୍ଥିତିକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଦିଲ୍ଲୀ-ଏନସିଆରକୁ



ବିଷ ବାୟୁରୁ ମୁକ୍ତି ଦେବା ଭଳି କୌଣସି ଯାଦୁର ଛଡ଼ି ସୁପ୍ରିମକୋର୍ଟଙ୍କ ପାଖରେ ନାହିଁ। ଏହା ଦିଲ୍ଲୀ ବାସୀଙ୍କ ପାଇଁ ବିପଜ୍ଜନକ ବୋଲି ଆମେ ଜାଣିଛୁ। ଏପରି କି ତାହା ସୋମବାର ଦେଖାଯିବ। କେବଳ ଦୀପାବଳି ଭଳି ସ୍ୱତନ୍ତ୍ର ଦିନରେ ନିର୍ଦ୍ଦେଶ ଦେଲେ ବାୟୁ ତୁରନ୍ତ ସଫା ହୋଇଯିବ ତାହା ଜଣାନ୍ତୁ ବୋଲି ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କୁ ଖଣ୍ଡପୀଠ ପଚାରିଛନ୍ତି। ସିଜେଆଇ କହିଥିଲେ ଯେ ଆମେ ବି ଦିଲ୍ଲୀ-ଏନ୍‌ସିଆରର ବାସିନ୍ଦା। ବିଚାରପତି ମଧ୍ୟ ଏହି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ବିଗିଡ଼ିବା ପଛରେ ଅନେକ କାରଣ ରହିଛି। କେବଳ ଗୋଟିଏ କାରଣକୁ କାରକ ଧରିବା ବହୁତ ବଡ଼ ଭୁଲ ହେବ। ସମସ୍ୟା କ'ଣ ତାହା ସମସ୍ତେ ଜାଣନ୍ତି। ପ୍ରଦୂଷଣର ସବୁ କାରଣ ସନ୍ଧାନ କରି ଏହାର ସମାଧାନ ଖୋଜିବା ଜରୁରୀ। ଡିସେମ୍ବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବରିଷ୍ଠ ଓକିଲ ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ସ୍ୱାସ୍ଥ୍ୟ ଜନିତ ଜରୁରୀ ପରିସ୍ଥିତି ସୃଷ୍ଟି କରୁଛି। ଏହାର ସମାଧାନ କେବଳ କାଗଜପତ୍ରରେ ସୀମିତ ରହୁଛନ୍ତି। ତୃଣମୂଳସ୍ତରରେ କିଛି କାରାଯା ନାହିଁ। ଖଣ୍ଡପୀଠ କହିଥିଲେ ଯେ ଏହି ମାମଲା ଉପରେ କ'ଣ କରାଯାଇପାରିବ ଏହି ମାମଲା ଉଠାଇଲେ ସମାଧାନ ବାହାରି ପାରିବ ନାହିଁ। ଶୀତ ପରେ ଏହି ମାମଲା ଶୀଥିଳ ହୋଇଯାଏ। ତେଣୁ ଏହାର ନିୟମିତ ଶୁଣାଣି ହେବା ଉଚିତ।

ଏହା ପୂର୍ବରୁ ବୁଧବାର ହୋଇଥିବା ଶୁଣାଣିରେ ସିଜେଆଇ ଦିଲ୍ଲୀ ପ୍ରଦୂଷଣକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟାଏ ବାହାରେ ବୁଲିବାରୁ ଅସୁସ୍ଥ ହୋଇ ପଡ଼ିଥିବା କହିଥିଲେ। ଅନ୍ୟପଟେ ଦିଲ୍ଲୀ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଏଥିଯୋଗୁଁ ବୁଧବାର ଗ୍ରାପ-୩ କଟକଣାକୁ ହଟାଇ ଦିଆଯାଇଥିଲା। କର୍ମଚାରୀଙ୍କ ପାଇଁ ୱାର୍କ ଫ୍ରମ ହୋମ (ଡବ୍ଲ୍ୟୁଏଫଏଚ) ସୁବିଧାକୁ ହଟାଇ ଦିଆଯାଇଛି। ଭର୍ଚୁଆଲ ମୋଡରେ ସ୍କୁଲ୍‌ରେ ହେଉଥିବା କ୍ଲାସ ବନ୍ଦ କରିଦିଆଯାଇଛି। ତେବେ ପ୍ରଦୂଷଣକୁ ନେଇ ଦିଲ୍ଲୀ ସରକାର ଗମ୍ଭୀର ନାହାନ୍ତି। ପ୍ରତି ବର୍ଷ ଏଭଳି ସ୍ଥିତି ସୃଷ୍ଟି ହେଉଥିବାରୁ ସରକାରୀ ସ୍ତରରେ ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ସରକାର କୌଣସି ଠୋସ ପଦକ୍ଷେପ ନେଉନାହାନ୍ତି। ପୂର୍ବରୁ କୃତ୍ରିମ ବର୍ଷା ଯୋଜନା ମଧ୍ୟ ଫେଲ୍ ମାରିଥିଲା। ବର୍ଷା ହେଉ ନ ଥିବାରୁ ସ୍ଥିତି ମଧ୍ୟ ଗମ୍ଭୀର ରହିଛି। ଲୋକେ ଘରୁ ବାହାରକୁ ବାହାରିବାକୁ ଡରୁଛନ୍ତି।

## ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ ଉନ୍ମୋଚନ କଲେ ମୋଦୀ



ନୂଆଦିଲ୍ଲୀ, ୨୭ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ୍ ଉନ୍ମୋଚନ କରିଛନ୍ତି। ଏହି ରକେଟର ନାମ ବିକ୍ରମ-୧ ରଖାଯାଇଛି। ଏହାର ଉଚ୍ଚତା ୭ ମହଲା କୋଠା ସହିତ ସମାନ। ଅର୍ଥାତ ରକେଟର ଉଚ୍ଚତା ଅର୍ଥାତ ୨୬ମିଟର। ଏହି ରକେଟକୁ ଏକ ଘରୋଇ ସ୍ପେସ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେଶ୍' ନିର୍ମାଣ କରିଛି। ଏହାକୁ ୨୦୨୬ରେ ଲଞ୍ଚ୍ କରାଯିବ। ଏହି ରକେଟ ନିଜ ସହିତ ୩୦୦ କେଜି ଓଜନର ଉପଗ୍ରହ ଅନ୍ତରୀକ୍ଷ ନେବାକୁ ସକ୍ଷମ ବୋଲି କୁହାଯାଇଛି। ରକେଟକୁ ବାଦ୍ ଦେଲେ ପ୍ରଧାନମନ୍ତ୍ରୀ କମ୍ପାନୀର ଇନ୍‌ଫିନିଟି କ୍ୟାମ୍ପସର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଧିକ ଲଞ୍ଚ୍ ଭେଇକଲର ଡିଜାଇନ୍, ଡେଭଲପମେଣ୍ଟ, ଇଣ୍ଟିଗ୍ରେସନ ଓ ଟେଷ୍ଟିଂର କାର୍ଯ୍ୟ କରାଯିବ। ଏହି କ୍ୟାମ୍ପସ ହାଇଦରାବାଦ୍‌ରେ ରହିଛି। ସ୍କାଇରୁଟ ଏରୋସ୍ପେଶ କମ୍ପାନୀକୁ ୨୦୧୮ରେ ପବନ ଚନ୍ଦନା ଓ ଭାରତ ଢାକ ସ୍ଥାପନ କରିଥିଲେ। ଏହି ଦୁଇଜଣ ଆଇଆଇଟି ପାସ୍‌ଆଉଟ୍ ଓ ପୂର୍ବତନ ଇସ୍ରୋ ବୈଜ୍ଞାନିକ।

## ଏକାଧିକ ବିବାହ କଲେ ୧୦ ବର୍ଷ ଜେଲ୍

ଗୌହାଟୀ, ୨୭ ।୧୧(ଏଜେନ୍ସି): ଆସାମ ବିଧାନସଭାରେ ବହୁ ବିବାହକୁ ରୋକିବା ପାଇଁ 'ପଲିଗାମୀ ବିଲ୍' ପାସ୍ ହୋଇଛି। ଏହି 'ଆସାମ ପ୍ରୋହିବିସନ ଅଫ୍ ପଲିଗାମୀ ବିଲ୍' ଅନୁସାରେ ଜଣେ ବ୍ୟକ୍ତି ଏକରୁ ଅଧିକ ବିବାହ କରିପାରିବେ ନାହିଁ। ତେବେ ଏହି ଆଇନ୍ ଷଷ୍ଠ ସିଡ୍ୟୁଲ ଅଞ୍ଚଳ ଓ ସିଡ୍ୟୁଲ ଟ୍ରାଇବ୍ ବର୍ଗ ଉପରେ ଲାଗୁ ହେବ ନାହିଁ। ଏହି କ୍ଷେତ୍ରରେ ଆଞ୍ଚଳିକ ପ୍ରଥାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଗୁରୁବାର ଏହି ବିଲ୍ ପାସ୍ ହୋଇଛି। ଏହା ଅନୁସାରେ ଯଦି ଜୀବନସାଥି ଜୀବିତ ଅଛନ୍ତି ଓ ତାଙ୍କଠାରୁ ଆଇନଗତ ଭାବେ ଛାଡ଼ପତ୍ର ନିଆଯାଇନାହିଁ, ତେବେ ଅନ୍ୟ କାହା ସହ ବିବାହ କଲେ ତାହକୁ ଅପରାଧ ବୋଲି ବିବେଚନା କରାଯିବ। ଏଭଳି କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ୭ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରାଯିବ। ଏଥିସହ ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଭାବେ ଦେବାକୁ ହେବ। ପୁଣି ଯଦି କୌଣସି ବ୍ୟକ୍ତି ନିଜର ପ୍ରଥମ ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରିଛନ୍ତି, ତେବେ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ହେବ।

## ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ୨ ଆହତ

ୱାଶିଂଟନ, ୨୭ ।୧୧(ଏଜେନ୍ସି): ଆମେରିକାରେ ବୁଧବାର ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିଛି। ଏଥିରେ ଦୁଇଜଣ ନ୍ୟାସନାଲ ଗାର୍ଡ ଆହତ ହୋଇଛନ୍ତି। ଏହି ଘଟଣାରେ ଆଫଗାନିସ୍ତାନର ଜଣେ ଶରଣାର୍ଥୀଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଆକ୍ରମଣରେ ସାମିଲ ସଂଦୀଗ୍ଧର ହେଉଛି ୨୯ ବର୍ଷୀୟ ରହମାନୁଲା ଲାକନବାଲ। ସେ ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନରୁ ଆମେରିକା ଆସିଥିଲା। ୨୦୨୫ରେ ତାକୁ ନାଗରିକତା ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହି ଆଫଗାନ ଶରଣାର୍ଥୀଙ୍କ ପ୍ରବେଶକୁ ନିଷିଦ୍ଧ ଘୋଷଣା କରିଛନ୍ତି।

ଚାପ ବଢ଼ାଉଛି ଏସ୍‌ଆଇଆର୍

# ୨୨ ଦିନରେ ୭ ରାଜ୍ୟରେ ୨୫ ବିଏଲ୍‌ଓଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ଲେଭୁଲ ଅଫିସର (ବିଏଲଓ)ଙ୍କୁ ଦିନରାତି କାମ କରିବାକୁ ପଡୁଛି। ୧୨ ରାଜ୍ୟର ୫୧ କୋଟିରୁ ଅଧିକ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବିଏଲଓଙ୍କ ଉପରେ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି। ଦିନକୁ ୧୬ରୁ ୧୭ ଘଣ୍ଟା କାମ କରୁଛନ୍ତି। ଆଉ ଏହି କାର୍ଯ୍ୟଚାପ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ କେହି କେହି ଅବସାଦଗ୍ରସ୍ତ ହୋଇ ଜୀବନ ହାରୁଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବାର ୨୨ ଦିନ ମଧ୍ୟରେ ୭ ରାଜ୍ୟରେ ୨୫ ବିଏଲଓ ପ୍ରାଣ ହରାଇଲେଣି। ତେବେ ପଶ୍ଚିମବଙ୍ଗରେ କେବଳ ୩୪ ବିଏଲଓଙ୍କ ମୃତ୍ୟୁ ହୋଇଥିବା କ୍ଷମତାସୀନ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଏହି ସବୁ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଷ ରାଜସ୍ଥାନ, ଉତ୍ତର ପ୍ରଦେଶରେ ରାଜନୀତି ଜୋର୍ ଧରିଛି। ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ବିରୋଧୀ ଦାବି କରୁଛନ୍ତି। ସେହିପରି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କାର୍ଯ୍ୟଚାପରେ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଇଛି।

ପଶ୍ଚିମବଙ୍ଗ ମନ୍ତ୍ରୀ ଅରୁପ ବିଶ୍ୱାସ କହିଛନ୍ତି ଯେ ଏସଆଇଆର ଯୋଗୁଁ ୩୪ ଲୋକ ଜୀବନ ହାରିଲେଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଗଳାବାଟ ଦେଇ ଏନ୍‌ଆରସି ଲାଗୁ କରିବାକୁ ଏବଂ ଭୟର ସ୍ଥିତି ସୃଷ୍ଟି ପାଇଁ ଏସଆଇଆର କରାଯାଉଛି। ସେହିପରି ଟିଏମସି ଚାପରେ ଜାଲ୍ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ କରାଯାଉଛି ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିଲ ମାଲବୀୟ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ସର୍ବାଧିକ ୯ ଜଣ, ଉତ୍ତର ପ୍ରଦେଶ ଓ ଗୁଜରାଟରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ୩ ଜଣ ଲେଖାଏଁ ଏବଂ ତାମିଲନାଡୁ, କେରଳରେ ଜଣେ ଲେଖାଏଁ ବିଏଲଓ ପ୍ରାଣ ହରାଇଲେଣି।

■ ପଶ୍ଚିମବଙ୍ଗରେ ୩୪ ଜଣ ଜୀବନ ହାରିଥିବା ଟିଏମସିର ଦାବି
■ ମଧ୍ୟପ୍ରଦେଶରେ ୯ , ୟୁପି-ଗୁଜରାଟରେ ୪ ଜଣ ଲେଖାଏଁ ମୃତ



ଉତ୍ତରପ୍ରଦେଶ ଗୋଣ୍ଡାର ବିଏଲଓ ତଥା ଶିକ୍ଷକ ବିପିନ ଯାଦବ ସୋମବାର ବିଷ ଖାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ବାପା ପ୍ରଶାସନ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ କହିଛନ୍ତି ଯେ ଓ ବିସି ଭୋଟରଙ୍କ ନାମ ହଟାଇବା ଏବଂ ସାଧାରଣ ବର୍ଗର ନାମ ବଢ଼ାଇବାକୁ ବିଡିଓ ପୁଅ ଉପରେ ଚାପ ପକାଇ ଥିଲେ। ଏପରି ମନା କରିବାରୁ ନିଲମ୍ବନ ଏବଂ ଗିରଫ ଧମକ ଦିଆଯାଇଥିଲା। ସେହିପରି ବୁଧବାର ବରେଲିର ବିଏଲଓ ସର୍ବେଶ ଗଙ୍ଗୱାର ପ୍ରାଣ ହରାଇ ଥିଲେ। ତାଙ୍କ ଭାଇ ଯୋଗେଶ କହିଥିଲେ ଯେ ଏସଆଇଆର ଚାପ ଯୋଗୁ ବେଶୀ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଛିଡ଼ା ହୋଇଥିବାବେଳେ ଅଚାନକ ଖସି ପଡ଼ି ପ୍ରାଣ ହରାଇ ଥିଲେ।

## ଏସ୍‌ଆଇଆର୍ ଆଳରେ ଭଉଣୀଙ୍କ ଜମିକୁ ନିଜ ନାମରେ କରିନେଲେ

ଲକ୍ଷ୍ନୌ, ୨୭।୧୧ (ଏଜେନ୍ସି): ଉତ୍ତର ପ୍ରଦେଶ ଫିରୋଜାବାଦରେ ଏସ୍‌ଆଇଆରକୁ ନେଇ ବଡ଼ ଠକେଇ ମାମଲା ସାମ୍ନାକୁ ଆସିଛି। ଏସଆଇଆର ବାହାନାରେ ଭଉଣୀର ଜମିକୁ ଭାଇ ନିଜ ନାମରେ କରାଇ ନେଇଛି। ଅଭିଯୁକ୍ତର ଭଉଣୀ ପାଠ ପଢ଼ାଲେଖା ଜାଣିନାହାନ୍ତି। ତେଣୁ ଭାଇର ଏହାର ସୁଯୋଗ ଉଠାଇ ଥିଲା। ଭଉଣୀକୁ ହରିୟାଣାର ଗୁରୁଗ୍ରାମକୁ ଡାକି ଏସଆଇଆର କାମ ପାଇଁ ତହସିଲ ଯାଇ ଦସ୍ତଖତ କରିବାକୁ କହିଥିଲା। ଏପରି ନ କଲେ ସରକାର ଦେଶରୁ ବାହାର କରିଦେବେ ବୋଲି ଧମକ ଦେଇଥିଲା। ତହସିଲରେ କୋଠା ଏବଂ ଦୋକାନକୁ ଭାଇକୁ ଗିଫ୍ଟରେ ଦେଉଛନ୍ତି କି ବୋଲି ମହିଳାଙ୍କୁ ପଚରା ଯାଇଥିଲା। ଗିଫ୍ଟର ଅର୍ଥ ବୁଝି ନ ପାରି ମହିଳା ହଁ କରି ଦସ୍ତଖତ କରିଦେଇଥିଲେ। ଏବେ ପୀଡ଼ିତା ସରତାଜ ଖାନମ ଏସଏସପି ଏବଂ କୋର୍ଟରେ ଅଭିଯୋଗ ଦାଏର କରିଛନ୍ତି। ରେଜେଷ୍ଟ୍ରି ରଦ୍ଦ କରିବାକୁ ନିବେଦନ କରିଛନ୍ତି।

ଅନ୍ୟପଟେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଗୁରୁବାର ଏସଆଇଆର ଫର୍ମ ପୂରଣ କରିଛନ୍ତି। କିଛି ତ୍ରୁଟି ଥିଲେ ଜଣାଇବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଏହା ମଧ୍ୟରେ ଗାଜିଆବାଦରେ ବିଏଲଓ ଡ୍ୟୁଟିରେ ମୁତୟନ ୨୧ ଜଣଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଏତଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ୪ ଶିକ୍ଷକ ସାମିଲ ଅଛନ୍ତି। ଗୋଣ୍ଡାରେ ବିଏଲଓ ବିପିନ ଯାଦବଙ୍କ ଆତ୍ମହତ୍ୟାକୁ ନେଇ ରାହୁଲ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ନାମରେ ପଛୁଆ, ଦଳିତ, ବଞ୍ଚିତ ବର୍ଗଙ୍କୁ ଭୋଟର ତାଲିକାରୁ ହଟାଯାଇ ବିଜେପି ନିଜ ମନଇଚ୍ଛା ତାଲିକା ପ୍ରସ୍ତୁତ କରୁଛି। ଗଣତନ୍ତ୍ରର ହତ୍ୟା ପାଇଁ ନିର୍ବାଚନ କମିଶନ ଦାୟୀ।

ସାମାଜିକ ଗଣମାଧ୍ୟମକୁ ବ୍ୟାପିଲା କର୍ଣ୍ଣାଟକ କଂଗ୍ରେସ କଳି

# ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା-ଉପମୁଖ୍ୟମନ୍ତ୍ରୀ ଡିକେ ମୁହାଁମୁହିଁ

ବେଙ୍ଗାଲୁରୁ, ୨୭।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଜାରି ଶୀତଳ ଯୁଦ୍ଧ ଖୋଲାଖୋଲି ଭାବେ ସାମ୍ନାକୁ ଆସିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଜାରି ଶୀତଳ ଯୁଦ୍ଧ ଆଜି ସର୍ବସମ୍ମୁଖକୁ ଆସିଯାଇଛି। ଦୁଇ ନେତାଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଶିବକୁମାର ଗୁରୁବାର ସକାଳେ ପୋଷ୍ଟ କରି ଲେଖି ଥିଲେ ଯେ ଆମ ଶବ୍ଦ ଦୁନିଆର ସବୁଠାରୁ ବଡ଼ ଶକ୍ତି। ବିଚାରପତି ହୁଅନ୍ତୁ ଅବା ରାଷ୍ଟ୍ରପତି କିମ୍ବା ମୁଁ ସମସ୍ତେ ନିଜ




ପ୍ରତିଶ୍ରୁତି ପାଳନ କରିବା ଉଚିତ। ଅନ୍ୟପଟେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପୋଷ୍ଟ କରି ଲେଖିଥିଲେ ଯେ ଶକ୍ତି କେବଳ ଶବ୍ଦରେ ନୁହେଁ, ବରଂ କାମ ଏବଂ ଜନତାଙ୍କ ପାଇଁ କରାଯାଇଥିବା ପ୍ରୟାସରେ ଥାଏ। ଲୋକଙ୍କ ପାଇଁ ବିଶ୍ୱକୁ ଉତ୍ତମ ବନାଇଲେ ଶବ୍ଦ ଶକ୍ତି ପାଲଟି ଯାଇଥାଏ। କର୍ଣ୍ଣାଟକ ଲୋକ ଯେଉଁ ଜନାଦେଶ ଦେଇଛନ୍ତି ତାହା କିଛି କ୍ଷଣ ଲାଗି ନୁହେଁ, ବରଂ ସମ୍ପୂର୍ଣ୍ଣ ୫ ବର୍ଷର ଦାୟିତ୍ୱ। କର୍ଣ୍ଣାଟକ ପାଇଁ ଆମର ପ୍ରତିଶ୍ରୁତି କୌଣସି ସ୍ଲୋଗାନ ନୁହେଁ, ବରଂ ସାରା ବିଶ୍ୱ ବୋଲି ସିଦ୍ଧରମେୟା ଲେଖିଛନ୍ତି। ଏହାକୁ ଶିବକୁମାରଙ୍କ ପୋଷ୍ଟର ଜବାବ ଭାବେ ଦେଖାଯାଉଛି।

ଡିକେଙ୍କ ସମର୍ଥକ ବିଧାୟକଙ୍କ ଅନୁଯାୟୀ ୨୦୨୩ରେ ସରକାର ଗଠନ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଢେଇ ବର୍ଷର ଡିଲ୍ ହୋଇଥିଲା। କିନ୍ତୁ ସିଦ୍ଧରମେୟାଙ୍କ ସମର୍ଥକ ଏହାକୁ ମାନୁନାହାନ୍ତି। ଗତ ୨୦ ତାରିଖରେ ଅଢେଇ ବର୍ଷର ଅବଧି ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ଷମତା ସନ୍ତୁଳନ ପାଇଁ ବୟାନବାଜି ଜାରି ରହିଛି। ଡିକେଙ୍କ ସମର୍ଥନରେ କିଛି ବିଧାୟକ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ କ୍ୟାବିନେଟ ଅଦଳବଦଳ ଚାହୁଁଛନ୍ତି। କିନ୍ତୁ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ବଦଳା ଯାଉ ବୋଲି ଡିକେ ଦାବି କରୁଛନ୍ତି। ଏହାକୁ ନେଇ ଡିକେ କଂଗ୍ରେସ ନେତୃତ୍ୱଙ୍କୁ ସଙ୍କେତ ଦେଇ ପ୍ରତିଶ୍ରୁତି ପାଳନ କରିବାକୁ କହିଥିଲେ।

ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

# କ୍ରିକେଟ ବେଟିଂରୁ ଲାଭ ଉପାର୍ଜନ ଅପରାଧ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ବେଟିଂ ର୍‍ୟାକେଟ ସମ୍ବନ୍ଧିତ ୬ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନେଟୱର୍କ ଅପରାଧ ଉପରେ ଛିଡ଼ା ହୋଇଥିଲା। ତେଣୁ ଏଥିରୁ ଉପାର୍ଜିତ ପ୍ରତ୍ୟେକ ଲାଭ ଅପରାଧ ବୋଲି ହାଇକୋର୍ଟ କହିଛନ୍ତି। କ୍ରିକେଟ ବେଟିଂ ସହ ଜଡ଼ିତ ମୁକେଶ କୁମାର, ଉମେଶ ଚୌଟାଲିଆ, ନରେଶ ବଂଶଲ, ଘନଶ୍ୟାମ ଭାଇ ପଟେଲ ଏବଂ ଅନ୍ୟମାନେ ଏହି ଆବେଦନ ଉପରେ ଆସିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ଅସ୍ଥାୟୀ ସମ୍ପତ୍ତି ଜବତ ଏବଂ ନୋଟିସକୁ ରଦ୍ଦ କରିବାକୁ ଦାବି କରାଯାଇଥିଲା। କ୍ରିକେଟ ବେଟିଂ ପିଏମଏଲଏରେ ଅପରାଧ ନୁହେଁ। ତେଣୁ ସମ୍ପତ୍ତିକୁ ବେଆଇନ ଧରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ରାୟ



ଦେଇ ହାଇକୋର୍ଟ କହିଥିଲେ ଯେ ଆବେଦନକୁ ଖାରଜ କରାଯାଉଛି। ଏହି ର୍‍ୟାକେଟ ଅପରାଧ ଉପରେ ତିଷ୍ଠି ଥିଲା। ଡିଜିଟାଲ ଠକେଇ, ଜାଲ୍ କେୱାଇସି, ହାୱାଲା ଚେନ୍ ଏବଂ ବିନା କାଗଜପତ୍ରରେ ସୁପର ମାଷ୍ଟର ଲଗ୍‌ଇନ ଆଇଡି ମୁଖ୍ୟ ଅପରାଧର ମୂଳଦୁଆ ଥିଲା। ଏହି ସବୁ ବିଷାକ୍ତ ଗଛ ଭଳି। ଗଛ ବିଷ ହୋଇଥିଲେ, ଫଳ କେମିତି ବୈଧ ହୋଇଯିବ। ତେବେ କୋର୍ଟ ବେଟିଂକୁ ବିଷାକ୍ତ ଗଛ କହିନାହାନ୍ତି। ପିଏମଏଲଏ ଅଧିନରେ ଏହା ଅପରାଧ ନୁହେଁ। ଠକେଇ, ଜାଲ୍ ପରିଚୟ ପତ୍ର, ହାୱାଲା, ଜାଲ୍ ସିମ ଆଧାରିତ ଡିଜିଟାଲ ନେଟୱର୍କ ବିଷାକ୍ତ ବିଷ ଭଳି। ଏହା ମାଧ୍ୟମରେ ସୁପର ମାଷ୍ଟର ଆଇଡି କ୍ରୟ ଏବଂ ର୍‍ୟାକେଟ ପରିଚାଳନା କରାଯାଉଥିଲା। ଏହା ମାଧ୍ୟମରେ ମାରୁତି ଅହମଦାବାଦ ନେଟୱର୍କ ୨୦୧୪ ଡିସେମ୍ବରରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୪୬୯ କୋଟି ଟଙ୍କା ଆୟ କରିଥିଲା। ଏଥିରୁ ୬୦ କୋଟି ଆବେଦନକାରୀଙ୍କ ପାଖରେ ପହଞ୍ଚି ଥିଲା। ତେଣୁ ଇଡି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ୧୫ ବର୍ଷ ପରେ ଚୀନ୍‌ରେ ରେଳ ଦୁର୍ଘଟଣା; ୧୧ ମୃତ

ବେଜିଂ, ୨୭ ।୧୧(ଏଜେନ୍ସି): ଚୀନର ଦାକ୍ଷିଣାତ୍ୟ ରାଜ୍ୟ ୟୁନାନ୍‌ରେ ଗୁରୁବାର ସକାଳେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୧ ଜଣ ରେଳବାଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ଜଣ ଆହତ ମଧ୍ୟ ହୋଇଛନ୍ତି। ଭୂକମ୍ପ ସହିତ ଜଡିତ କ୍ଷତିର ଯାଞ୍ଚ୍ କରାଯାଉଥିବା ବେଳେ ଟ୍ରେନ୍ ରେଳ କର୍ମଚାରୀଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣା କୁନମିଙ୍ଗ ସହରର ଲୁଓୟାଙ୍ଗଜେନ୍ ରେଳ ଷ୍ଟେସନରେ ଘଟିଥିଲା। ରେଳ କର୍ମଚାରୀମାନେ ଏକ ଟର୍ଣ୍ଣିଂ ଟ୍ରାକ୍‌ର ଅଂଶରେ କାର୍ଯ୍ୟ କରୁଥିଲେ। ଏତିକି ବେଳେ ଅଚାନକ ଟ୍ରେନ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ୧୫ ବର୍ଷ ପରେ ଏହାକୁ ଚୀନ୍‌ର ପ୍ରଥମ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। ଏହାପୂର୍ବରୁ ୨୦୧୧ରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ୪୦ ଲୋକ ମୃତ୍ୟୁବରଣ କରିଥିଲେ।

## ହାସିନାଙ୍କୁ ପୁଣି ୨୧ ବର୍ଷ ଜେଲ୍

ଢାକା, ୨୭ ।୧୧(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବାଂଲାଦେଶର ଏକ କୋର୍ଟ ଗୁରୁବାର ତାଙ୍କୁ ୩ଟି ଦୁର୍ନୀତି ମାମଲାରେ ୨୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାପୂର୍ବରୁ କୋର୍ଟ ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏଥର କୋର୍ଟ ତାଙ୍କୁ ସରକାରୀ ହାଉସିଂ ପ୍ରୋଜେକ୍ଟ ଓ ପୂର୍ବାଚଳ ପ୍ଲଟ୍ ଦୁର୍ନୀତିର ୩ଟି ମାମଲାରେ ଦଣ୍ଡିତ କରିଛନ୍ତି। ହସିନାଙ୍କ ପୁଅ ସଜିବ ୱାଜେଦ ଓ ଝିଅ ସାଇମା ୱାଜେଦଙ୍କୁ ମଧ୍ୟ ୫ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଯାଇଛି। ଏହି ମାମଲାରେ ବାକି ଅନ୍ୟ ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ୧୯ ଜଣଙ୍କୁ ଭିନ୍ନ ଭିନ୍ନ ଦଣ୍ଡାଦେଶ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ମଧ୍ୟ କରାଯାଇଛି। ହସିନାଙ୍କ ଉପରେ ଏକ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି। ଯଦି ସେ ଏହି ଜରିମାନ ଭରିବାରେ ସକ୍ଷମ ନ ହୁଅନ୍ତି ତେବେ ତାଙ୍କୁ ଅତିରିକ୍ତ ୧୮ ମାସ ଜେଲ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି। ତେବେ ହସିନା ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ସବୁ ଅଭିଯୋଗ ଭିତ୍ତିହୀନ, ଅମୂଳକ ଓ ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ ବୋଲି ହସିନା କହିଛନ୍ତି।

# ଇଣ୍ଡୋନେସିଆରେ ୩୦ ଦିନରେ ୧, ୪୦୦ ଭୂକମ୍ପ

ଜାକର୍ତ୍ତା, ୨୭ ।୧୧(ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାର ଆସେ ରାଜ୍ୟ ନିକଟରେ ସୁମାତ୍ରା ଦୀପରେ ୬.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିମି ତଳେ ଥିଲା। ଭୂକମ୍ପ ଦୃଷ୍ଟିକୋଣରୁ ସକ୍ରିୟ ଥିବା ଏହି ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଥିଲା। ସିନାବାଗର ପଶ୍ଚିମରୁ ୬୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଫଳରେ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଏଥିସହ ଇଣ୍ଡୋନେସିଆରେ ଗତ ୩୦ ଦିନ ମଧ୍ୟରେ ୬.୪ ତୀବ୍ରତା ପର୍ଯ୍ୟନ୍ତ ୧, ୪୦୦ଟି ଭୂକମ୍ପର ରେକର୍ଡ ହୋଇଛି ବୋଲି ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଓ ଭଲକାନୋ ଡିସ୍‌କଭରୀ ଡାଟା ତରଫରୁ କୁହାଯାଇଛି। ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରର ଚାରିପଟେ ଥିବା 'ରିଙ୍ଗ ଅଫ୍ ଫାୟାର' ଉପରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଭୂକମ୍ପ ହେଉଥିବା ସ୍ଥାନ ଉପରେ ସ୍ଥିତ। ଏହି ଅଞ୍ଚଳରେ ଥିବା ୧୫ଟି ବଡ଼-ବଡ଼ ଟେକ୍ଟୋନିକ ପ୍ଲେଟ ପରସ୍ପରକୁ ଧକ୍କା ଦେବା ସହ ଦୂରେଇ ମଧ୍ୟ ଯାଇଥାନ୍ତି। ବିଶ୍ୱର ୯୦ ପ୍ରତିଶତ ଭୂକମ୍ପ ଏହି ଅଞ୍ଚଳରେ ହିଁ ଆସିଥାଏ। ପ୍ରତିବର୍ଷ ଇଣ୍ଡୋନେସିଆରେ ଛୋଟବଡ଼ ଭୂକମ୍ପ ଆସିଥାଏ ଓ ଏହା କୌଣସି ବଡ଼ କଥା ନୁହେଁ। ସୁମାତ୍ରା ଦୀପ ତଳେ ଥିବା ଇଣ୍ଡୋ- ଅଷ୍ଟ୍ରେଲିଆନ ପ୍ଲେଟ ଧୀରେ-ଧୀରେ ଅର୍ଥାତ ପ୍ରତିବର୍ଷ ୫-୭ ସେଣ୍ଟିମିଟର ୟୁରେସିଆନ ପ୍ଲେଟ୍ ତଳକୁ ଧସିଯାଉଛି।



ଏହା ଦ୍ୱାରା ବହୁତ ଚାପ ସୃଷ୍ଟି ହୋଇଥାଏ। ଯେତେବେଳେ ଏହି ଚାପ ଏକଦମ ଆସିଛି ସେତେବେଳେ ଭୂକମ୍ପ ଆସିଥାଏ। ପୁଣି ସୁମାତ୍ରାରେ ଗ୍ରେଟ୍ ସୁମାତ୍ରା ଫଲ୍ଟ ନାମକ ଏକ ବଡ଼ ଫାଟ ମଧ୍ୟ ରହିଛି। ଏହା ଫଳରେ ପ୍ରାୟ ଭୂକମ୍ପର ଝଟ୍‌କା ଆସିଥାଏ। ଗତ କିଛିଦିନ ମଧ୍ୟରେ ଆସିଥିବା ୬.୬ ଓ ୬.୩ ତୀବ୍ରତାର ଭୂକମ୍ପ ଏହି କାରଣରୁ ହିଁ ଆସିଥିଲା। ପୂର୍ବରୁ ୨୦୦୪ରେ ସୁମାତ୍ରା ନିକଟରେ ୯.୧ ତୀବ୍ରତାର ଏକ ବଡ଼ ଭୂକମ୍ପ ଆସିଥିଲା ଓ ଏଥିରେ ୨ ଲକ୍ଷ ୩୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏଥର କିନ୍ତୁ ୧୦ କିମି ଗଭୀରରେ ଭୂକମ୍ପର କେନ୍ଦ୍ର ଥିଲା। ଏଥିପାଇଁ ଭୂମି ଜୋରରେ ଥରି ଉଠିଥିଲା। କିନ୍ତୁ ସୁନାମୀର କୌଣସି ବିପଦ ନ ଥିଲା। କିଛିଦିନ ତଳେ ଆସିଥିବା ଘୂର୍ଣ୍ଣିବାତ୍ୟା ଓ ବନ୍ୟାରେ ଇଣ୍ଡୋନେସିଆରେ ବହୁତ କ୍ଷୟକ୍ଷତି ହୋଇଛି। ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଭୂକମ୍ପର ଝଟ୍‌କା ବାରମ୍ବାର ଆସୁଥିବାରୁ ଲୋକେ ବହୁତ ଭୟଭୀତ ଅବସ୍ଥାରେ ଅଛନ୍ତି। ଆଗକୁ ଆହୁରି ମଧ୍ୟ ଭୂକମ୍ପ ଝଟ୍‌କାର ଆଶଙ୍କା ରହିଛି ବୋଲି ବୈଜ୍ଞାନିକମାନ କହିଛନ୍ତି। ଇଣ୍ଡୋନେସିଆରେ ଭୂକମ୍ପ ଓ ବନ୍ୟା ପ୍ରତିବର୍ଷ ଆସିଥାଏ। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ବର୍ଷା ଓ ଭୂକମ୍ପର ପ୍ରଭାବ ବଢ଼ିବାରେ ଲାଗିଛି ବୋଲି କୁହାଯାଉଛି।

# ଇମ୍ରାନ୍‌ଙ୍କୁ ନେଇ ଥମୁନି ଚର୍ଚ୍ଚା



ଇସଲାମାବାଦ୍, ୨୭ ।୧୧(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଥମୁନାହିଁ। ୨୦୨୩ ଅଗଷ୍ଟରେ ତାଙ୍କୁ ରାୱଲପିଣ୍ଡିର ଅଡିଆଲ ଜେଲ୍‌ରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଅଛି ବୋଲି କେତେକ ଗଣମାଧ୍ୟମ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଗତ ୩ ସପ୍ତାହ ହେବ ଇମ୍ରାନଙ୍କ ୩ ଭଉଣୀ ତାଙ୍କୁ ଭେଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଜେଲ ପ୍ରଶାସନ ସେମାନଙ୍କୁ ଅନୁମତି ଦେଉନାହିଁ। ଫଳରେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ବୋଲି ଅନୁମାନ କରାଯିବା ସହ ଗୁଜବ ପ୍ରସାରିତ ହୋଇଛି। ଇମ୍ରାନଙ୍କ ଭଉଣୀମାନେ ସତ କହିବାକୁ ଦାବି କରିଛନ୍ତି। ଏ ନେଇ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା ଫଳରେ ଜେଲ ପ୍ରଶାସନ ତାଙ୍କ ସ୍ୱାସ୍ଥ୍ୟ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଇମ୍ରାନ ପୂରା ଠିକ୍ ଅଛନ୍ତି ବୋଲି ଜେଲ ପ୍ରଶାସନ କହିଛି। ଇମ୍ରାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍ (ପିଟିଆଇ) ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଚାରିତ ହେଉଥିବା ଗୁଜବ ବିଷୟରେ ସ୍ପଷ୍ଟୀକରଣ ମାଗିଛି। ସେହିପରି ପରିବାରର ଲୋକଙ୍କ ସହ ଇମ୍ରାନଙ୍କୁ ସକ୍ଷାତ କରାଇବାର ବ୍ୟବସ୍ଥା କରିବାକୁ ମଧ୍ୟ ପାର୍ଟି ଦାବି କରିଛି। ଯଦି ଇମ୍ରାନଙ୍କର କିଛି ହୁଏ ତେବେ ତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପାର୍ଟି ତରଫରୁ କୁହାଯାଇଛି। ପୂର୍ବରୁ ଜେଲ୍ ବାହାରେ ଧାରଣାରେ ବସିଥିବା ଇମ୍ରାନଙ୍କ ଭଉଣୀମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା। ଗତ ଦୁଇବର୍ଷ ହେବ ସେ ଜେଲ୍‌ରେ ବନ୍ଦ ଅଛନ୍ତି। ଇସଲାମାବାଦ ହାଇକୋର୍ଟ ମଧ୍ୟ ଇମ୍ରାନଙ୍କୁ ତାଙ୍କ ପରିବାର ସହ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। ଏହା ସତ୍ତ୍ୱେ ଜେଲ ପ୍ରଶାସନ ଅନୁମତି ଦେଉନାହିଁ ବୋଲି ଅଭିଯୋଗ ହେଉଛି।



ବିଧାନସଭାରେ ଅଭିଭାଷଣ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ



ଏକ ବିଶେଷ ମୁହୂର୍ତ୍ତରେ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ଆଜିଠୁ ଖୋଲିବ ମଣ୍ଡି

# ଏଯାଏ ମିଳିନି ଟୋକନ୍

ଭୁବନେଶ୍ୱର/ବରଗଡ଼, ୨୭ ।୧୧(ସମିସ): ଚଳିତ ଖରିଫ୍ ଋତୁର ଧାନକିଣା ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନରେ ବରଗଡ଼ ସମେତ ସମ୍ବଲପୁର ଜିଲ୍ଲାରୁ ଧାନ କିଣା ହେବ। ମାତ୍ର, ଏଯାଏ ଚାଷୀଙ୍କୁ ଟୋକନ୍ ମିଳିନାହିଁ। ତେଣୁ, ଆସନ୍ତାକାଲିଠାରୁ ଧାନକିଣା ଆରମ୍ଭ ହେବ ନା ନାହିଁ, ସେ ସମ୍ପର୍କରେ କୌଣସି ସ୍ୱଷ୍ଟତା ନ ଥିବାରୁ ସରକାରଙ୍କଠାରୁ ସ୍ୱଷ୍ଟୀକରଣ ଦାବି କରି ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରୁ ଶୁକ୍ରବାରଠାରୁ ଧାନ କିଣା ପାଇଁ ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ଧାନ ବିକିବା ପାଇଁ ଚାଷୀଙ୍କୁ ଟୋକନ୍ ଦିଆଯାଇନାହିଁ। ଚାଷୀମାନେ ବିଭିନ୍ନ ମଣ୍ଡିରେ ହଜାରହଜାର କ୍ୱିଣ୍ଟାଲ୍ ଧାନ ଗଦା କଲେଣି। ମାତ୍ର କେବେ ସୁଦ୍ଧା ଚାଷୀଙ୍କୁ ଟୋକନ୍ ଦେଇ ଧାନ କିଣା ଆରମ୍ଭ କରିବେ, ସେନେଇ ସରକାର କୌଣସି ସ୍ୱଷ୍ଟ ସୂଚନା ଦେଉନାହାନ୍ତି। ଯାହାର ସୁଯୋଗ ନେଇ ଜିଲ୍ଲାରେ ଧାନ ମାଫିଆ ମାତିଲେଣି। ଚାଷୀଙ୍କ



ବରଗଡ଼ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର

ଆବଶ୍ୟକତା ଥିବାରୁ ସେମାନେ ବାଧ ହୋଇ ଦଲାଲମାନଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୧୫ରୁ ୧୬ଶହ ମଧ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଅନୁରୂପ ଭାବେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ପାଇଁ ବହୁ ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି। ସାର ଏବଂ ଉନ୍ନତ ବିହନ ଏବଂ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଅମଳ ହେଉଥିଲେ ମଧ୍ୟ ବଳକା ଧାନ କିଣିବାକୁ ସରକାର ବ୍ୟବସ୍ଥା କରି ନଥିବାରୁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଣୁ, ବଳକା ଧାନକିଣା ବ୍ୟବସ୍ଥା କରିବା ସହ ଧାନକିଣା ସମ୍ପର୍କରେ ସ୍ୱଷ୍ଟୀକରଣ ରଖିବାକୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟଥା ବଡ଼ଧରଣର ଚାଷୀ ଆନ୍ଦୋଳନ କରିବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅନୁରୂପ ଭାବେ ସମ୍ବଲପୁର ଜିଲ୍ଲାରେ ମଧ୍ୟ ସମାନ ଅବ୍ୟବସ୍ଥା ଲାଗି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତାକାଲିଠାରୁ ଧାନକିଣା ସ୍ୱାଭାବିକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ କୃଷକ ସଂଗଠନ ଚେତାବନୀ ଦେଇଛନ୍ତି।

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଝଟ୍‌କା

# ବିଧାୟକ, ସାଂସଦଙ୍କ ସୁପାରିସରେ ଶିକ୍ଷକ ବଦଳି ନିଷ୍ପତ୍ତି ରଦ୍ଦ

କଟକ, ୨୭।୧୧(ସମିସ): ବିଧାୟକ ଓ ସାଂସଦମାନଙ୍କ ସୁପାରିସ ଭିତ୍ତିରେ ଶିକ୍ଷକ ବଦଳି ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଲାଗିଛି ହାଇକୋର୍ଟଙ୍କ ଝଟ୍‌କା। ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ବିଧାୟକ ଓ ସାଂସଦ ସୁପାରିସ୍ କରିବା ସମ୍ପର୍କିତ ନିଷ୍ପତ୍ତି ତଥା ଗତ ମେ’ ୧୩ରେ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଜାରି ହୋଇଥିବା ଚିଠିକୁ ହାଇକୋର୍ଟ ଆଜି ରଦ୍ଦ କରିଦେଇଛନ୍ତି। ଫକିର ମହାନନ୍ଦ, ରାହୁଲ ତ୍ରିପାଠୀ ଓ ଅନ୍ୟ ଶିକ୍ଷକମାନଙ୍କ ତରଫରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି। ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ, ସେମାନଙ୍କ ବଦଳି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। ବିଶେଷକରି ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ଷମତା ଦ୍ୱାରା ଶିକ୍ଷକ ଗୋଷ୍ଠୀ ସହ ରାଜନୈତିକ ଦଳ ଓ ବ୍ୟକ୍ତିଙ୍କ ମଧ୍ୟରେ ଏକ ମେଣ୍ଟ ସୃଷ୍ଟି ହେବ, ଯାହା ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ଯେଉଁ ଆବେଦନକାରୀ ଶିକ୍ଷକମାନେ ଅନ୍ତରୀଣ ରହିତାଦେଶ ବଳରେ ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ସେମାନେ ଏବେ ସେହିଠାରେ କାର୍ଯ୍ୟ କରିବେ। ତେବେ ଉକ୍ତ ସୁପାରିସ ଆଧାରରେ ଯେଉଁମାନଙ୍କ ବଦଳି ହୋଇଛି ଓ ସେମାନେ ନୂତନ ସ୍ଥାନରେ ଯୋଗ ଦେଇସାରିଛନ୍ତି, ସେମାନେ ୨୦୨୫-୨୬ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିବେ। ଏହାର ଏକ ସପ୍ତାହ ମଧ୍ୟରେ ସେହି ଶିକ୍ଷକମାନଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ସ୍ୱଷ୍ଟ କରିଛନ୍ତି। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଟି. ସୁବ୍ରମଣ୍ୟମ ବନାମ କର୍ଣ୍ଣାଟକ ସରକାରଙ୍କ ରାୟକୁ ଉପସ୍ଥାପନ କରାଯାଇଥିଲା। ଏହି ରାୟଅନୁସାରେ, କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଲେ ମନ୍ତ୍ରୀମାନେ ମଧ୍ୟ ଏଭଳି ବଦଳି କରିବାର କ୍ଷମତା ଧାରଣ କରିନାହାନ୍ତି ବୋଲି ସ୍ୱଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଗତ ମେ’ ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲା ସ୍ତରୀୟ ବଦଳି କମିଟି (ଡିଏଲଟିସି)କୁ ମେ’ ୧୫ରୁ ଜୁନ୍ ୫ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ ଶିକ୍ଷକମାନଙ୍କୁ ମଧ୍ୟ ଅନୁରୂପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସକ୍ରମେ ବଦଳି କରାଯାଇଥିଲା। ଏପରିକି, ଆବେଦନକାରୀଙ୍କୁ ୧୦୦କି.ମି ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପୁରୁଷୋତ୍ତମ ଚୁଳି, ରାମଦାସ ଆଚାରି, ସୁକାନ୍ତ ଦଳାଇ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

### ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳିରେ ବିଳମ୍ବ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଧମକ

ଭୁବନେଶ୍ୱର, ୨୭ ।୧୧(ସମିସ): ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଚଳିତ ବର୍ଷ ଅହେତୁକ ବିଳମ୍ବ ହୋଇଛି। ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି। ହେଲେ, ଚଳିତବର୍ଷ ସେମାନଙ୍କୁ ଅଣଦେଖା କରି ଅନ୍ୟ ଶିକ୍ଷକଙ୍କର ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏପରିକି, ଆବେଦନକୁ ଦୀର୍ଘ ୬ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବଦଳି ନିୟମର ଏହା ଖୋଲା ଉଲ୍ଲଂଘନ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ଆଳ ଦେଖାଇ ସେମାନଙ୍କର ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନଥିବା ସଂଘ ଅଭିଯୋଗ କରିଛି। ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରାଥମିକ ଦମ୍ପତି ଶିକ୍ଷକଙ୍କ ବଦଳି ହୋଇସାରିଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ କାହିଁକି ବିଳମ୍ବ କରାଯାଉଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ୧୦ ଦିନ ମଧ୍ୟରେ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅନ୍ୟଥା ଆବେଦନ କରିଥିବା ପ୍ରାୟ ୨ଶହରୁ ଅଧିକ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ସପରିବାର ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

# ୩ ଦିନିଆ ସିବିଆଇ ରିମାଣ୍ଡରେ ୪ ମଧ୍ୟସ୍ଥ

ଭୁବନେଶ୍ୱର,୨୭।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ଜଣ ମଧ୍ୟସ୍ଥଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇଛି। ଏହି ମଧ୍ୟସ୍ଥମାନେ ହେଲେ, ବିଶ୍ୱରଞ୍ଜନ ବେହେରା, ଲୋକନାଥ ସାହୁ, ଫଲିମ୍ ଅହମ୍ମଦ ଖାନ୍ ଏବଂ ବିଶ୍ୱରଞ୍ଜନ ହରିଶ୍ଚନ୍ଦନ। ଏମାନଙ୍କୁ ରିମାଣ୍ଡରେ ନେବା ପାଇଁ ସକାଳୁ ସିବିଆଇ ଟିମ୍ ଝାରପଡ଼ା ଜେଲରେ ପହଞ୍ଚିଥିଲା। ସବୁ ଔପଚାରିକତା ଶେଷ କରିବା ପରେ ୪ ଜଣଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏମାନଙ୍କୁ ସିବିଆଇର ସ୍ୱତନ୍ତ୍ର ଟିମ୍ ଦିନତମାମ ଜେରା କରିଥିଲା। ଚାକିରି ବିକ୍ରି ସିଣ୍ଡିକେଟ୍ ସମ୍ପର୍କରେ ଏମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି।

ମିଳିଥିବା ସୂଚନା ମୁତାବକ, ସିବିଆଇ ପରୀକ୍ଷା ଚାକିରି ବିକ୍ରି କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପ୍ରତ୍ୟେକ ସଦସ୍ୟମାନଙ୍କୁ ଧରିବାକୁ ଏକ ଫୁଲ୍‌ପ୍ରୁଫ୍ ଯୋଜନା ପ୍ରସ୍ତୁତ କରିଛି। ଅଭିଯୁକ୍ତମାନଙ୍କୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମ ଶ୍ରେଣୀରେ ରହିଛନ୍ତି ଚାକିରି ଆଶାୟୀ, ଯେଉଁମାନେ ଟଙ୍କା ଖର୍ଚ୍ଚ କରି ଚାକିରି ପାଇବାକୁ ଯୋଜନା କରିଥିଲେ। ୬ଦିନ ଧରି ଏମାନଙ୍କୁ ଜେରା କରାଗଲା। ଏହାପରେ ଏମାନଙ୍କଠାରୁ ଯାହା କିଛି ତଥ୍ୟ ମିଳିଲା, ତାହାକୁ ଆଧାର କରି ଦ୍ୱିତୀୟ ଶ୍ରେଣୀରେ ଥିବା ମଧ୍ୟସ୍ଥଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି। ଏମାନଙ୍କଠାରୁ କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏହାପରେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବେ ସିଣ୍ଡିକେଟ୍ ଜଣେ ଜଣେ ସଦସ୍ୟ। ଏଣୁ ସିବିଆଇ ତଦନ୍ତ ପ୍ରକ୍ରିୟା ତଳୁ ଉପର ଆଡ଼କୁ ଯାଉଛି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ରିମାଣ୍ଡରେ ଆସିଥିବା ଅଭିଯୁକ୍ତମାନେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ସେମାନଙ୍କୁ ଜେରା ପାଇଁ ସ୍ୱତନ୍ତ୍ର ଗୃହକୁ ନିଆଯାଇଥିଲା। ହେଲେ ଏହି ଗୃହରେ ୬ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ଏକଲା ଛାଡ଼ି ଦିଆଯାଇଥିଲା। ଗୋଟିଏ ବି ପ୍ରଶ୍ନ ନ ପଚାରି ଦୂରରୁ ସେମାନଙ୍କ ହାବଭାବକୁ ଯାଞ୍ଚ କରୁଥିଲେ ସିବିଆଇ ଅଧିକାରୀ। ଏକୁଟିଆ ଘଣ୍ଟାଘଣ୍ଟା ଧରି ବସିବା ପରେ ଅଭିଯୁକ୍ତମାନେ ଛାନିଆ ହୋଇଯାଇଥିଲେ। ଯିଏ ମାନସିକସ୍ତରରେ ଭାଙ୍ଗି ପଡୁଥିଲା ଏବଂ ସିବିଆଇ ଆଗରେ ସବୁ କିଛି ମାନିଯିବ ବୋଲି ବିଶ୍ୱାସ ହୋଇଥିଲା, ସେମାନଙ୍କୁ ହିଁ ଜେରା ଆରମ୍ଭ କରାଯାଉଥିଲା। ସେମାନଙ୍କୁ ଆରମ୍ଭ ହେଉଥିଲା ପ୍ରକୃତ ଜେରା। ଗୋଟିଏ ପରେ ଗୋଟିଏ ପଶ୍ନ ପଚରାଯାଉଥିଲା।

ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଯାଇଥିଲେ ରିମାଣ୍ଡରେ ଥିବା ଅଭିଯୁକ୍ତମାନେ। କେତେବେଳେ କାହାକୁ ଏକୁଟିଆ ଜେରା କରାଯାଉଥିଲା ତ ପୁଣି କେତେବେଳେ କଥା ନମିଶିବାରୁ କେତେବେଳେ ଏମାନଙ୍କୁ ଏକତ୍ର ଜେରା କରାଯାଉଥିଲା। ସିବିଆଇର ଗୋଟିଏ ଉଦ୍ଦେଶ୍ୟ ଥିଲା କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ନାଁ ସାମ୍ନାକୁ ଆଣିବା ଏବଂ ଏମାନଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱରଞ୍ଜନ ବେହେରା ଏବଂ ଲୋକନାଥ ସାହୁଙ୍କୁ ଜେରା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ରାକେଟ୍‌ର ଟଙ୍କା କାରବାର ଉପରୁ ପରଦା ହଟାଇବା। ନିଲମ୍ବିତ କନ୍‌ଷ୍ଟେବଲ ବିଶ୍ୱରଞ୍ଜନ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ସିବିଆଇକୁ କହିଛନ୍ତି ବୋଲି ଜଣାପଡ଼ିଛି। ସେ ସିବିଆଇ ଆଗରେ ବହୁ ଗୁମର ଖୋଲିଛନ୍ତି। ତାଙ୍କ ଘର ବାରଙ୍ଗ ଥାନା ଅଞ୍ଚଳରେ। ଚାକିରି କରିବାର କିଛି ବର୍ଷ ପରେ ସେ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍ ସଂସ୍ପର୍ଶରେ ଆସିଥିଲେ। ବିଶ୍ୱରଞ୍ଜନ ବହୁ ମଧ୍ୟସ୍ଥଙ୍କ ସହ ଯୋଗାଯୋଗରେ ଥିଲେ। ସେ ୧୧୪ ଆଶାୟୀଙ୍କଠାରୁ ସାର୍ଟିଫିକେଟ୍ ଏବଂ ଚେକ୍ ସଂଗ୍ରହ କରିଥିଲେ। ଏହା ବଦଳରେ ସେ ପ୍ରଶ୍ନପତ୍ର ପ୍ରଦାନ କରିଥିଲେ।

# ଟ୍ରେଡିଂ ଆଳରେ ୫୦ କୋଟି ଠକେଇ

ସମ୍ବଲପୁର, ୨୭।୧୧(ସମିସ): ‘ମୁଁ ଆଇଟି ଏକ୍ସପର୍ଟ। ଟ୍ରେଡିଂ କ୍ଷେତ୍ରରେ ବହୁବର୍ଷ ହେଲାଣି କାମ କରୁଛି। ମୋତେ ଟଙ୍କା ଦିଅ, ପ୍ରଥମ ମାସରେ ମୂଳଧନର ୧୦ ପ୍ରତିଶତ ଦେଇଦେବି। ୬ମାସ ପରେ ବଡ଼ ଆକାରରେ ଟଙ୍କା ଫେରାଇଦେବି। ବ୍ୟାଙ୍କ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ବିନିଯୋଗ କଲେ, ଏତେ ଲାଭ ପାଇବେନି। ମୋତେ ଟଙ୍କା ଦେଲେ କୋଟିପତି ହେବେ।’ ଏପରି ଲୋଭ ଦେଖାଇ ୫୦ କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତଙ୍କୁ ସମ୍ବଲପୁର ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲା, କ୍ଷେତରାଜପୁର ଥାନା ଚନ୍ଦନ ନଗରର ମଧୁସୂଦନ ବରାଇ(୩୬)କୁ ଗିରଫ କରିଛି। ମଧୁସୂଦନ ସଦର ଥାନା ଏନ୍‌ଏସ୍‌ସିବି କଲେଜ ଛକରେ ‘ଏ ଆଣ୍ଡ ଏ’ ଇଣ୍ଟରପ୍ରାଇଜେସ୍ ଇନ୍‌ଭେଷ୍ଟମେଣ୍ଟ ରିଟର୍ନ୍ସ ନାମକ ଏକ ସଂସ୍ଥା ଖୋଲି ଏପରି କାରବାର ଚଳାଇଥିଲା ବୋଲି ସମ୍ବଲପୁର ଏସପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ପ୍ରାୟ ୪୭ଜଣ ଲୋକଙ୍କ ପାଖରୁ ଲକ୍ଷାଧିକ ମୋଟ ୫୦କୋଟି ଟଙ୍କା ଠକେଇ ହୋଇଥିବା ପୁଲିସ ଅନୁମାନ କରିଛି। ପୁଲିସ ତା’ ନିକଟରୁ ଗୋଟିଏ ମୋବାଇଲ, ୬ଟି ସିପିୟୁ, ୬ଟି ମନିଟର୍, ଗୋଟିଏ ପ୍ରିଣ୍ଟର୍, ୫ଟି କି-ବୋର୍ଡ ସହ ୫ଟି ମାଉସ ଜବତ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୦କୋଟିର ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ବାବଦରେ ପୁଲିସ ସୂଚନା ପାଇଛି। ଅଭିଯୁକ୍ତ ପୂର୍ବରୁ ଓଡ଼ିଶା ବାହାରେ ଏକ କମ୍ପାନୀର ଆଇଟି ସେକ୍ଟରରେ କାମ କରୁଥିଲା। ପରେ ଚାକିରି ଛାଡ଼ି ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିଥିଲା। ନିଜର ଡିମାଟ୍ ଆକାଉଣ୍ଟରେ ଲୋକଙ୍କ ଟଙ୍କା ଆଣି ବିନିଯୋଗ କରୁଥିଲା। ଗ୍ରାହକ ଦେଉଥିବା ଟଙ୍କାକୁ ରଖିବା ପରେ ସେମାନଙ୍କୁ ବଣ୍ଡ ପେପର୍ ମଧ୍ୟ ଦେଉଥିଲା। କିଛି ଲୋକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟଙ୍କା ଫେରାଇଥିବା ମଧ୍ୟ ସୂଚନା ରହିଛି। ଏଥିରେ ତାକୁ ଆଉ କିଛି ଯୁବକ ସହଯୋଗ କରୁଥିଲେ। ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି। ସେହିଭଳି, କେଉଁ ପରିସ୍ଥିତିରେ ଲୋକମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପାଇଁ ଦେଉଥିଲେ, ତାହା ଅଭିଯୁକ୍ତ ମଧୁସୂଦନକୁ ରିମାଣ୍ଡରେ ଆଣିଲେ ଜଣାପଡ଼ିବ ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି।

### ପ୍ରେମ ପାଇଁ ସାତଦରିଆ ପାରି

# ଓଡ଼ିଆ ବୋହୂ ହେଲେ ସ୍ଲୋଭାକିଆ ଯୁବତୀ

ପାରଳାଖେମୁଣ୍ଡି, ୨୭ ।୧୧ (ସମିସ): ପ୍ରେମ ମାନେନାହିଁ ସୀମା ସରହଦ, ବନ୍ଧବାଡ଼। ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଲୋଭାକିଆର ଜଣେ ଯୁବତୀ। ପ୍ରେମ ପାଇଁ ସେ ସାତଦରିଆ ପାର ହୋଇ ଓଡ଼ିଶାରେ ପାଦ ଥାପିଛନ୍ତି। ହିନ୍ଦୁ ରୀତିନୀତିରେ ଜଣେ ଓଡ଼ିଆ ଯୁବକଙ୍କୁ ବିବାହ କରି ଓଡ଼ିଶାର ବୋହୂ ହୋଇଛନ୍ତି। ସେ ହେଲେ, ୟୁରୋପୀୟ ଦେଶ ସ୍ଲୋଭାକିଆର ଯୁବତୀ ଏନା। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମଲିଙ୍ଗେଶ୍ୱର ମନ୍ଦିରରେ ସେ ପାରଳାଖେମୁଣ୍ଡିର ରାଜୀବ ମିଶାଲଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

ରାଜୀବ ସିଙ୍ଗାପୁରରେ କାମ କରନ୍ତି। ଏକ ହସ୍ପିଟାଲରେ ଏନାଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ବର୍ଷ ଧରି ରାଜୀବଙ୍କ ସଂସ୍ପର୍ଶରେ ରହିବା ପରେ ଏନା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଭଲ ପାଇ ବସିଥିଲେ। ଏ ସଂପର୍କରେ ଉଭୟ ନିଜ ନିଜ ପରିବାରଲୋକଙ୍କ ସହ ଆଲୋଚନା କରିବା ପରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ ରାମଲିଙ୍ଗେଶ୍ୱର ମନ୍ଦିରରେ ହିନ୍ଦୁ ରୀତିନୀତିରେ ଦୁହିଁଙ୍କ ବିବାହ ସଂପନ୍ନ ହୋଇଥିଲା। ରାଜୀବଙ୍କ ପରିବାରଲୋକ ଏନାଙ୍କ ନାମକୁ ଭାରତୀୟ ନାମ ଅନୁସାରେ ଅନନ୍ୟା ଦେଇଛନ୍ତି। ଏହି ବିବାହ ଉତ୍ସବରେ ଉଭୟ ପକ୍ଷର ସମସ୍ତ ବନ୍ଧୁବାନ୍ଧବ ଓ ପ୍ରିୟଜନ ଉପସ୍ଥିତ ଥିଲେ।



### ପାଟଣାରେ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ବିରୋଧ ଜାରି

# ରାତିଅଧରେ ପୁଲିସ-ଗ୍ରାମବାସୀ ହାତାହାତି

କେନ୍ଦୁଝର, ୨୭।୧୧ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ଲୋକ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ସ୍ଥିତି ଏବେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଗତ ରାତିରେ କାରଖାନା ବିରୋଧୀ ମଞ୍ଚର ୬ନେତାଙ୍କୁ ଗିରଫ କରିବାକୁ ଯାଇଥିବା ପୁଲିସକୁ ଗ୍ରାମବାସୀଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି। ଉତ୍ତ୍ୟକ୍ତ ଗ୍ରାମବାସୀମାନେ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇ ପୁଲିସ୍‌କୁ ଗାଁ ଦାଣ୍ଡରେ ଅଟକ ରଖିଥିଲେ। ପୁଲିସ-ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ତେବେ ସ୍ଥିତି ଜଟିଳ ହେବାରୁ ପୁଲିସ ମୃଦୁ ଲାଠିଚାଳନା କରି ଗ୍ରାମବାସୀଙ୍କୁ ଘଉଡ଼ାଇଥିଲା। ଏଥିରେ ଜଣେ ମହିଳା ପୁଲିସ ଓ କିଛି ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି। ପରେ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା। ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମରେ ଏହି ଘଟଣା ଘଟିଛି। ଗିରଫ ଅଭିଯୁକ୍ତମାନେ ହେଲେ, କାରଖାନା ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବନାନନ୍ଦ ସର୍ଦ୍ଦାର, ମଞ୍ଚର





ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବୀରେନ୍ଦ୍ର ମହାକୁଡ଼। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି।

ଅପରପକ୍ଷେ, ଏହି ୬ ଜଣଙ୍କ ଗିରଫଦାରୀ ପ୍ରତିବାଦରେ ଆଜି ସକାଳ ପ୍ରାୟ ୧୦ଟାରେ ପ୍ଲାଣ୍ଟ ପ୍ରଭାବିତ ୧୨ଟି ଗାଁର ପ୍ରାୟ ୨ ହଜାର ମହିଳା ପୁରୁଷ ଏକାଠି ହୋଇ ହାତୀବାରି ଛକ ନିକଟରୁ ଏକ ରାଲିରେ ବାହାରିଥିଲେ। ତୁରୁମୁଙ୍ଗା ଥାନାଠାରୁ ୫ଶହ ମିଟର ଦୂରରେ ପୁଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ତୁରୁମୁଙ୍ଗା ସର୍ଭିସ୍ ରୋଡ୍‌ରେ ଧାରଣା ଦେଇଥିଲେ। ଚାଷଜମିରେ ପ୍ଲାଣ୍ଟ ନିର୍ମାଣ ବନ୍ଦ, ପୋସ୍କୋ ସହ ଏମଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟା ମାଟି ଛାଡ଼ିବୁ ନାହିଁ ଆଦି ଲେଖାଥିବା ପ୍ଲା’-କାର୍ଡ ଧରି ଧାରଣାରେ ବସିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଆନ୍ଦୋଳନକାରୀମାନେ ଧାରଣରୁ ଉଠିଥିଲେ।

ସୂଚନାନୁଯାୟୀ, ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ଦୁଇଟି କମ୍ପାନୀ ମିଳିତ ଭାବେ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛନ୍ତି। ଏହାକୁ କାରଖାନା ପ୍ରତିରୋଧ

- ଲାଠିଚାର୍ଜ କରି ମୁକୁଳିଲା ପୁଲିସ
- ଗିରଫଦାରୀ ପ୍ରତିବାଦରେ ରାସ୍ତାରେ ଧାରଣା
- ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନିସର୍ତ୍ତ ଖଲାସ ଦାବି

ମଞ୍ଚ ବିରୋଧ କରିଆସୁଛି। ବେଣୁଧର ମଞ୍ଚର ସଂପାଦକ। କିଛି ଦିନ ତଳେ ଚେମଣା ଗ୍ରାମର ପ୍ରତାପ ଦାସ ସହ ୨ଜଣଙ୍କୁ ଅତର୍କିତ ଆକ୍ରମଣ ସହ ତାଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଇଯିବା, ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏନେଇ ନମ୍ବର ୨୬୫/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଗତ ରାତିରେ ଯମୁନାପଶି ଗାଁକୁ ଯାଇଥିଲା। କିନ୍ତୁ, କାରଖାନା ପ୍ରତିରୋଧ ମଞ୍ଚର ସ୍ୱରକୁ ଦବାଇବା ପାଇଁ ପୁଲିସ ଏଭଳି ମିଛ ମାମଲା କରି ଏହାର ସଦସ୍ୟଙ୍କୁ ଗିରଫ କରୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ପୁଲିସର ବାଟ ଉଗାରିଥିଲେ। ଏହାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ହୋଇଥିଲା।

ଅପରପକ୍ଷେ, ମଞ୍ଚର ଉପଦେଷ୍ଟା ତଥା ଏଆଇକେକେଏମଏସ୍ ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଓ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ପୁଲିସର ଏଭଳି ଦମନକାରୀ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି। ଅବିଳମ୍ବେ ବିନା ସର୍ତ୍ତରେ ପ୍ରତିରୋଧ ମଞ୍ଚର ସଦସ୍ୟମାନଙ୍କୁ ଖଲାସ କରିବାକୁ ସେମାନେ ଦାବି କରିନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ କାରଖାନା ପ୍ରସ୍ତାବିତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ତୀକ୍ଷ୍ଣ ନଜର ରଖିଛି।

## ବିଧାନସଭାରେ ରାଷ୍ଟ୍ରପତି

# ସ୍ମୃତି ସାଉଁଟିଲେ, ବିଧାୟକଙ୍କ ସହ ଫଟୋ ଉଠାଇଲେ



ଭୁବନେଶ୍ୱର,୨୭।୧୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଓଡ଼ିଶା ବିଧାନସଭା ଗସ୍ତରେ ଆସିବା ସହ ଗୃହକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ବିଧାନସଭା ପରିସରରେ ନିଜର ପୁରୁଣା ଦିନର ସ୍ମୃତି ସାଉଁଟୁଥିବାରୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ତଥା ପୂର୍ବତନ ବିଧାୟକଙ୍କ ସହ ଫଟୋ ଉଠାଇବା ସହ ରାଷ୍ଟ୍ରପତି ଏକଦା ବସୁଥିବା ୧୧ ନମ୍ବର ରୁମକୁ ଯାଇ ନିଜର ପୁରୁଣା ଦିନର ସ୍ମୃତିକୁ ସାଉଁଟିଥିଲେ।

ଆଜି ଅପରାହ୍ନରେ ବିଧାନସଭାରେ ରାଷ୍ଟ୍ରପତି ପହଞ୍ଚିବା ପରେ ପ୍ରଥମେ ଏକ ଫଟୋ ସେସନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଧାନସଭାର ସମସଲ୍ତ ସଦସ୍ୟଙ୍କ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଦାନ ଓ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ବହୁ ପୁରୁଣା ବିଧାୟକ ତଥା ଏବର ବିଧାୟକ ତାଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରୁଥିବାର ଦେଖିବାକୁ ମିଳିଥିଲା। ଫଟୋ ସେସନ ସରିବା ପରେ ରାଷ୍ଟ୍ରପତି ଗୃହକୁ ପ୍ରବେଶ କରିବା ସହ ନିଜର ସମ୍ବୋଧନ ରଖିଥିଲେ।

■ ଅନନ୍ତଙ୍କୁ ଚିହ୍ନିଲେ, ଭଲମନ୍ଦ ପଚାରିଲେ
■ ୧୧ ନମ୍ବର କୋଠରିକୁ ମନେ ପକାଇଲେ

ଏହି ସମୟଷ୍ୱେର୍ତ୍ତମାନର ସାଂସଦଙ୍କଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ, ପୂର୍ବତନ ବିଧାୟକ ପ୍ରମୁଖ ବିଭିନ୍ନ ଗ୍ୟାଲେରୀରେ ଉପସ୍ଥିତ ଥିଲେ।

ଗୃହ ମଧ୍ୟରେ ରାଷ୍ଟ୍ରପତି ନିଜର ଅଭିଭାଷଣ ରଖିବା ପରେ ସିଧା ୧୧ ନମ୍ବର କୋଠରିକୁ ଯାଇଥିଲେ। ୨୦୦୦ ମସିହାରେ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ତାଙ୍କୁ ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଥିଲା। ଉକ୍ତ ସମୟରେ ସେ ଏହି କୋଠରିର ବ୍ୟବହାର କରୁଥିଲେ। ଆଜି ସେହି କୋଠରିକୁ ଯାଇ ରାଷ୍ଟ୍ରପତି ନିଜର ସ୍ମୃତି ସାଉଁଟିଥିଲେ। ଏହି ଅବସରରେ ୨୦୦୦ ମସିହାରେ ସେ ତାଙ୍କର ପର୍ସନାଲ ଷ୍ଟାଫ ଥିବା ଅନନ୍ତ ଚରଣ ବେହେରାଙ୍କୁ ମଧ୍ୟ ଦେଖି ଚିହ୍ନି ପାରିଥିଲେ। ଏପରିକି ସେ ପୁଅ, ଝିଅ ବାହାଘର କରିଲେଣି କି ନାହିଁ ପଚାରି ବୁଝିଥିଲେ ରାଷ୍ଟ୍ରପତି। ବିଧାନସଭା କାର୍ଯ୍ୟକ୍ରମ ସରିବା ପରେ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ ୨୮ ତାରିଖ ସକାଳୁ ୯ ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

# ରାଷ୍ଟ୍ରପତିଙ୍କ ଐତିହାସିକ ସମ୍ବୋଧନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସଂଯୋଗ କରିବ: ବାଚସ୍ପତି




ଭୁବନେଶ୍ୱର,୨୭।୧୧(ସମିସ): ବାଚସ୍ପତି ସୁରମା ପାଢୀ ବିଧାନସଭାର ଶୀତକାଳୀନ ଅଧିବେଶନକୁ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ଗଣତନ୍ତ୍ରର ପୁରାତନ ମନ୍ଦିରରେ ରାଷ୍ଟ୍ରପତି ତଥା ଓଡ଼ିଶା ମାଟିର ସୁକନ୍ୟା ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିକୁ ଐତିହାସିକ ଦିବସ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଓଡ଼ିଶା ବିଧାନସଭାର ସମୃଦ୍ଧ ଓ ଗୌରବମୟ ଇତିହାସରେ ଭାରତର ରାଷ୍ଟ୍ରପତିଙ୍କ ଏହି ଐତିହାସିକ ସମ୍ବୋଧନ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ସଂଯୋଗ କରିବ। ଓଡ଼ିଶା ଗଣତନ୍ତ୍ର ଇତିହାସରେ ଏହା ଏକ ନୂତନ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ।

ଶ୍ରୀମତୀ ପାଢୀ ରାଷ୍ଟ୍ରପତୀ ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କର "ଏକଲା ଚଲୋ" ନୀତି ଆପଣେଇ, ସେ ତାଙ୍କ ଯାତ୍ରାକୁ ଅଦ୍ଭୁତପୂର୍ବ ଓ ଗୌରବମୟ କରିପାରିଛନ୍ତି। ସେ ଓଡ଼ିଶାର ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା ଭାବେ ୨୦୦୭ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସ ସମ୍ମାନରେ ସମ୍ମାନିତ ହୋଇଥିଲେ। ଭାରତବର୍ଷର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି, ସ୍ୱାଧୀନ ଭାରତରେ ଜନ୍ମ ଗ୍ରହଣ କରି ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା ପ୍ରଥମ ମହିଳା, ଭାରତର ସର୍ବକନିଷ୍ଠ ରାଷ୍ଟ୍ରପତି ଏବଂ ଦେଶର ୧୦ ବିଧାନସଭାକୁ ସମ୍ବୋଧିତ କରିବାରେ ପ୍ରଥମ ରାଷ୍ଟ୍ରପତି ହୋଇ ପାରିଛନ୍ତି। ଜଣେ ମନ୍ତ୍ରୀ ଭାବରେ ତାଙ୍କର ଦୂରଦୃଷ୍ଟି ଏବଂ ପ୍ରଶାସନିକ ମାର୍ଗଦର୍ଶନ ଆଜି ମଧ୍ୟ ଅନନ୍ୟ ବୋଲି ଶ୍ରୀମତୀ ପାଢୀ କହିଛନ୍ତି।

ବାଚସ୍ପତି କହିଛନ୍ତି, ରାଷ୍ଟ୍ରର ମୁଖ୍ୟ ହିସାବରେ ଭାରତର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ବିଦେଶରେ ପ୍ରଚାର ଓ ପ୍ରସାର ଦିଗରେ ସେ ଅନେକ ବୈଦେଶିକ ଓ ଅନ୍ତର୍ଜାତୀୟ ଯାତ୍ରା କରିଛନ୍ତି। ଏହା ସହ ବିଶ୍ୱ ଦରବାରରେ ଆମ ଓଡ଼ିଶାର ଗୌରବଶାଳୀ ଇତିହାସ, ବିଜ୍ଞାନ, କଳା ସଂସ୍କୃତି ଓ ସାହିତ୍ୟକୁ ଉପସ୍ଥାପନା କରି ରାଷ୍ଟ୍ରମତି ମୁର୍ମୁ ଆମ ଓଡିଆ ଜାତିକୁ ନୂଆ ପରିଚୟ ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ଜୀବନଯାତ୍ରା ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ: ରାଜ୍ୟପାଳ



ଭୁବନେଶ୍ୱର,୨୭।୧୧(ସମିସ): ଓଡ଼ିଶାର ଏକ ଛୋଟ ଆଦିବାସୀ ଗ୍ରାମରୁ ଆରମ୍ଭ କରି ରାଇସିନା ହିଲ୍‌ରେ ସର୍ବୋଚ୍ଚ ସାମ୍ବିଧାନିକ କାର୍ଯାଳୟ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯାତ୍ରା ସମସାମୟିକ ଭାରତର ସବୁଠାରୁ ପ୍ରେରଣାଦାୟୀ କାହାଣୀ ମଧ୍ୟରୁ ଗୋଟିଏ। ଏହା ଗଣତନ୍ତ୍ରର ପରିବର୍ତ୍ତନଶୀଳ ଶକ୍ତି, ଶିକ୍ଷାର ଭୂମିକା ଏବଂ ଅଧ୍ୟବସାୟର ଶକ୍ତିକୁ ପ୍ରତିପାଦିତ କରୁଛି। ସାଧାରଣ ଜୀବନଶୈଳୀରୁ ଜୀବନ ଯାତ୍ରା ପ୍ରାରମ୍ଭ କରି ସରଳତା ଏବଂ ଦୃଢ଼ ସଂକଳ୍ପ ଦ୍ୱାରା ଯେ ଜଣେ ନେତୃତ୍ୱପଣକୁ ବିକଶିତ କରିପାରିବ, ତାହା ଶ୍ରୀମତୀ ମୁର୍ମୁଙ୍କ ଯାତ୍ରା ବାର୍ତ୍ତା ଦେଉଛି। ଏହି ଯାତ୍ରା ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କୁ, ବିଶେଷକରି ଯୁବପିଢ଼ି, ମହିଳା ଏବଂ ଆଦିବାସୀ ସମ୍ପ୍ରଦାୟକୁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ ପାଟି କହିଛନ୍ତି।

ବିଧାନସଭାରେ ନିଜ ଅଭିଭାଷଣରେ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ବିଧାନସଭା ପ୍ରତିଷ୍ଠା ହେବା ଦିନଠାରୁ ପ୍ରଥମ ଥର ପାଇଁ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବୋଧିତ ହେବାକୁ ଯାଉଛି। ଓଡ଼ିଶା ବିଧାନସଭାର ଏକ ବୈଶିଷ୍ଟ୍ୟ ରହିଛି। ଭାଷାଗତ ଏବଂ ସାଂସ୍କୃତିକ ପରିଚୟ ଏବଂ ଲୋକଙ୍କ ଆକାଂକ୍ଷାରୁ ଜନ୍ମିତ ଏହି ଗୃହ ଏପରି ଏକ ମଞ୍ଚ, ଯେଉଁଠାରେ ବିବିଧ ବିଚାରର ଅଭିବ୍ୟକ୍ତି ଦେଖିବାକୁ ମିଳିଥାଏ, ନୀତିଗୁଡ଼ିକ ପରିମାର୍ଜିତ ହୋଇଥାଏ ଏବଂ ଜନସାଧାରଣଙ୍କ ସ୍ୱରକୁ ମର୍ଯ୍ୟାଦା ମିଳିଥାଏ। ଦ୍ରୁତ ଗତିରେ ବଦଳୁଥିବା ଆଜିର ବିଶ୍ୱରେ, ବ୍ୟବସ୍ଥାପକ ସଭାର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଉଦୀୟମାନ ପ୍ରଯୁକ୍ତିବିଦା, ବିକଶିତ ସାମାଜିକ ଆବଶ୍ୟକତା ଏବଂ ଜନସାଧାରଣଙ୍କ ଆଶା ବୃଦ୍ଧି ଏକ ସୂଚନାପୂର୍ଣ୍ଣ, ଉତ୍ତରଦାୟୀ ଏବଂ ଅଗ୍ରଗାମୀ ବ୍ୟବସ୍ଥାପକ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଥିଲେ। ବିକଶିତ ଓଡ଼ିଶାର ସ୍ୱପ୍ନ, ବିକଶିତ ଭାରତର ଜାତୀୟ ଅଭିଳାଷ ସହିତ ଯୋଡ଼ି ହୋଇ ରହିଥିବା ବେଳେ ଏଥିପାଇଁ ଦକ୍ଷ ଶାସନ, ସୁଦୃଢ଼ ଅନୁଷ୍ଠାନ ଏବଂ ଏପରି ଏକ ବ୍ୟବସ୍ଥାପକ ସଭାର ଆବଶ୍ୟକତା ରହିଛି, ଯାହା ଜନସାଧାରଣଙ୍କ କଲ୍ୟାଣକୁ ସର୍ବୋପରି ରଖିବ ବୋଲି ସେ କହିଥିଲେ।

# ଆସୁଛନ୍ତି ଶବ୍ଦର ଯାଦୁକର ଜାଭେଦ ଅଖତର

ଭୁବନେଶ୍ୱର,୨୭।୧୧(ସମିସ): ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରର ଉଜ୍ଜ୍ୱଳ ତାରକା, ଶବ୍ଦର ଯାଦୁକର, ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ ତାଙ୍କର ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯିବ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରେ ଆୟୋଜିତ ହେବାକୁ ଥିବା ୨ ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯିବ। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷ, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ବିନମ୍ର ଉଦ୍ଦେଶ୍ୟ। ଏହି ସମ୍ମାନ ଗ୍ରହଣ କରିବା ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ ଜାଭେଦ ଅଖତର। ସମ୍ମାନ ଗ୍ରହଣ କରିବା ନେଇ ଜାଭେଦ ଅଖତର ନିଜେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ନିଜ ଭିଡିଓ ବାର୍ତ୍ତାରେ ଜାଭେଦ ଅଖତର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ସୋଆ ସାହିତ୍ୟ ସମ୍ମାନ ଗ୍ରହଣ କରିବା ନିମନ୍ତେ ଆସୁଥିବାରୁ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏଥି ସହିତ ସାହିତ୍ୟ ଉତ୍ସବର ଆୟୋଜକ ଏବଂ ଏଥିରେ ଭାଗ ନେଉଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସବର ସଫଳତା ନେଇ ଆଶା ବ୍ୟକ୍ତ କରିଛନ୍ତି।



ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ହେବେ ସମ୍ବର୍ଦ୍ଧିତ

ଅଖତର ଏକାଧାରରେ ଜଣେ ସଂଳାପ ଲେଖକ, ଗୀତିକାର, କବି ଏବଂ ଚିନ୍ତକ। ତାଙ୍କର ଲେଖନୀ ଆଧୁନିକ ଭାରତର ଭାବପ୍ରବଣ ଓ ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଆସିଛି। ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିଛି। ବିଶିଷ୍ଟ ଉର୍ଦ୍ଦୁ କବି ଓ ସଂଳାପ ଲେଖକ ଜାନ ନିସାର ଅଖତର ଏବଂ ଶିକ୍ଷୟିତ୍ରୀ ଓ ଲେଖିକା ସାଫିଆ ଅଖତରଙ୍କ ସୁପୁତ୍ର ଜାଭେଦ ଅଖତରଙ୍କ ସାତ ପିଢ଼ି ସାହିତ୍ୟ ସାଧନାରେ ଜଡିତ ରହିଥିବାର ସୂଚନା ରହିଛି। ପାଞ୍ଚଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ ଥର ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମ ଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମୀ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟ କୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରି ଆସିଛି। ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ ଅବସରରେ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତୀ ଓ ଉତ୍ତରୀୟ ପ୍ରଦାନ କରାଯିବ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ସୋଆ ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ଏହି ସାହିତ୍ୟ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଏହି ସୂଚନା ଦେଇଛନ୍ତି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା। ଉତ୍ସବରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦୁଇ ଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର ପଣ୍ଡା ସୂଚନା ଦେଇଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ପୁଅଙ୍କୁ ଏସିଡ୍ ପକାଇ ହତ୍ୟା!

ତ୍ରିଶୂଳିଆ, ୨୭।୧୧(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପୁଅ ନିଖୋଜ ହେବାର ୫ଦିନ ପରେ ଆଜି ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାରଲୋକେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି।

ସୂଚନାନୁଯାୟୀ, ମଧୁବନ ଗ୍ରାମର ପୂର୍ବତନ ସରପଞ୍ଚ ସୁମିନା ପ୍ରଧାନଙ୍କ ବଡ଼ପୁଅ ରାହୁଲ ପ୍ରଧାନ(୨୦) ଗତ ରବିବାର ସକାଳୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାରଲୋକ ବହୁ ଖୋଜାଖୋଜି ପରେ କୌଣସି ସନ୍ଧାନ ନ ପାଇବାରୁ ସୋମବାର ରାତିରେ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ, ନିଖୋଜ ହେବାର ୫ଦିନ ପରେ ଆଜି ଗୁରୁବାର ସକାଳୁ କଟକ କିଶୋରନଗର ଥାନା ଅଧୀନସ୍ଥ ଗୁଆଳି ବେଲକଣ ମଠ ନିକଟ ମହାନଦୀର ମଝି ପଠାରୁ ରାହୁଲଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମହାନଦୀର ମଝିପଠାରେ ମୃତଦେହ ଲାଗିଥିବାର ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ପରିବାରଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ରାହୁଲ ଘରୁ ଯିବା ବେଳେ ପ୍ୟାଣ୍ଟସାର୍ଟ ପିନ୍ଧିଥିଲେ, କିନ୍ତୁ ତାଙ୍କ ମୁହଁ ଓ ହାତ ପୋଡ଼ି ହେବା ଭଳି କ୍ଷତ ରହିଥିଲା। ତାଙ୍କ ପ୍ୟାଣ୍ଟ ପକେଟରେ ମୋବାଇଲ୍ ଥିବା ବେଳେ ସେ ସାଙ୍ଗରେ ନେଇଥିବା ଓଡି ୦୫ ବିଏକ୍ସ ୩୩୦୦ ନମ୍ବରର ବୁଲେଟ୍ ମୋଟରସାଇକଲ ଆଖ ପାଖରେ ନ ଥିଲା। ପୁଅକୁ କେହି ଏସିଡ୍ ପକାଇ ହତ୍ୟା କରି ମହାନଦୀରେ ଫୋପାଡ଼ି ଦେଇଥିବା ନେଇ ପରିବାର ଲୋକେ ସିଧାସଳଖ ହତ୍ୟା ଅଭିଯୋଗ ଆଣିଛନ୍ତି। କିଏ ଓ କାହିଁକି ଏହି ହତ୍ୟାକାଣ୍ଡ ଘଟାଇଛି, ତାହା ଅସ୍ପଷ୍ଟ ରହିଛି।

## ୫ଦିନ ହେବ ନିଖୋଜ ଥିଲେ

ଅନ୍ୟପଟେ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ଗାଁରେ ଏବେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଆଉ ୬ ଗିରଫ

ବାରିପଦା, ୨୭।୧୧(ସମିସ): ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ ପାଇଁ ବେତନଟୀ ତହସିଲଦାର ଓ ତାଙ୍କ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗୁରୁବାର ପୁଲିସ ପୁଣି ୬ଜଣଙ୍କୁ ଗିରଫ କରିଛି। ଫଳରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ସେମାନେ ହେଲେ, ବଡ଼ସାହି ଥାନା ଅଧୀନ କୁଳିଅଣା ଗ୍ରାମର ସୁମନ୍ତ ନାୟକ (୪୦), ରାଜୀବ ଲୋଚନ ସେନାପତି (୩୦), ଦୁର୍ଗା ଚରଣ କୁଅଁର (୨୪), ନିଶ୍ଚିନ୍ତପୁର ଗ୍ରାମର ଦେବାଂଶୁ ଜେନା (୩୪), ବୈଶିଙ୍ଗା ଥାନା ଜାମନଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ବେହେରା (୨୧) ଓ ଖୁଣ୍ଟା ଥାନା ଅଧୀନ ବଡ଼ଫେଣୀ ଗ୍ରାମର ବିସ୍ମୟ ରଞ୍ଜନ ମହାନ୍ତ (୪୦)। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ।

ଏହି ଘଟଣାରେ ପୂର୍ବରୁ ମାଷ୍ଟର ମାଇଣ୍ଡ ବାଲିମାଫିଆ ବଡସାହି ଥାନା ଅଧୀନ ବର୍ତ୍ତନା ଗ୍ରାମର ବାବୁଛୁଆ ଓରଫ ପ୍ରଶାନ୍ତ ଗାଆଣ (୩୬), ତାଙ୍କ ସାନଭାଇ ସୁଶାନ୍ତ ଗାଆଣ (୩୨) ଏବଂ ବାରିପଦା ଟାଉନଥାନା ଅଧୀନ ଶୁନଗଡିଆର ମୁନା ଓରଫ ମୁଖାହାଲ ହୁସେନ (୩୫)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

ଅପରପକ୍ଷରେ ଘଟଣା ଘଟିବା ଦିନଠାରୁ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶରେ ଜିଲ୍ଲାର ବିଭିନ୍ନ ସ୍ଥାରେ ଟାସ୍କଫୋର୍ସ ଟିମର ଚଢ଼ଉ ଜାରି ରହିଛି। ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡାଙ୍କ ନେତୃତ୍ୱରେ ୨ ଦିନରେ ବୁଢ଼ାବଳଙ୍ଗ ନଦୀର ବଡସାହି, ବେତନଟୀ ଓ ବାରିପଦା ତହସିଲ ଅଞ୍ଚଳର ୮ଟି ସ୍ଥାନରେ ଚଢଉ କରାଯାଇ ଏକ ଜେସିବି ମେସିନ ଜବତ ହୋଇଛି। ସେହିପରି ଦାବିଦାର ନଥିବା ଗଚ୍ଛିତ ବାଲିକୁ ଜବତ ପୂର୍ବକ ନିଲାମ କରାଯିବା ପରେ ସରକାରୀ ତହବିଲକୁ ୧୧ଲକ୍ଷ ଟଙ୍କା ଆସିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଚଢଉ ଜାରି ରହିବ ବୋଲି ଡ ପରିଡା ସୂଚନା ଦେଇଛନ୍ତି। 'ମୟୂରଭଞ୍ଜ କିଙ୍ଗ୍ସ' ବାଲି ଚୋରଙ୍କ ହ୍ୱାଟ୍ସଆପ୍ ଗ୍ରୁପ ଆଡମିନ ମୁନା ଗିରଫ ପରେ ଏକାଧିକ ହ୍ୱାଟ୍ସ ଆପ୍ ଗ୍ରୁପ୍ ବର୍ତ୍ତମାନ ବନ୍ଦ ହୋଇଥିବାରୁ ଟାସ୍କଫୋର୍ସଙ୍କ ଗତିବିଧି ନେଇ ମାଫିଆମାନେ କୌଣସି ସୁରାକ୍ ପାଇପାରୁନାହାନ୍ତି। ପ୍ରଶାସନର କଡା ଆଭିମୁଖ୍ୟ ପାଇଁ ସମସ୍ତ ସ୍ଥାନରେ ଦୁଇଦିନ ଧରି ଚୋରାବାଲି କାରବାର ବନ୍ଦ ହୋଇଯାଇଛି। ଯାହାର ସିଧା ପ୍ରତିଫଳନ ଉନ୍ନୟନ କାର୍ଯ୍ୟ ଅଗ୍ରଗତିରେ ବାଧା ପହଞ୍ଚାଇଛି। ମୁଖ୍ୟ ସରକାରୀ ନିଲାମ ସଇରାତଗୁଡିକ ନଦୀରେ ପାଣି ଥିବାରୁ କାର୍ଯ୍ୟାରମ୍ଭ କରି ନଥିବାରୁ ବାଲି ଏବେ ମହରଗ ହୋଇଛି।

■ ଟାସ୍କଫୋର୍ସ ପକ୍ଷରୁ ୮ଟି ସ୍ଥାନରେ ଚଢ଼ଉ
■ ୧୧ଲକ୍ଷ ଟଙ୍କାର ଜବତ ବାଲି ନିଲାମ

# ନୂଆ ରୂପ ନେବ ଦେବ୍ରିଗଡ଼ ଅଭୟାରଣ୍ୟ

ଭୁବନେଶ୍ୱର,୨୭।୧୧(ସମିସ): ବରଗଡ଼ ଜିଲ୍ଲାରେ ଅବସ୍ଥିତ ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଅନ୍ତର୍ଜାତୀୟ ଇକୋଟୁରିଜିମ୍ ଡେଷ୍ଟିନେସନ୍ ଭାବରେ ବିକଶିତ କରାଯିବ। ଏଥିପାଇଁ ରାଜ୍ୟ ଜଙ୍ଗଲ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ "ଏକ୍ସ"ରେ ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନ୍ତର୍ଜାତୀୟସ୍ତରରେ ପରିଚୟ ଦେବା ସହିତ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ। ଏହି ଇକୋଟୁରିଜିମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନକୁ ବଡ଼ ଗତି ଦେବ। ଅଭୟାରଣ୍ୟର ପ୍ରାୟ ୧୦୦ କିଲୋମିଟର ପରିସୀମା ଚାରିପାଖରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବରେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ପାଣ୍ଠି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଅନ୍ତର୍ଜାତୀୟ ପରିବେଶ ପର୍ଯ୍ୟଟନ ପାଇଁ ୭୧ କୋଟି ବରାଦ**

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜଙ୍ଗଲମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଧନ୍ୟବାଦ**

## କେବଳ ଆଇନ ନୁହେଁ; ଶିକ୍ଷା, ସଚେତନତା ହିଁ ରୋକିପାରିବ ବାଲ୍ୟ ବିବାହ

# ଦେଶରେ ବାଲ୍ୟ ବିବାହ ହାର ୨୩%, ଓଡ଼ିଶାରେ ୨୦ ପ୍ରତିଶତ




୧୪ ଜଣଙ୍କୁ 'ସାଇନିଙ୍ଗ ଲିଡରସିପ୍ ଆୱାର୍ଡ' ପ୍ରଦାନ

ଭୁବନେଶ୍ୱର,୨୭।୧୧(ସମିସ): ଭାରତରେ ୨୩ ଭାଗ ଶିଶୁ ବୟସ ପୂର୍ବରୁ ବିବାହ କରୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଶତକଡ଼ା ୨୦ ଭାଗରୁ ଅଧିକ। ବାଲ୍ୟ ବିବାହକୁ ରୋକିବାକୁ ହେଲେ କେବଳ ଆଇନ ଯଥେଷ୍ଟ ନୁହେଁ; ଏଥିପାଇଁ ଗୋଷ୍ଠୀ ସଚେତନତା, ଶିକ୍ଷାର ପ୍ରସାର, ଝିଅମାନଙ୍କୁ ଶିକ୍ଷା ଓ ତାଲିମ ପାଇଁ ପ୍ରୋତ୍ସାହନ ଆବଶ୍ୟକ ବୋଲି ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇ.ଜି ଏସ. ସାଇନି କହିଛନ୍ତି।

ମଙ୍ଗଳବାର ରବି ଟକିଜ୍ ଛକସ୍ଥିତ ଲତିକା କନଭେନସନରେ ରୁଚିକା ସମାଜ ମଙ୍ଗଳ ସଂଗଠନ, ଖୋର୍ଦ୍ଧା ଜିଲ୍ଲା, ଶିଶୁ ସୁରକ୍ଷା ଶାଖା ଓ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍ ସାଇନି ବାଲ୍ୟ ବିବାହ ନିରୋଧ ଆଇନ-୨୦୦୬ର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ରାଜ୍ୟ ପରିଚାଳକ ପ୍ରୀତିକାନ୍ତ ପଣ୍ଡା ଯୋଗଦେଇ ବାଲ୍ୟ ବିବାହ ଅର୍ଥ ପିଲାମାନଙ୍କ ସହିତ ଦୁଷ୍କର୍ମ ବୋଲି କହିବା ସହ ପରମ୍ପରାର ଦ୍ୱାହି ଦେଇ ଆମ ପିଲାଙ୍କ ଉପରେ ବିବାହ ଓ ପରିବାର ଚଳାଇବାର ବୋଝ ଲଦି ଦେଉଛେ ବୋଲି ମତବ୍ୟକ୍ତ କରିଛନ୍ତି। ରୁଚିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଶିଶୁ ମଙ୍ଗଳ ସମତିର ଅଧ୍ୟକ୍ଷ ପ୍ରଫେସର ଅଜିତ୍ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ବାଗ୍ମିଶ୍ରୀ ଦାସ, ପୁରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଫେସର ସବିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବାର ଓ ଗୋଷ୍ଠୀ ଅପସଂସ୍କାର ବିରୁଦ୍ଧରେ ନିଜ ବାଲ୍ୟ ବିବାହକୁ ବନ୍ଦ କରି ବାଲ୍ୟ ବିବାହ ବିରୁଦ୍ଧରେ ସଚେତନତା ବାର୍ତ୍ତା ପ୍ରଚାର କରୁଥିବା ୧୪ ଜଣ ଝିଅ ଓ ବାଲ୍ୟ ବିବାହ ବିରୁଦ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଗଧାଡ଼ିର ସରକାରୀ କର୍ମଚାରୀଙ୍କୁ 'ସାଇନିଙ୍ଗ ଲିଡର୍‌ସିପ୍ ଆୱାଡ' ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରାୟ ୫୦୦ ମହିଳା ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନ ପାଇଁ ଶପଥ ନେଇଥିଲେ। ସଂଗଠନର ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଗୌରାଙ୍ଗ ଚରଣ ତ୍ରିପାଠୀ ଧନ୍ୟବାଦ୍ୟ ଅର୍ପଣ କରିଥିଲେ।

## ଭିଏଲ୍‌ଟିଡି ନିର୍ମାତାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

# କେନ୍ଦ୍ର ମୋଟରଯାନ ନିୟମ ଅନୁଯାୟୀ ବୈଧ ସଂସ୍ଥାକୁ ଯୋଗାଣ ଅନୁମତି

କଟକ,୨୭।୧୧(ସମିସ): କେନ୍ଦ୍ର ମୋଟରଯାନ ନିୟମାବଳୀ ଅନୁସାରେ ବୈଧ ଏଆଇଏସ-୧୪୦ ପ୍ରମାଣପତ୍ର ପାଇଥିବା ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି) ନିର୍ମାତାଙ୍କୁ ରାଜ୍ୟର ଯାନବାହନ ପାଇଁ ଡିଭାଇସ ଯୋଗାଣ ଓ ଫିଟମେଣ୍ଟ ପାଇଁ ଅନୁମତି ମିଳିପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦ୍ର ମୋଟର ଯାନ ଆଇନ ଓ ଏସ୍‌ଓପି ଅନୁପାଳନ ପୂର୍ବକ ଯାନବାହନ ଟ୍ରାକିଂ ଯୋଜନା କାର୍ଯ୍ୟକାରୀ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆଇ ଟ୍ରାଇଙ୍ଗଲ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି କେନ୍ଦ୍ର ମୋଟର ଯାନ ନିୟମ ଅନୁଯାୟୀ, ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ଗତ ୨୦୨୩ ଏପ୍ରିଲ ୪ତାରିଖରେ ଏସ୍‌ଓପି ଜାରିହୋଇ ନଥିବାରୁ ଏହା କାର୍ଯ୍ୟକାରୀ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଗତ ୨୦୨୧ଫେବୃଆରି୨୨ର କେନ୍ଦ୍ର ଏସଓପି ଅନୁଯାୟୀ ସାନି ମାନଦଣ୍ଡ ସୁନିଶ୍ଚିତ କରିପାରିବେ। ଯଦି କୌଣସି ନିର୍ମାତା କିମ୍ବା ଉପକରଣ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଏ, ତେବେ ତାହାକୁ ରାଜ୍ୟ ପରିବହନ ବିଭାଗ ସ୍ଥଗିତ ରଖିପାରିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭିଏଲ୍‌ଟିଡି ନିର୍ମାତା ହୋଇଥିବା ବେଳେ କେନ୍ଦ୍ର ମୋଟରଯାନ ନିୟମାବଳୀ ଓ ଏସଓପି ଅନୁସାରେ ସମସ୍ତ ମାନଦଣ୍ଡ ପାଳନ କରି ଆସୁଛନ୍ତି। ରାଜ୍ୟ ପରିବହନ ବିଭାଗର ଗତ ୨୦୨୩ର ଅତିରିକ୍ତ ମାନଦଣ୍ଡ ଧାର୍ଯ୍ୟ ହେତୁ ସେ ଭିଏଲ୍‌ଟିଡି ଯୋଗାଣ ଓ ସ୍ଥାପନରୁ ବଞ୍ଚିତ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ଏସଓପି ଅନୁଯାୟୀ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ, ସ୍ଥାନୀୟ କାର୍ଯ୍ୟାଳୟ ଆବଶ୍ୟକତା, ଜିଲ୍ଲାସ୍ତରୀୟ ଫିଟମେଣ୍ଟ ସେଣ୍ଟର୍ କିମ୍ବା ଫି' ଲାଗୁ କରିବା ରାଜ୍ୟର କ୍ଷମତା ବାହାରେ ଏବଂ କେନ୍ଦ୍ରୀୟ ଏସ୍‌ଓପି ସହ ଅସଙ୍ଗତ ବୋଲି ଆବେଦନକାରୀ ଦର୍ଶାଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



### କଂକ୍ରିଟ୍ ଜଙ୍ଗଲର ବିଡ଼ମ୍ବନା

# ମିଳୁନି ଘାସ; ଭୋକିଲା ଗୋରୁଙ୍କୁ ପଲିଥିନ୍ ଭରସା

ଭୁବନେଶ୍ୱର, ୨୭ ।୧୧(ସମିସ):

ଯୁଆଡ଼େ ଚାହିଁବ ସିଆଡ଼େ ସିମେଣ୍ଟର କଂକ୍ରିଟ୍ ଜଙ୍ଗଲ ଦେଖିବାକୁ ମିଳୁଛି । ଆଉ ଏହି ଜଙ୍ଗଲରେ ଘାସ ହେଉ କିମ୍ବା ଗଛ ଭାବରେ ଦେଖିବାକୁ ମିଳୁଛି ଏକକ ବ୍ୟବହୃତ ପଲିଥିନ୍ ଓ ପ୍ଲାଷ୍ଟିକ୍ । ଆଗରୁ ବିଭିନ୍ନ ସ୍ଥାନରେ ଘାସ କିମ୍ବା ଛୋଟ ଗଛ ଦେଖିବାକୁ ମିଳିଥିଲା ହେଲେ ଜନସଂଖ୍ୟା ବଢ଼ିବା କାରଣରୁ ଏହି ସବୁ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର ବହୁଳମାତ୍ରାରେ ବଢ଼ିଲା । ଫଳରେ ଯେଉଁ ସ୍ଥାନରେ ଘାସ ଉଠିବା କଥା ସେଠାରେ ଏହି ପଲିଥିନ୍ ଓ ପ୍ଲାଷ୍ଟିକ୍ ଗଦା ହୋଇଛି । ଫଳରେ ରାଜଧାନୀର ଗୋରୁଙ୍କ ପାଇଁ ଘାସ ମିଳିଲା ନାହିଁ । ବୁଲାଗୋରୁମାନେ ଏହି ସବୁ ପଲିଥିନ୍ ଓ ପ୍ଲାଷ୍ଟିକ୍‌କୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି । ଏହି ପଲିଥିନ୍ ଓ ପ୍ଲାଷ୍ଟିକ୍ ସମଗ୍ର ପରିବେଶ ଲାଗି ଚିନ୍ତାର କାରଣ ପାଲଟିଛି । ଲୋକମାନେ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର କରି ନିଜ ସମେତ ପଶୁପକ୍ଷୀଙ୍କ ପାଇଁ ଅନେକ ରୋଗକୁ ଡ଼ାକୁଛନ୍ତି ।

**ଗାଈଙ୍କ ପେଟରେ ପଥର ପାଲଟୁଛି ପ୍ଲାଷ୍ଟିକ୍**

**ବୁଲା ଗୋରୁଙ୍କ ଖାଦ୍ୟ ପାଲଟିଛି ପଲିଥିନ୍**



ଦୈନନ୍ଦିନ ବ୍ୟବହାର ପାଇଁ ଅଣାଯାଉଥିବା ଜିନିଷ ଆଣିଲେ ପଲିଥିନ୍‌ର ବ୍ୟବହାର କରୁଥିବା ବେଳେ ପ୍ଲାଷ୍ଟିକ୍ ମଧ୍ୟ ବ୍ୟବହାର କରାଯାଉଛି । ପଲିଥିନ୍ ଓ ପ୍ଲାଷ୍ଟିକ୍‌କୁ ବ୍ୟବହାର କରିବା ପରେ ତାକୁ ବାହାରେ ପକାଇ ଦେଇଥାଉ । ବୁଲାଗୋରୁ ଘାସ ବଦଳରେ ଏସବୁକୁ ଆହାର ଭାବରେ ଗ୍ରହଣ କରି ମୃତ୍ୟୁ ମୁଖରେ ପଡ଼ୁଛନ୍ତି ।

ରାଜଧାନୀରୁ ଗୋଟିଏ ଦିନରେ ୮୦୦ରୁ ୯୦୦ଟନ ବିଭିନ୍ନ ପ୍ରକାରର ଆବର୍ଜନା ବାହାରିଥାଏ ସେଥିମଧ୍ୟରୁ ପଲିଥିନ୍ ହେଉଛି ୧୫ରୁ ୨୦% ଆଉ ପ୍ଲାଷ୍ଟିକ୍ ହେଉଛି ୨୦ ରୁ ୨୫% । ରାଜଧାନୀବାସୀ ନୈନନ୍ଦିନ ବ୍ୟବହାର କରୁଥିବା ହଜାର ହଜାର ସଂଖ୍ୟକ ପ୍ଲାଷ୍ଟିକ୍ ପଲିଥିନ୍ ବାହାରେ ପକାଇ ଦେଉଛନ୍ତି । ଯାହା ଦ୍ୱାରା ଖାଦ୍ୟ ଲାଳସାରେ ବୁଲା କୁକୁର, ଷଣ୍ଢ, ଗୋରୁମାନେ ସେସବୁ ଖାଇ ବିଭିନ୍ନ ପ୍ରକାରର ରୋଗର ଶିକାର ହୋଇଥାନ୍ତି । ବୁଲା ଗୋରୁ, କୁକୁର ବାହାରେ ପଡ଼ୁଥିବା ପଲିଥିନ୍ ଓ ପ୍ଲାଷ୍ଟିକ୍‌କୁ ଖାଇବା ଫଳରେ ଏହି ସବୁ ସେମାନଙ୍କ ପେଟରେ ଜମା ହୋଇ ରହେ । ସେଗୁଡ଼ିକ ହଜମ ନ ହୋଇପାରି ପାକସ୍ଥଳୀରେ ଜମା ହୋଇ ରହିଯାଏ ବୋଲି କୁହନ୍ତି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ । ଫଳରେ ସେସବୁ ଗୁଡ଼େଇ ହୋଇ ପେଟ ଭିତରେ ପଥର ପାଲଟିଯାଏ । ଯାହାଦ୍ୱାରା ଆସ୍ତେ ଆସ୍ତେ ସେମାନଙ୍କ ପେଟ ଫୁଲିବା ଆରମ୍ଭ ହୁଏ ଫଳରେ ଏହି ପଶୁମାନେ ଧୀରେ ଧୀରେ ଖାଇବା ଛାଡ଼ିଦିଅନ୍ତି । ଯାହା ଟିକେବି ଖାଇନ୍ତି ସେସବୁ ହଜମ ହୁଏନାହିଁ ବୋଲି ଓୟୁଏଟିର ଭେଟେରେନାରୀ କ୍ଲିନିକାଲୀ କମ୍ପ୍ଲେକ୍ସର ମୁଖ୍ୟ ବିଜୟ କୁମାର ପାତ୍ର କହିଛନ୍ତି । ଏହିପରି ଓୟୁଏଟି କୁହନ୍ତି ଗୋରୁମାନଙ୍କର ରୋଗ ପ୍ରତିରୋଧ ଶକ୍ତି କମିବା ସହିତ କ୍ଷୀର କମିବା ଓ ଜନ୍ମ କରିବା ଶକ୍ତି କମିଥାଏ । ଫଳରେ ପଶୁମାନଙ୍କର ଗୁରୁତ୍ୱ କମିଯାଏ ବୋଲି କହିଛନ୍ତି । ସର୍ଜରୀ ସମୟରେ ଗୋଟେ ଗାଈ ପେଟରୁ ୧୦ ରୁ ୧୨ କିଲୋ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପାଲିଥିନ୍ ବାହାରୁଛି ବୋଲି ଓୟୁଏଟିର ଆସିଷ୍ଟାଣ୍ଟ ପ୍ରଫେସର ଭେଟନାରୀ ସର୍ଜରୀ ବିଭାଗର ଡ଼.ବିଶ୍ୱଦୀପ ଜେନା କହିଛନ୍ତି ।

● ବିଏମ୍‌ସିର ଜିରୋ ୱେଷ୍ଟକୁ ପ୍ରୋତ୍ସାହନ

# ପ୍ରତିଦିନ ପଶୁଙ୍କୁ ବଣ୍ଟାଯିବ ୧୫ ଟନ୍ ବଳକା ଖାଦ୍ୟ

ଭୁବନେଶ୍ୱର, ୨୭।୧୧(ସମିସ): ଏକ ସ୍ୱଚ୍ଛ, ସବୁଜ ଏବଂ ଦୀର୍ଘ ସ୍ଥାୟୀ ସହର ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସାରା ସହରରେ ଜୈବିକ ବର୍ଜ୍ୟବସ୍ତୁର ବିକେନ୍ଦ୍ରୀକରଣ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଘୁଷୁରୀ ପାଳନ-ଆଧାରିତ ଓଦା ବର୍ଜ୍ୟବସ୍ତୁ ବ୍ୟବହାରକାରୀଙ୍କ ସମେତ ସାତଟି ଜୈବିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଂଶୀଦାରଙ୍କୁ ତାଲିକାଭୁକ୍ତ କରିଛି । ଏହି ପଦକ୍ଷେପ ବିଏମ୍‌ସି ବର୍ଜ୍ୟ ଭାର କମିବ ।

**୭ଟି ଜୈବ ବର୍ଜ୍ୟବସ୍ତୁ ସଂଗ୍ରହ ଅଂଶୀଦାରଙ୍କ ସହିତ ଚୁକ୍ତି ପାଇଁ ପଦକ୍ଷେପର ଆରମ୍ଭ**

କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ବିଏମ୍‌ସି ଏପରି ପଦକ୍ଷେପ ନେଇଛି । ସହରରୁ ସଂଗୃହିତ ଓଦା ବର୍ଜ୍ୟବସ୍ତୁର ଏକ ସ୍ୱତନ୍ତ୍ର ଅଙ୍ଗ ବଳକା ଖାଦ୍ୟ । ତେବେ ଏହାକୁ ସଦୁପଯୋଗ କରିବାପାଇଁ ଭୁବନେଶ୍ୱର ବାହାରୁ ବିଭିନ୍ନ ଜିଲ୍ଲାର ସାତଗୋଟି ଘୁଷୁରି ପାଳନ ସଂସ୍ଥା ସହିତ ସଂଯୋଗ ସ୍ଥାପନ ପୂର୍ବକ ସେମାନଙ୍କ ସହିତ ସ୍ୱତନ୍ତ୍ର ଚୁକ୍ତି କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ । ସହର ରଣନୀତି ଅଧୀନରେ, ପୃଥକ ଖାଦ୍ୟ ଏବଂ ଓଦା ବର୍ଜ୍ୟବସ୍ତୁକୁ ସିଧାସଳଖ ପୁନଃ ଉପଯୋଗ ପାଇଁ ପାଇଁ ପଠାଯାଉଛି । ତେବେ, ବର୍ତ୍ତମାନର ଆକଳନ ଅନୁଯାୟୀ ସହରରୁ ଦୈନିକ ୧୫ଟନ ବଳକା ଖାଦ୍ୟ ବାହାରୁଛି । ଏହି ପଦକ୍ଷେପ ଅଧୀନରେ, ଜୈବିକ ଅଳିଆ (ଓଦା ବର୍ଜ୍ୟବସ୍ତୁ) ହୋଟେଲ, ରେଷ୍ଟୁରାଣ୍ଟ, ଛାତ୍ରାବାସ ଏବଂ ବଡ଼ ପ୍ରତିଷ୍ଠାନ ଭଳି ବଲ୍କ ବର୍ଜ୍ୟବସ୍ତୁ ସୃଷ୍ଟିକାରୀ ଅନୁଷ୍ଠାନଗୁଡ଼ିକୁ ଡିଜିଟାଲ୍ ଟ୍ୟାଗ୍ କରାଯାଇଛି । ସମସ୍ତ ଜୋନରେ ଅଧିକାରପ୍ରାପ୍ତ ଜୈବିକ ଅଳିଆ ସଂଗ୍ରହକାରୀଙ୍କୁ ଆବଣ୍ଟିତ କରାଯାଇଛି । ପ୍ରତ୍ୟେକ ଚିହ୍ନଟ ଘୁଷୁରୀ ପାଳନ ୟୁନିଟ୍ ୫,୦୦୦ ଟଙ୍କାର ବାର୍ଷିକ ଲାଇସେନ୍ସ ଫି ମାଧ୍ୟମରେ ତାଲିକାଭୁକ୍ତ ହୋଇଛନ୍ତି । ଯାହା ପରେ ସେମାନେ ସ୍ୱୀକୃତିପ୍ରାପ୍ତ ଜୈବିକ ଅଳିଆ ସଂଗ୍ରହ ଅଂଶୀଦାର



ହେବା ପାଇଁ ବିଏମ୍‌ସି ସହିତ ଏକ ସିଧାସଳଖ ବୁଝାମଣାପତ୍ରରେ ସ୍ୱାକ୍ଷରିତ କରିଛନ୍ତି । ଏହି ପଦକ୍ଷେପ ଭୁବନେଶ୍ୱରର ଏକ ବୃତ୍ତାକାର ଅର୍ଥନୀତି ଆଡ଼କୁ ପରିବର୍ତ୍ତନକୁ ସୁଦୃଢ଼ କରେ, ଯେଉଁଠାରେ ଖାଦ୍ୟ ଅପଚୟକୁ ନଷ୍ଟ କରାଯିବା ପରିବର୍ତ୍ତେ ପଶୁ ଖାଦ୍ୟ ଭାବରେ ପୁନଃ ଉପଯୋଗ ହେବ । ଯାହା ମିଥେନ ନିର୍ଗମନ ହ୍ରାସ, ସହରରୁ ବର୍ଜ୍ୟବସ୍ତୁ ବୋଝ ହ୍ରାସ ଏବଂ ପରିବେଶଗତ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ । ଏହି ପଦକ୍ଷେପ ସହିତ, ବିଏମ୍‌ସି ଜାତୀୟ ବର୍ଜ୍ୟବସ୍ତୁ ପରିଚାଳନା ଲକ୍ଷ୍ୟ ଏବଂ ବିଶ୍ୱ ଜଳବାୟୁ-ପ୍ରତିରୋଧୀ ସହର ମାନଦଣ୍ଡ ସହିତ ସମନ୍ୱୟ ରଖି ନବସୃଜନ-ଚାଳିତ ପରିମଳ ସଂସ୍କାର ଏବଂ ଦୀର୍ଘ ସ୍ଥାୟୀ ସହରାଞ୍ଚଳ ବିକାଶ ପ୍ରତିବଦ୍ଧତା ମୂଲ୍ୟବୋଧର ପ୍ରସାର ଦିଗରେ ଅଣ୍ଟା ଭିଡିଛି । ଅତିରିକ୍ତ କମିଶନର କୈଳାଶ ଚନ୍ଦ୍ର ଦାସ ଏବଂ ଡେପୁଟି କମିଶନର ଏନ୍ ଗଣେଶ ବାବୁ ଏହି ପକ୍ରିୟା ପରିଚାଳନା ଦାୟିତ୍ୱରେ ରହିଛନ୍ତି ।

# ଏସ୍‌ଟିଏଫ୍ ନେଲା ବାଘଛାଲ ଜବତ ମାମଲା

■ ଖୋଲିବ ଆନ୍ତଃରାଜ୍ୟ ଲିଙ୍କ୍‌ର ଗୁମର

■ ଧରାପଡ଼ିଥିଲେ ଆଇଏଏସ୍ ପୁଅ ସମେତ ୩ ଅଭିଯୁକ୍ତ

ଭୁବନେଶ୍ୱର, ୨୭।୧୧ (ସମିସ): ରାଜଧାନୀରୁ କଲରାପତରିଆ ବାଘଛାଲ ଜବତ ହେବା ମାମଲା କ୍ରାଇମବ୍ରାଞ୍ଚ ହାତକୁ ଯାଇଛି । ମଙ୍ଗଳବାର କ୍ରାଇମବ୍ରାଞ୍ଚର ଏସଟିଏଫ୍ ନିଜଆଡ଼ୁ ମାମଲା ରୁଜୁ କରିଛି । ଏସଟିଏଫ୍ ଡିଏସପି ସରିତା ବେଉରିଆଙ୍କୁ ମାମଲାର ତଦନ୍ତ ଭାର ଦିଆଯାଇଛି । ଏହି ଘଟଣାରେ କମିସନରେଟ ପୁଲିସର ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ରୋହିତ ମହାପାତ୍ର, ମନଜିତ ସାବତ ଓ ସମ୍ଭୁ ବିଷୋୟୀ ଗିରଫ କରିବା ସହ ବାଘଛାଲ ଜବତ କରିଥିଲା । ଏସଟିଏଫ୍ ହାତକୁ ମାମଲା ଯିବା ପରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଲାଗି ଅଡୁଆ ବଢ଼ିଛି ।

ସୂଚନା ମୁତାବକ, ରୋହିତ, ମନଜିତ ଓ ସମ୍ଭୁ ବାଘଛାଲ ରଖିଥିବା ଖବରପାଇ ଏସସିୟୁ ଟିମ୍ ଖୋଳତାଡ଼ ଆରମ୍ଭ କରିଥିଲା । ବାଘଛାଲ କିଣିବା ଲାଗି ଛଦ୍ମବେଶରେ ସମ୍ଭୁ ଓ ମନଜିତ ସହ ଡିଲ୍ କରିଥିଲା । ବାଘଛାଲ ଜବତ କରିବା ସହ ସେମାନଙ୍କ ତଥ୍ୟ ମୁତାବକ ମୁଖ୍ୟ କାର୍ପଟଦାର ରୋହିତକୁ କାବୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା ।

ରୋହିତର ବାପା ଦିଲ୍ଲୀରେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ହୋଇଥିବାବେଳେ ସେଠାକାର ଜଣେ ବ୍ୟବସାୟୀ ବାଘଛାଲ ଆଣିବାକୁ ରୋହିତକୁ କହିଥିଲେ ବୋଲି ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା । ବରାଦ ପାଇବା ପରେ ରାଉରକେଲାର ଜଣେ ଦଲାଲ ମାଧ୍ୟମରେ କର୍ଣ୍ଣାଟକରୁ କଲରାପତରିଆ ବାଘଛାଲ ମଗାଇଥିଲା ରୋହିତ । ସମ୍ଭୁକୁ ପଠାଇ ରାଉରକେଲାରୁ ବାଘଛାଲକୁ ଭୁବନେଶ୍ୱର ଆଣିଥିଲା । ଏଠାରେ ଡିଲ୍ ଚାଲିଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲା । ଘଟଣାରେ ଆନ୍ତଃରାଜ୍ୟ ଲିଙ୍କ୍ ସାମ୍ନାକୁ ଆସିବା ପରେ ନିଜ ଆଡ଼ୁ ମାମଲା ରୁଜୁ କରିଛି ଏସଟିଏଫ୍ । କର୍ଣ୍ଣାଟକ ଲିଙ୍କ୍ ଖୋଜିବା ଲାଗି ନିଜ ଆଡ଼ୁ ମାମଲା ରୁଜୁ କରିଛି ।

# ଓଡ଼ିଶାକୁ ବିଶ୍ୱ ମାନ୍ୟତା ଦେଲା 'ମାଳିପୁଟ୍ ମେଲୋଡିଜ୍'

ଭୁବନେଶ୍ୱର, ୨୭।୧୧(ସମିସ): ଆଇଏଫ୍ଏଫ୍ଆଇ ୨୦୨୫: ସାରା ବିଶ୍ୱ ଓଡ଼ିଶାର ଏକ ଅସ୍ପଷ୍ଟ ଗାଁର ଏକ ଚଳଚ୍ଚିତ୍ର ଦେଖୁଛି । ଗାଁ ଲୋକେ ଏକାଠି ଏକ ଚଳଚ୍ଚିତ୍ର ତିଆରି କରିଥିଲେ, ଯେଉଁଥିରେ କାକା-ଭଣଜା, ଭାଉଜ, ଭାଉଜ ଏବଂ ଅନ୍ୟାନ୍ୟ ସମ୍ପର୍କୀୟମାନେ ଅଭିନୟ କରିଥିଲେ ।

'ପ୍ରତ୍ୟେକ ଘାଟରେ ପାଣି ବଦଳେ, ପ୍ରତି ମାଇଲରେ ଭାଷା ବଦଳେ...' ଏବଂ ଏହି ଧାଡିକୁ ଯୋଡିବା ପାଇଁ, 'ପ୍ରତ୍ୟେକ ଗାଁରେ, ଲୋକ ଯେତେ ଅଛନ୍ତି ସେତେ କାହାଣୀ ଅଛି ।' ଏହି ଉକ୍ତି ଓଡ଼ିଆ ସଂକଳନ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡିଜ୍' ସହିତ ସମ୍ପୂର୍ଣ୍ଣ ଫିଟ୍ ହୁଏ । ଏହା ସମଗ୍ର ଗାଁକୁ ଏକାଠି କରି ତିଆରି କରାଯାଇଥିବା ଏକ ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରର ଚରିତ୍ରମାନେ ପ୍ରକୃତରେ ସମ୍ପର୍କୀୟ । ପ୍ରଯୋଜକ କୌଶିକ ଦାସ ଏବଂ ନିର୍ଦ୍ଦେଶକ ବିଶାଳ ପଟ୍ଟନାୟକ ଚଳଚ୍ଚିତ୍ରର ସୃଷ୍ଟିର କାହାଣୀ ବର୍ଣ୍ଣନା କରିଥିଲେ ।

**ବିଶ୍ୱ ସିନେ ବିଶେଷଜ୍ଞ ଦେଖିଲେ କୋରାପୁଟର କଥା**

୪ଶହରୁ ଅଧିକ ଚଳଚ୍ଚିତ୍ର ମଧ୍ୟରୁ ମନୋନୀତ, 'ମାଳିପୁଟ ମେଲୋଡିଜ୍' ହେଉଛି ଆଇଏଫ୍ଏଫ୍ଆଇ ଗୋଆ ୨୦୨୫ରେ ଭାରତୀୟ ପାନୋରାମା ପାଇଁ ମନୋନୀତ ଏକମାତ୍ର ଓଡ଼ିଆ ଫିଚର ଫିଲ୍ମ । ଏହାକୁ ଆନୁଷ୍ଠାନିକ ଭାବରେ ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଯାଇଥିଲା । ଏହା ୪ଶହରୁ ଅଧିକ ଚଳଚ୍ଚିତ୍ର ମଧ୍ୟରୁ ମନୋନୀତ ୨୫ ଟି ଶ୍ରେଷ୍ଠ ଚଳଚ୍ଚିତ୍ର (ମୁଖ୍ୟଧାରାର ସିନେମାରୁ ପାଞ୍ଚଟି ସମେତ) ମଧ୍ୟରେ ଥିଲା ।

ବିଶ୍ୱାସ ହେଉ ନାହିଁ ତଥାପି, ୨୦ ପ୍ରତିଶତ କଳାକାର ନାଟକ କଳାକାର ଅଛନ୍ତି, ଦୀର୍ଘ ଦିନ ଧରି ତାଙ୍କୁ ତାଲିମ ଦିଆଯାଇଥିଲା । କୌଶିକ ଦାସ କୁହନ୍ତି ଯେ 'ମାଳିପୁଟ ମେଲୋଡିଜ୍' ଏକ ଫିଚର ସଂକଳନ ଚଳଚ୍ଚିତ୍ର । ଏହା ଓଡ଼ିଶାର କୋରାପୁଟ ଜିଲ୍ଲାର ଏକ ଛୋଟ ଆଦିବାସୀ ଗାଁର କାହାଣୀ । ଏହି ଚଳଚ୍ଚିତ୍ରଟି ଏହି ଗ୍ରାମ ଏବଂ କୋରାପୁଟର ଅନ୍ୟ କିଛି ସ୍ଥାନରେ ସୁଟିଂ କରାଯାଇଥିଲା । ଚଳଚ୍ଚିତ୍ରର ଅନେକ ମନୋରମ ପ୍ରାକୃତିକ ଦୃଶ୍ୟ ଦେଖି ବିଶ୍ୱାସ କରିବା କଷ୍ଟକର ହୋଇପାରେ । ନିର୍ଦ୍ଦେଶକ ବିଶାଳ ଜେପୋର (ଓଡ଼ିଶା) ସ୍କ୍ରିନିଂରେ ପ୍ରଶ୍ନୋତ୍ତର ଅଧିବେଶନରେ ବ୍ୟାଖ୍ୟା କରିଥିଲେ, 'ଏହି ଚଳଚ୍ଚିତ୍ରର ୫୦ପ୍ରତିଶତ ଚରିତ୍ର ଜଣାଶୁଣା ଲୋକ । କେତେକ ମାମୁ, ମାଉସୀ, ଭାଇଭଉଣୀ, ଭାଉଜ, ଭଉଣୀ ଇତ୍ୟାଦି । ଯେତେବେଳେ ସମସ୍ତେ ଜାଣିଲେ ଯେ ମୁଁ ଚଳଚ୍ଚିତ୍ର ତିଆରି କରୁଛି, ସେମାନେ ସମସ୍ତେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସେମାନଙ୍କୁ ସୁଯୋଗ ଦେବା ଉଚିତ ମନେ କରି ମୁଁ ସମସ୍ତଙ୍କୁ ଗୋଟିଏ ଗୋଟିଏ ଚରିତ୍ରରେ ଅଭିନୟ କରିବା ପାଇଁ ସୁଯୋଗ ଦେଇଥିଲି ।



ପ୍ରଯୋଜକ କୌଶିକ ଦାସ କୁହନ୍ତି, ସମସ୍ତଙ୍କର ଅଭିନୟ କରିବା କଷ୍ଟକର ଥିଲା କାରଣ କେହି କେବେ କ୍ୟାମେରା ସାମ୍ନାରେ କାମ କରିନଥିଲେ । ତେଣୁ, ସମସ୍ତଙ୍କୁ ତାଲିମ ଦିଆଯାଇଥିଲା । ଖର୍ଚ୍ଚ ପ୍ରାୟ ୫୦ଲକ୍ଷ ଟଙ୍କା ହୋଇଥିଲା । ଫିଲ୍ମଟି ଏକ ଗାଁରେ ସୁଟିଂ ହୋଇଥିଲା ଏବଂ ସମସ୍ତ ଅଭିନେତା ମୋତେ ଜଣାଶୁଣା ଥିଲେ । ମୁଁ ଏପର୍ଯ୍ୟନ୍ତ ସାତରୁ ଅଧିକ ଚଳଚ୍ଚିତ୍ର ତିଆରି କରିଛି । ବର୍ତ୍ତମାନ ଆହୁରି କିଛି ଉପରେ କାମ ଚାଲିଛି । ଆମେ ଏହି ଉପାୟରେ ଗ୍ରାମାଞ୍ଚଳର କାହାଣୀଗୁଡ଼ିକୁ ଆଣି ବିଶ୍ୱକୁ ଏକ ସିନେମାଟିକ୍ ଭାରତ ଦେଖାଇବାକୁ ଚେଷ୍ଟା କରୁଛୁ ।

# ମୋବାଇଲ୍ ଚୋର 'ଚଣ୍ଡାଳ' ଦୋଷୀ ସାବ୍ୟସ୍ତ


ଭୁବନେଶ୍ୱର, ୨୭।୧୧ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳର ଏକ ମୋବାଇଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି । ଭୁବନେଶ୍ୱର ସ୍ଥିତ ଜେଏମଏଫସି ୫ମର ବିଚାରପତି ଇତିଶ୍ରୀ ମହାପାତ୍ର ଆସାମୀ ମନୋଜ ବେହେରା ଓରଫ ଚାଣ୍ଡାଳକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।



ପୁଲିସ ସୂଚନାନୁସାରେ, ଗତ ଏପ୍ରିଲ ମାସ ୧୫ ତାରିଖ ରାତିରେ କସମୋପଲିସ ନିକଟସ୍ଥ ମଧୁସୂଦନ ସମବାୟ ନଗରରେ ରହୁଥିବା ତଥାଗତ ମହାରଣା ଘରେ ଶୋଇଥିବା ସମୟରେ ଚାଣ୍ଡାଳ ସୁଯୋଗ ଦେଖି ସେମାନଙ୍କ ମୋବାଇଲ୍ ଚୋରି କରି ନେଇଥିଲା । ଏନେଇ ତଥାଗତ ଅଭିଯୋଗ କରିବା ପରେ ଖଣ୍ଡଗିରି ଥାନା ପୁଲିସ କେସ୍ ନଂ - ୨୩୭ ରେ ଦଫା ୩୦୫(ଏ) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଥିଲା । ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ରାମଚନ୍ଦ୍ର ବିଶ୍ୱାଳ ଅଭିଯୁକ୍ତ ଚାଣ୍ଡାଳକୁ ଗିରଫ କରିବା ସହିତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ ।

ଅଦାଲତ ୪ ଜଣ ସାକ୍ଷୀଙ୍କ ବୟାନ ଓ ୧୨ଟି ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ଚାଣ୍ଡାଳକୁ ଦଫା ୩୦୫(ଏ) ବିଏନଏସ ଅନୁଯାୟୀ ୭ ମାସର ସଶ୍ରମ କାରାଦଣ୍ଡ ସହିତ ୨ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ଏକ ମାସର କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି । ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ ।

# ଆରମ୍ଭରୁ ଶୌଚାଳୟରେ ପଡ଼ିଛି ତାଲା; ଶ୍ରଦ୍ଧାଳୁ ହନ୍ତସନ୍ତ



ଭୁବନେଶ୍ୱର, ୨୭ ।୧୧(ସମିସ): ପର୍ଯ୍ୟଟନ ଋତୁ ଚାଲିଥିବାରୁ ଏକାମ୍ରରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁମାନେ ଲିଙ୍ଗରାଜ ମନ୍ଦିର ଦର୍ଶନ କରିବା ସହିତ ଅନନ୍ତ ବାସୁଦେବ, କେଦାରଗୌରୀ ସମେତ ଅନ୍ୟାନ୍ୟ ମନ୍ଦିର ବୁଲାବୁଲି କରୁଛନ୍ତି । ହେଲେ ଶ୍ରଦ୍ଧାଳୁମାନେ ବୁଲାବୁଲି କରିବା ପରେ ଶୌଚାଳୟ ବ୍ୟବହାର କରିବା ପାଇଁ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଲିଙ୍ଗରାଜ ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯିବା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରର ସାମ୍ନା ପଟର ଦକ୍ଷିଣ ପୂର୍ବ କୋଣରେ ଶ୍ରଦ୍ଧାଳୁଙ୍କ ପାଇଁ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି । ହେଲେ ଏହି ଶୌଚାଳୟ ଆରମ୍ଭରୁ ଉଦ୍‌ଘାଟନ ନହୋଇ ଅପରିଷ୍କାର ପାଣି ନିଷ୍କାସନର ରାସ୍ତା ନ ଥିବାରୁ ଏହି ଶୌଚାଳୟ ଶ୍ରଦ୍ଧାଳୁଙ୍କ କାମରେ ଆସୁନାହିଁ । ଫଳରେ ଆସୁଥିବା ପର୍ଯ୍ୟଟକ ଶ୍ରଦ୍ଧାଳୁ ଏକାମ୍ରରେ ଶୌଚାଳୟର ଆଭାବ ଥିବାରୁ ଏକ ବିତୃଷ୍ଣା ମନଭାବ ନେଇ ଫେରୁଛନ୍ତି ।

ପୂର୍ବରୁ ଲିଙ୍ଗରାଜ ମନ୍ଦିର ହାଟ ପାଖରେ ଏକ ଶୌଚାଳୟ ରହିଥିଲା ହେଲେ ମନ୍ଦିର ସୌନ୍ଦର୍ଯ୍ୟକରଣ ସମୟରେ ଏହି ଶୌଚାଳୟକୁ ଭଙ୍ଗା ଗଲା କେବଳ ହାଟ ବ୍ୟବସାୟୀଙ୍କ ପାଇଁ ଏକ ଛୋଟ ଶୌଚାଳୟ ତିଆରି ହୋଇଛି । ଏହିପରି ଲୋକଙ୍କ ସୁବିଧା ପାଇଁ ଲିଙ୍ଗରାଜ ମାର୍କେଟ ପାଖରେ ଗୋଟେ ଶୌଚାଳୟ ରହିଚି ହେଲେ ଏହି ଶୌଚାଳୟ କେବେ ଖୋଲା ତ କେବେ ବନ୍ଦ ପଡ଼ୁଛି । ଏଥିସହିତ ମନ୍ଦର ପାଖରେ ଥିବା ଇ ଶୌଚାଳୟ ଆଉ ନାହିଁ । ରଥରୋଡ଼ର ଶୀତଳଷଷ୍ଠୀ ରାସ୍ତାରେ ଇ ଟଏଲେଟ୍ ଖତ ଖାଉଛି । ହେଲେ ଶୌଚାଳୟ ନପାଇ ଶ୍ରଦ୍ଧାଳୁମାନେ ହଇରାଣ ହରକତ ହେଉଛନ୍ତି । ଦେବୀ ପାଦହରା ନିକଟରେ ଥିବା ଗୋଟେ ଶୌଚାଳୟରେ ସମସ୍ତ ଶ୍ରଦ୍ଧାଳୁ, ସେବାୟତ, ପର୍ଯ୍ୟଟକ, ସାଧାରଣ ଲୋକମାନେ ନିର୍ଭରଶୀଳ ହେଉଥିବାରୁ ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀ ବିରକ୍ତି ଭାବ ପ୍ରକାଶ କରିଛନ୍ତି । ବିଶେଷ କରି ବାହାରର ଶ୍ରଦ୍ଧାଳୁମାନେ ରାତି ହେଲେ ଶୌଚାଳୟ ବ୍ୟବହାର କରିବା ପାଇଁ ନାନା ପ୍ରକାରର ସମସ୍ୟା ଭୋଗୁଛନ୍ତି । ରାଜସ୍ଥାନରୁ ଆସିଥିବା ଶ୍ରୀବାସ ପଟେଲ କୁହନ୍ତି ଆମେ ଏହି ଏରିଆ ବିଷୟରେ କିଛି ବି ଜଣାନାହିଁ । ସୌଚ ପାଇଁ ରାସ୍ତା କଡ଼ ହିଁ ଆମ ପାଇଁ ଭରସା ବୋଲି ସେ କହିଛନ୍ତି ।

### ଅନିୟମିତ ପ୍ରାକୃତିକ ଖାଦ୍ୟ ଶୃଙ୍ଖଳ

# ଗାଁ ଦାଣ୍ଡରେ ବାର୍‌ହା ମାରୁଛନ୍ତି ପଇଁତରା

ଭୁବନେଶ୍ୱର, ୨୭।୧୧ (ସମିସ): ରାଜଧାନୀ ଉପକଣ୍ଠବର୍ତ୍ତୀ ଜଙ୍ଗଲରେ ମାଂସାସୀ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ ପ୍ରାକୃତିକ ଖାଦ୍ୟଚକ୍ରରେ ଅହେତୁକ ଅନିୟମିତତା ବୃଦ୍ଧି ପାଇବାରେ ଲାଗିଛି । ଫଳରେ ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବାର୍‌ହାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ପରିଣାମ ସ୍ୱରୂପ ବାର୍‌ହାମାନେ

■ ଆତଙ୍କରେ ଆତଙ୍କିତ ରାଜଧାନୀ ଉପକଣ୍ଠବାସୀ

■ ଭୟରେ ସଞ୍ଜ ହେଲେ ଘରୁ ବାହାରୁ ନାହାନ୍ତି ଲୋକେ

■ ଦଳିମକଚି ନଷ୍ଟ କରି ଦେଉଛନ୍ତି ଫସଲ

ଜଙ୍ଗଲ ଛାଡ଼ି ରାଜଧାନୀ ଉପକଣ୍ଠବର୍ତ୍ତୀ ଗ୍ରାମାଞ୍ଚଳକୁ ପଶି ଆସୁଛନ୍ତି । ରାତି ତ ରାତି ଦିନ ଦୁଇପ୍ରହରରେ ମଧ୍ୟ ବାର୍‌ହାମାନେ ବିଭିନ୍ନ ଗ୍ରାମରେ ବୁଲୁଥିବା ଦେଖିବାକୁ ମିଳୁଛି ଏବଂ ସେମାନେ ଫସଲ ନଷ୍ଟ କରୁଥିବା ଜଣାପଡ଼ିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି ।

ରାଜଧାନୀ ସହରଠାରୁ ଅନତି ଦୂରକୁ ଲାଗି ରହିଛି ଚନ୍ଦକା-ଡମପଡ଼ା ସଂରକ୍ଷିତ ଜଙ୍ଗଲ । ଉପକଣ୍ଠବର୍ତ୍ତୀ



ଜଙ୍ଗଲ ଚାରିପଟେ ରହିଛି ମଦନପୁର, ଦେଉଳିଆ ପାଟଣା, କାଇମାଟିଆ, ପାଇକରାପୁର, ମେଣ୍ଢାଶାଳ, ଗିରିଙ୍ଗାପୁଟ, ଅନ୍ଧାରୁଆ, ଛତାବର, କଣ୍ଟାବାଡ଼ ଚନ୍ଦକା ଆଦି ଗ୍ରାମ । ଏକଦା ଏହି ଜଙ୍ଗଲରେ ବାଘଭାଲୁ ଆଦି ମାଂସାସୀ ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଥିଲା । କିନ୍ତୁ ମାଂସାସୀ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ଏବଂ କଠୋର ବନ୍ୟପ୍ରାଣୀ ଆଇନ ତଥା ବନବିଭାଗର ୨୪ ଘଣ୍ଟିଆ ପଇଁତରା ଯୋଗୁଁ ଏହି ଅଞ୍ଚଳରେ ପୂର୍ବରୁ କାଁ ଭାଁ ବାରହା ଦେଖା ଦେଉଥିବା ବେଳେ ଏବେ ସେମାନଙ୍କ ସଂଖ୍ୟା ଢେର୍ ବଢ଼ିଛି । ଅପରପକ୍ଷେ ଗୋଟିଏ ବାରହା ଏକକାଳୀନ ୭/୮ ଛୁଆ ଦେଉଥିବାରୁ ବାରହା ବଂଶ ହଠାତ୍ ବୃଦ୍ଧି ପାଇଛି । ଏହାର କୁପ୍ରଭାବ ଉପକଣ୍ଠବାସୀଙ୍କ ଉପରେ ପଡ଼ିଛି । ବାର୍‌ହା ପଲ ଏବେ ଗାଁ ଦାଣ୍ଡରେ ପଇଁତରା ମାରୁଛନ୍ତି । କାହା ବାଡ଼ିରେ ପସି ଫସଲ ନଷ୍ଟ କରୁଛନ୍ତି ତ କାହା କ୍ଷେତରେ ପଶି ଧାନ ଚାଷକୁ ନଷ୍ଟ କରି ପକାଉଛନ୍ତି । ପରିସ୍ଥିତି ଏମିତି ହେଲାଣି ଯେ, ଦିନବେଳେ ମଧ୍ୟ ଗାଁ ମେଳନ ପଡ଼ିଆ ଠାରୁ ଆରମ୍ଭ କରି ଗାଁ ଭିତରେ ବୁଲୁଛନ୍ତି । ପଲ ପଲ ବାରହା ରାସ୍ତା ଅତିକ୍ରମ କରିବାରୁ ଲୋକମାନେ ଦୁର୍ଘଟଣାର ମଧ୍ୟ ଶିକାର ହେଉଛନ୍ତି । ବାରହାଙ୍କ ଏଭଳି ଉତ୍ପାତ ଯୋଗୁଁ ଉପକଣ୍ଠର ଗ୍ରାମବାସୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ।

ଜଙ୍ଗଲୀ ବାରହାଙ୍କ ଆତଙ୍କ ଏବେ ଚାଷୀମାନଙ୍କ ନିଦ ହଜାଇ ଦେଇଛି । ପାଚିଲା ଧାନ କିଆରି ଅମଳ ବେଳେ ଦାଉ ସାଧୁଛି । ବାରହା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରିଦେଉଥିବା ବେଳେ ନିଜର ପରିଶ୍ରମର ଫଳକୁ ଘରକୁ ଆଣିବା ପାଇଁ ଚାଷୀମାନେ ରାତି ଅନିଦ୍ରା ହେଉଛନ୍ତି । ହାତରେ ବାଡ଼ି ଓ ଟର୍ଚ୍ଚ ଧରି ରାତିସାରା ଫସଲକୁ ଜଗି ରହୁଛନ୍ତି । ବାରହା କବଳରୁ ବର୍ଷକର ଆହାର ରକ୍ଷା କରିବାକୁ ଯାଇ ଧାନ ବିଲ ପାଖରେ ଟିଣ ବାଡ଼ ଦେଉଛନ୍ତି । କେବଳ ବାର୍‌ହା ଦ୍ୱାରା ଫସଲ ନଷ୍ଟ ହେଉନାହିଁ ବାର୍‌ହା ଆକ୍ରମଣରେ ବିଭିନ୍ନ ସମୟରେ ଉପକଣ୍ଠବର୍ତ୍ତୀ ଅଞ୍ଚଳବାସୀ ଆହତ ହେଉଥିବା ନଜିର୍ ରହିଛି । ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପାଇକରାପୁର ଥୋଡ଼ିଆ ବନ୍ଧ ନିକଟରୁ ଉଦ୍ଧାର କରାଯାଇଥିଲା । ଏହି ବ୍ୟକ୍ତିଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବାର୍‌ହା ଆକ୍ରମଣ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ସ୍ଥାନୀୟ ଅଞ୍ଚଳବାସୀ ବାର୍‌ହା ଦେଖି ଭୟଭିତ ହେବାର ବହୁ ନଜିର୍ ରହିଛି । ଅନେକ ଲୋକ ସଞ୍ଜ ହେଲେ ଘରୁ ବାହାରୁ ନାହାନ୍ତି ।

# ସମ୍ପାଦକୀୟ


ଯଦି ଜନତାଙ୍କୁ ମତାଧିକାର ସାବ୍ୟସ୍ତ କରିବାର ପୂର୍ଣ୍ଣ କ୍ଷମତା ଦିଆଯାଏ, ତେବେ ଶାସନ ବ୍ୟବସ୍ଥା ଏକ ଉଚ୍ଚତର ସୋପାନରେ ପହଞ୍ଚିବ ।
-ମାର୍କ ଜୁକରବର୍ଗ

ସକାଳ
THE SAKALA

## ପ୍ରଭାବହୀନ କୋପ୍ ୩୦

ବ୍ରାଜିଲ୍‌ର ବେଲମ୍‌ଠାରେ ଗତସପ୍ତାହରେ ସମାପ୍ତ ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍‌୩୦) ପୁଣି ଥରେ ଚକ୍ଷୁକୁଟା ପ୍ରହସନରେ ପରିଣତ ହୋଇଛି । ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ତାପମାନ ନିୟନ୍ତ୍ରଣ ଲକ୍ଷ୍ୟ ପ୍ରାୟତଃ ଗୁରୁତ୍ୱ ହରାଇଥିବା ବେଳେ କେବଳ ଉପରଦେଖାଣିଆ ଭାବରେ ଜଳବାୟୁ ପାଣ୍ଠି ପରିମାଣ ବୃଦ୍ଧି ଉପରେ ସକାରାତ୍ମକ ମତୈକ ପ୍ରକାଶ ପାଇଛି । ପରିବେଶ ପ୍ରଦୂଷଣରେ ସର୍ବାଧିକ ପ୍ରଭାବିତ ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କ ପ୍ରତି ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ବିକଶିତ ଦେଶମାନଙ୍କର ଉତ୍ତରଦାୟିତ୍ୱ ବୃଦ୍ଧି ନେଇ କୋପ୍‌୩୦ରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଥିବା ବେଳେ ସେଥିରେ ମଧ୍ୟ ନିରାଶ ହେବାକୁ ପଡ଼ିଛି । ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ସବୁଜ ଗୃହ ବାଷ୍ପ ସୃଷ୍ଟିକାରୀ ସାମଗ୍ରୀର ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବା ପାଇଁ କୋପ୍ ୩୦ରେ ସଂକଳ୍ପ ଆଗତ କରିବାକୁ ଯୋଜନା ଚୂଡ଼ାନ୍ତ ହୋଇଥିଲା । କିନ୍ତୁ ଭାରତ ଓ ଚୀନ୍ ସମେତ କେତେକ ବିକାଶଶୀଳ ରାଷ୍ଟ୍ର ଏଭଳି ପାତରଅନ୍ତର ନୀତିର ଘୋର ବିରୋଧ କରିବା ପରେ ତାହା ସ୍ଥଗିତ ରହିଲା । ଏଥିରୁ କୋପ୍‌୩୦ ଯେ ତାର ମୂଳ ଓ ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛି ଏହି ଅଭିଯୋଗ ନିରାଧାର ନୁହେଁ ।

କୋପ୍ ୩୦ର ଏକମାତ୍ର ସକାରାତ୍ମକ ବାର୍ତ୍ତା ହେଲା ବ୍ୟାପକ ଶିଳ୍ପାୟନ ଓ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ବିକାଶଶୀଳ ଦେଶମାନଙ୍କର କ୍ଷତିଭରଣା ପାଇଁ ୨୦୩୫ ମସିହା ପର୍ଯ୍ୟନ୍ତ ବାର୍ଷିକ ୧.୩ ଲକ୍ଷ କୋଟି ଡଲାରର ଅନୁଦାନ ଦେବା ପାଇଁ ସଦସ୍ୟ ଦେଶମାନେ ସହମତ ହୋଇଛନ୍ତି । ସେହିପରି କୋପ୍‌୨୮ ରେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଇଁ ପ୍ରସ୍ତାବିତ 'ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ' ଆରମ୍ଭ କରିବା ଏବଂ ପ୍ରସ୍ତାବିତ ପାଣ୍ଠି ରାଶିକୁ ତିନିଗୁଣା ବୃଦ୍ଧି କରିବା ଲାଗି ମଧ୍ୟ ସଂକଳ୍ପ ପାରିତ ହୋଇଛି । କିନ୍ତୁ ୨୦୧୯ ରୁ ଜଳବାୟୁ ପାଣ୍ଠି ପ୍ରତି ବିକଶିତ ଦେଶମାନଙ୍କର ପ୍ରତିଶ୍ରୁତି ଓ ଅଙ୍ଗୀକାରବଦ୍ଧତାରେ ଥିବା ଆକାଶପାତାଳ ତଫାତ୍‌ର ଅନୁଭବ ଦୃଷ୍ଟିରୁ ଉପରୋକ୍ତ ସଂକଳ୍ପର ରୂପାୟନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସେହିପରି ଆମେରିକା ଜଳବାୟୁ ଶିଖର ସମ୍ମିଳନୀରୁ ଓହରି ଆସିଥିବାରୁ ଜଳବାୟୁ ପାଣ୍ଠିର ଆକାର ଓ କାର୍ଯ୍ୟାନ୍ୱୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଅପ୍ରିୟ ସତ୍ୟ ହେଉଛି, ବିକଶିତ ଦେଶମାନେ ଉତ୍ତରଦାୟିତ୍ୱ ନ ନେବା ପର୍ଯ୍ୟନ୍ତ ଜଳବାୟୁ ଶିଖର ସମ୍ମିଳନୀମାନ ଏଭଳି ଚକ୍ଷୁକୁଟା ପ୍ରହସନ ହୋଇଚାଲିଥିବ । କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଉଠେଇବ କିଏ? ସାମ୍ପ୍ରତିକ ବିଶ୍ୱର ସର୍ବବୃହତ୍ ଆହ୍ୱାନ ହେଉଛି ଜନତାଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ । ସ୍ୱାର୍ଥସର୍ବସ୍ୱ ମାନସିକତାରେ ଏହି ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ । ବୋଧହୁଏ ନିଜେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ନ ହେବା ଯାଏଁ ବିକଶିତ ରାଷ୍ଟ୍ରମାନଙ୍କର ଚେତନା ଉଦୟ ହେବ ନାହିଁ । ସେପର୍ଯ୍ୟନ୍ତ ଅବଶିଷ୍ଟ ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଷ ପିଇବାକୁ ବାଧ୍ୟ । ବିଶେଷକରି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ତଥା ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ପ୍ରଭାବିତ ତାଲିକାରେ ନବମ ସ୍ଥାନରେ ଥିବା ଭାରତ ପାଇଁ ଏହି ଆହ୍ୱାନର ମୁକାବିଲା କରିବା ଆହୁରି ଅଧିକ କଠିନ ।

ଏବେ ସମୟ ଆସିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ହ୍ରାସ କରିବା ପାଇଁ ଜାତୀୟ ନୀତି ପ୍ରଣୟନ କରିବାର । ଭାରତକୁ ଖାଦ୍ୟାଭାବ, ବାତ୍ୟା, ବନ୍ୟା, ମରୁଡ଼ି, ସମୁଦ୍ର ପତ୍ତନ ବୃଦ୍ଧି, ଜଳାଭାବ, ଶସ୍ୟ ହାନି, ସ୍ୱାସ୍ଥ୍ୟସଙ୍କଟ, ଜୈବବିବିଧତା ହ୍ରାସ, ଅଂଶୁଘାତ, ଆଦି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁଷ୍ପ୍ରଭାବରୁ ସୁରକ୍ଷା ଦେବାକୁ ହେଲେ ସଂକଳ୍ପ ନୁହେଁ, ଯୁଦ୍ଧକାଳୀନ ପଦକ୍ଷେପ ଆବଶ୍ୟକ । ଏଥିପାଇଁ ସରକାରୀ ଓ ରାଜନୈତିକ ନିଷ୍ଠା, ଗୋଷ୍ଠୀ ସହଭାଗିତା ଓ ପ୍ରଶାସନିକ ଆନ୍ତରିକତା ଅପରିହାର୍ଯ୍ୟ । ସେହିପରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ସମାଧାନରେ ବୈଷୟିକ ଜ୍ଞାନକୌଶଳ ସହ ପାରମ୍ପରିକ ମୌଳିକ ଜ୍ଞାନକୁ ସମ୍ମିଳିତ ଭାବେ ପ୍ରୟୋଗ କରିବା ପାଇଁ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ମଧ୍ୟ ଜରୁରୀ ।

## ଆପଣା ହସ୍ତେ ଜିହ୍ୱା ଛେଦି

ଯାନବାହନ ଓ ସେଗୁଡ଼ିକର ଚାଳିତ ଶକ୍ତି ଜୀବାଶ୍ମ ଇନ୍ଧନର ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଜାରି କରିବା ଲାଗି ସରକାରଙ୍କୁ ଆବେଦନ କରିଛନ୍ତି କାରନିର୍ମାଣକାରୀ ସଂସ୍ଥାର ଜନୈକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ଆବେଦନର କାରଣରେ ସେ ଦର୍ଶାଇଛନ୍ତି ଯେ କାର ମୋ ଜୀବିକାର୍ଜନର ମୁଖ୍ୟ ସହାୟକ ଏହା ନିଃସନ୍ଦେହ; କିନ୍ତୁ ତା'ଠାରୁ ଗୁରୁତ୍ୱପୂର୍ଣ୍ଣ ମୋ ପୂର୍ବ ଓ ଉତ୍ତର ପିଢ଼ିର ସ୍ୱାସ୍ଥ୍ୟ ଓ ଭବିଷ୍ୟତ । ଯାନବାହନ ଚଳାଚଳରେ କଟକଣା ନ ଲାଗିବା ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣରୁ ଯେ ମୁକ୍ତି ନାହିଁ ଏହି ଆପ୍ତ ବାକ୍ୟଟି ସମ୍ପୃକ୍ତ ସିଇଓଙ୍କ ଆବେଦନରୁ ସ୍ପଷ୍ଟ ଓ ନିଧାର୍ଯ୍ୟ ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଦ୍ରୁତ ସହରୀକରଣ ସହିତ କର୍ମସ୍ଥଳୀ, ବିପଣନ ଓ ମନୋରାଞ୍ଜନ ବିକ୍ଷିପ୍ତ ହୋଇଛି ଏବଂ ଗମନାଗମନରେ ଯାନବାହନ ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଛି । ସେହି ଆଧାରରେ ଆଶାତୀତ ଭାବେ ଯାନବାହନ ଉତ୍ପାଦନ ଓ ବିକ୍ରି ବଢ଼ିବାରେ ଲାଗିଛି । ବ୍ୟାଙ୍କ ଓ ବିଭିନ୍ନ ଦେଶୀବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଙ୍କ ପ୍ରାବଲ୍ୟ ଯୋଗୁଁ ସହଜରେ ଋଣ ମିଳିଯାଉଛି । ତା' ସହିତ ଲୋକମାନଙ୍କର ଉପାର୍ଜନ ମଧ୍ୟ ବଢ଼ିଛି । ଆୟ ଓ ଋଣ ସମ୍ପର୍କର ସିଧାସଳଖ ପ୍ରଭାବ ଯାନବାହନ ସଂଖ୍ୟା ବୃଦ୍ଧିରେ ପ୍ରତିଫଳିତ ହେଉଛି । ପରିଣାମ ସ୍ୱରୂପ ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି । ବିଷାକ୍ତ ଓ ପ୍ରଦୂଷିତ ବାୟୁ ସମସ୍ୟା ଓ ପରିବେଶ ସଙ୍କଟ ଏବେ କେବଳ ଆଉ ଦେଶର ରାଜଧାନୀ ଦିଲ୍ଲୀରେ ସୀମିତ ହୋଇ ରହିନାହିଁ । ଆମ ରାଜ୍ୟର ଅନୁଗୁଳ ସହର ପ୍ରଦୂଷିତ ବାୟୁ ମାନରେ ଦିଲ୍ଲୀକୁ ମଧ୍ୟ ଟପିଯାଇଛି । ଧୀରେ ଧୀରେ ଦେଶର ବିଭିନ୍ନ ଜନାକୀର୍ଣ୍ଣ ସହରାଞ୍ଚଳ ଏଭଳି ପ୍ରଦୂଷିତ ବାୟୁର ପଞ୍ଝା ମଧ୍ୟକୁ ଚାଲିଯାଉଛି ।

ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ବିଷୟରେ ଜନତା ଆଉ ଅଜ୍ଞ ନୁହନ୍ତି । ତେଣୁ ସୂଚନା ଓ ସଚେତନତା ପ୍ରୟାସ ବୃଥା । କଥା କଥାକେ ଗାଡ଼ିଟିଏ ନ ହେଲେ ଘରୁ ଗୋଡ଼ ବାହାର କରିବାର କୁଣ୍ଠାକୁ ଆମେ ତ୍ୟାଗ କରିପାରୁନାହୁଁ । ସବୁଜାଣି ମଧ୍ୟ ଅଧିକ ସୁଖ, ସୁବିଧା ଲୋଡୁଥିବାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି ଏବଂ ଆମର ଉତ୍ତରପିଢ଼ିଙ୍କୁ ମଧ୍ୟ ଭୋଗିବାକୁ ପଡ଼ିବ । ଓଡ଼ିଶାରେ ଏକ ପ୍ରବାଦ ଅଛି - ଆପଣାହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ । ବିଷବଳୟରୁ କେବଳ ଆମର ଆତ୍ମସଂଯମ ହିଁ ଉଦ୍ଧାର କରିପାରିବ । ନିଷ୍ପତ୍ତି ଆମମାନଙ୍କର ।

# ଓଡ଼ିଆ ଅସ୍ମିତା ଓ ସ୍ୱାବଲମ୍ବନ

ଡ. ପ୍ରମୋଦ କୁମାର ପଣ୍ଡା



ଆଜିକାଲି ଆମେ ସମସ୍ତେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଆମ ଅସ୍ମିତା ଦେଶ ଓ ବିଦେଶରେ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ପ୍ରତି ଓଡ଼ିଆ ମୁଣ୍ଡ ଟେକି ଆଖିରେ ଆଖି ମିଳାଇ ଅନ୍ୟ ରାଜ୍ୟ ଓ ବିଦେଶର ଲୋକଙ୍କ ସହିତ କଥା ହୋଇପାରିବ କିମ୍ବା ନିଜ ଅଧିକାର ଜାହିର କରିପାରିବ । ଅନ୍ୟମାନେ ଯେତେବେଳେ ଆମକୁ ଦେଖିବେ ତୁରନ୍ତ ସମ୍ମାନ ଦେବାର ମାନସିକତା ପ୍ରଦର୍ଶନ କରିବେ ସ୍ୱତଃପ୍ରବୃତ୍ତ ଭାବରେ । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ନିଜକୁ ଧନୀ କରିପାରିବା ।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଭିକାରୀର ଇଚ୍ଛା ବାଛିବାର ଅଧିକାର ନାହିଁ, ଯିଏ ଯାହା ଦେଲା ସେଥିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ।' ଏ ଦୁନିଆରେ ଅର୍ଥ ହିଁ ସମ୍ମାନର ଅଧିକାରୀ । ଆପଣଙ୍କ ପାଖରେ ପଇସା ଥିଲେ ସବୁକିଛି ମିଳିଯାଇପାରିବ । ସେଥିପାଇଁ ତ କୁହାଯାଇଛି - 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ; ପଇସା କ୍ୟା ନ କରେ କାମ ।' ଏଠାରେ ପଇସା ଅର୍ଥ ନୁହେଁ କଳା ଟଙ୍କା ରୋଜଗାର କରିବା । ଏ ପୃଥିବୀରେ ସାଧୁ ଉପାୟରେ ପଇସା ରୋଜଗାର କରି ଧନୀ ହେବାର ଶହ ଶହ ରାସ୍ତା ଅଛି । କିନ୍ତୁ ଦୁଃଖ ଲାଗେ ଆମ ସ୍ଥିତି ଦେଖି । ବିକାଶର ସମସ୍ତ ଉପାଦାନ ଆମ ପାଖରେ ଥିବା ସତ୍ତ୍ୱେ ଆମେ ଏକ ଦରିଦ୍ର ଜାତି ହିସାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ।

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ । ପ୍ରାକୃତିକ ସମ୍ପଦରେ ଭରପୂର । ସମଗ୍ର ଦେଶରେ ବାର୍ଷିକ ହାରାହାରି ୧୨୦୦ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଆମର ୧୫୦୦ ମିଲିମିଟର । ଦେଶରେ ଆଠପ୍ରକାର ମୃତ୍ତିକା ଥିବା ବେଳେ ଆମର ମଧ୍ୟ ଆଠପ୍ରକାର ମୃତ୍ତିକା ଅଛି । ସମୁଦ୍ର ପତ୍ତନଠୁ ଦେଓମାଳିର ଶିଖର ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭୂମିରୂପ ଓ ଜଳବାୟୁ ଆମ ପାଖରେ ମହଜୁଦ ଅଛି । ଏହା ବର୍ଷସାରା ବିଭିନ୍ନ ପ୍ରକାର କୃଷିଜାତ ସାମଗ୍ରୀ ଉତ୍ପାଦନ ପାଇଁ ଭରପୂର ସୁଯୋଗ ଦେଇଛି । ଆମ ପାଖରେ ସମଗ୍ର ଦେଶର ଶତକଡ଼ା ୨୮ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୫୯ ଭାଗ ଆଲୁମିନିୟମ (ବକ୍‌ସାଇଟ୍) ଓ ଶତକଡ଼ା ୯୮ ଭାଗ କ୍ରୋମାଇଟ ମହଜୁଦ ଅଛି । ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅନ୍ବେଷିତ ଅଛି । ପର୍ଯ୍ୟଟନ ବିକାଶ ପାଇଁ ମନ୍ଦିର, ନଦୀ, ହ୍ରଦ, ଘନ ଜଙ୍ଗଲ ଓ ୪୮୫ କିଲୋମିଟର ସୁଦୀର୍ଘ ସମୁଦ୍ର ବେଳାଭୂମି ଅଛି । ୬୨ ପ୍ରକାର ପରିଶ୍ରମୀ ଜନଜାତି ମଧ୍ୟ ଅଛନ୍ତି । ଆମ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ପରିଶ୍ରମୀ ବୋଲି ପରିଚୟ ସୃଷ୍ଟି କରିଛନ୍ତି ।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ବିକାଶ ଉପାଦାନ ମହଜୁଦ୍ ଥିବା ସତ୍ତ୍ୱେ ଓଡ଼ିଶାର ମାସିକ କୃଷି ଆୟ (୫, ୧୧୨ଟଙ୍କା) ଦେଶର ରାଜ୍ୟମାନଙ୍କ ତୁଳନାରେ ତଳ ଆଡୁ ଦ୍ୱିତୀୟ, ଯାହା ଆଦୌ ଗ୍ରହଣୀୟ ନୁହେଁ । ସେହିପରି ବାର୍ଷିକ ମୁଣ୍ଡପିଛା ଆୟରେ ଆମ ରାଜ୍ୟ ଦେଶର ଅନ୍ୟ ରାଜ୍ୟମାନଙ୍କ ତାଲିକାରେ ୧୭ ତମ ସ୍ଥାନ (୧, ୬୩, ୧୦୧ଟଙ୍କା) ମଧ୍ୟ ଗ୍ରହଣୀୟ ନୁହେଁ । କିଛି କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାର କଲେ ଆମ ସ୍ଥାନ ୨୨ରେ ଅଛି । ସିକିମର ମୁଣ୍ଡପିଛା ଆୟ ୫, ୪୭, ୭୪୦ ଟଙ୍କା ଦେଶର ସର୍ବୋଚ୍ଚ ହୋଇଥିବା ବେଳେ ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ପ୍ରଭୃତି ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୩ ଲକ୍ଷ ଟଙ୍କାରୁ ଅଧିକ, ଯାହାକି ଆମଠୁ ଶତକଡ଼ା ୧୦୦ରୁ ଅଧିକ ।

କେବେ କୌଣସି ପଞ୍ଜାବୀ, ମାରୁଆଡ଼ି କିମ୍ବା ଗୁଜରାଟୀ ମୁଲିଆ ବା ଚାକିରିଆ ହେବା ପାଇଁ ସ୍ୱପ୍ନ ଦେଖେନି । ସବୁବେଳେ ଧନକୁ ମୁଲିଆ ସଦ ଉପଯୋଗପୂର୍ବକ ମାଲିକ ହୋଇ ଅଧିକ ଧନ ଉପାର୍ଜନ କରିବାକୁ ଚେଷ୍ଟା କରେ । ମୁଁ ଆମର ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି - ଆପଣ ସମସ୍ତେ ଧନୀ ହେବାକୁ ଚେଷ୍ଟା କରନ୍ତୁ, ତାହା ପୁଣି ସତ୍ ଉପାୟରେ । କାରଣ ଅସତ ଧନ ବେଶି ଦିନ ରହିବ ନାହିଁ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ କହିଥିଲେ, ବାଲ୍ୟ କାଳୁ ଧନ ଓ ଧର୍ମ ସଂଚିବା କଥା । ଆମ ଯୁବବର୍ଗଙ୍କୁ କହିରଖେ, ଆମ ପାଇଁ ସିନା ପର୍ଯ୍ୟାପ୍ତ ଚାକିରି ନାହିଁ, ମାତ୍ର ପର୍ଯ୍ୟାପ୍ତ ରୋଜଗାର ଅଛି । ମନେରଖନ୍ତୁ ଆପଣଙ୍କ ପାଖରେ ଅର୍ଥବଳ ରହିଲେ ସମସ୍ତେ ସମ୍ମାନ ଦେବେ । ଏଥିପାଇଁ ତ କୁହାଯାଏ ଟଙ୍କା ସବୁକିଛି ନୁହେଁ । ମାତ୍ର ଭଗବାନଙ୍କଠୁ ବି କମ୍ ନୁହେଁ ।

ପ୍ରତି ଓଡ଼ିଆ ଧନୀ ହେଲେ ଯାଇଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇପାରିବ । ସେ କାହାପାଖରେ ହାତ ପାତିବ ନାହିଁ । ସେ ମଧ୍ୟ ଅନ୍ୟ ରାଜ୍ୟ ଲୋକଙ୍କୁ ନିଜ ଧନ୍ଦାରେ କାମ କରାଇବ । ଏଥିପାଇଁ ସରକାରଙ୍କ ଗୁରୁ ଦାୟିତ୍ୱବୋଧ ରହିଛି । ସବୁଯୁଗରେ ସବୁ ସରକାରଙ୍କର ବଡ଼ ଆହ୍ୱାନ ହେଉଛି ସମ୍ବଳ ସୀମିତତା । ମାତ୍ର ଯେଉଁ ସରକାର ସୀମିତ ସମ୍ବଳର ସଦୁପଯୋଗ କରିପାରେ ଉତ୍ପାଦକତା ବୃଦ୍ଧି ପାଇଁ, ସେ ରାଜ୍ୟ ବା ଦେଶ ପ୍ରଗତି କରେ । ମାତ୍ର ଓଡ଼ିଶାରେ ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ପୁଞ୍ଜି ନିବେଶ ନ ହୋଇ ଭୋଟ ପକ୍କା କରିବା ପାଇଁ ସରକାର ପରେ ସରକାର ପୁଞ୍ଜି ନିବେଶ କରି ଚାଲିଛନ୍ତି, ଯାହାର ଫଳସ୍ୱରୂପ ରାଜକୋଷରୁ ଅର୍ଥ ଯାଉଛି, ମାତ୍ର ବେରୋଜଗାରୀ ବଢୁଛି । କୃଷି ଆୟ କମୁଛି ଏବଂ ରାଜ୍ୟରେ ଫସଲ ସଘନତା ମାତ୍ରା ହ୍ରାସ ପାଉଛି । ଭୋଟ ରାଜନୀତିରେ ଟଙ୍କା ବାଣ୍ଟିଲେ ଭୋଟବ୍ୟାଙ୍କ ପକ୍କା ହୋଇଯିବ, ମାତ୍ର ଓଡ଼ିଆ ଧନୀ ହୋଇ ପାରିବ ନାହିଁ ।

ଅତୀତରେ ଆମେ ବିଦେଶ ଯାଉଥିଲୁ । ଅନ୍ୟମାନେ ଆମଠୁ ଧନ ନେବା ପାଇଁ ଆମକୁ ଜୟ କରିବାକୁ ଚାହୁଁଥିଲେ । ବର୍ତ୍ତମାନ ପଞ୍ଜାବୀ ଓ କେରଳୀ ବିଦେଶ ଯିବାର ସ୍ୱପ୍ନ ଦେଖୁଥିବା ବେଳେ ଅଧିକାଂଶ ଓଡ଼ିଆ ଯୁବବର୍ଗ ବିପିଏଲ ମଦ୍ୟ ପାନରେ ନିଜର ଭବିଷ୍ୟତ ଖୋଜୁଛନ୍ତି । ଅତ୍ୟନ୍ତ ଦୁର୍ଭାଗ୍ୟଜନକ ସ୍ଥିତି । ଆମ ସରକାର, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ବୁଦ୍ଧିଜୀବୀ ସମସ୍ତେ ମିଶି ଆମ ଯୁବବର୍ଗଙ୍କର ଚାକିରି କରିବା ମନୋବୃତ୍ତିକୁ ପରିବର୍ତ୍ତନ କରି ରୋଜଗାର କରିବାରେ ମନୋନିବେଶ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼ିବ । ସେଥିପାଇଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

# ପ୍ରଶ୍ୱାସରେ ବିଷ

ତୁଷାର ରଞ୍ଜନ ସାହୁ

ଶୀତଋତୁ ଆରମ୍ଭ ହୋଇଗଲାଣି । ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି । ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ପାଇବା କାଠିକର ପାଠ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି । ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ, ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି । ଏହି ବାଣ ପୋଡ଼ିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ), ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ । ଆକାଶକୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡ ବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ । ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ । କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ । ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ । ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ସଲଫର ଡାଇଅକ୍ସାଇଡ ଗ୍ୟାସ ସମ୍ପୂର୍ଣ୍ଣ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ କରେ । ଅଚାନକ କାଶ ବଢ଼ିପାରେ । ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ । ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ।

ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଯୋଗୁଁ ହେଉଛି । ଏହା ଏକ ଶ୍ୱାସଜନିତ ରୋଗ । ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ । ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ । ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ । ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି । ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବା ବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ । ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ । ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ । ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ । ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ । ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡ଼ାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ ସୃଷ୍ଟି କରିଥା'ନ୍ତି । ଘର ଭିତରେ ମଧ୍ୟ ରେଡିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ । ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି ।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ଦୀପାବଳି ଓ ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ । ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ, ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁଁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ । ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ । ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ମସ୍ତିଷ୍କାଘାତର କାରଣ ହୋଇପାରେ । ବିଷାକ୍ତ ବାଷ୍ପ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ । ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ । ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧନ ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକସାଇଡ, ସଲଫର ଡାଇଅକସାଇଡ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ । ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଓ କର୍କଟ ରୋଗର କାରଣ ପାଲଟି ଥାଏ । ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ପରିବେଶକୁ ପ୍ରଦୂଷିତ କରିଥାଏ । ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ପାଉଁଶ ନିର୍ଗତ ହେଉଛି । ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା ।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ । ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି । ତଥାପି ଆମର ଚିନ୍ତା ନାହିଁ । ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି । ଆମର କିଛି ହେବନି । ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ । ହେଲେ ମନେରଖିବା ଦରକାର ଆନନ୍ଦ ଦୁଃଖ ବା ବିପଦର କାରଣ ନ ହେଉ ।

କଟକ, ମୋ: ୯୮୬୧୦୪୭୫୭୫

# ରାହୁ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୌରାଣିକ କଥାନୁସାରେ ସାଗର ମନ୍ଥନରୁ ବାହାରିଥିବା ଅମୃତ କଳସରୁ ଦେବତାମାନେ ଅମୃତ ପାନ କରିବା ସମୟରେ ଜଣେ ଦାନବ ଛଳପୂର୍ବକ ଦିବ୍ୟରୂପ ଧାରଣ କରି ଦେବତାଙ୍କ ନିକଟରେ ବସିଯାଇଥିଲା । ଶ୍ରୀବିଷ୍ଣୁ ମୋହିନୀ ରୂପରେ ଅମୃତ ପ୍ରଦାନ କରୁଥିବା ବେଳେ ଉକ୍ତ ଦାନବ ମଧ୍ୟ ଅମୃତ ପାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । କିନ୍ତୁ ଶ୍ରୀବିଷ୍ଣୁ ଏହା ଜାଣିପାରି ସୁଦର୍ଶନ ଚକ୍ରରେ ଉକ୍ତ ଦାନବର ମସ୍ତକ ଛିନ୍ନ କଲେ । ଅମୃତ ପାନ କରିଥିବାରୁ ଦାଦବର ମୃତ୍ୟୁ ହୋଇ ନଥିଲା । ତା'ର ମସ୍ତକ ରାହୁ ଓ ଶରୀର କେତୁ ନାମରେ ଗ୍ରହାକାରରେ ଆସୁରିକ ଶକ୍ତିର ପ୍ରତୀକ ଭାବେ ରହିଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନବଗ୍ରହଙ୍କ ସହିତ ରାହୁ ଓ କେତୁଙ୍କୁ ମଧ୍ୟ ମହତ୍ତ୍ୱ ପ୍ରଦାନ କରାଯାଇଛି । ଜ୍ୟୋତିଷଶାସ୍ତ୍ରରେ ରାହୁ ଓ କେତୁଙ୍କୁ ଦୁଷ୍ଟ ଗ୍ରହ ଭାବେ ବିଚାର କରି ବ୍ୟକ୍ତିର ଜୀବନରେ ତା'ର କୁପ୍ରଭାବକୁ ନିଷ୍ଫଳ କରିବା ପାଇଁ ଜ୍ୟୋତିଷମାନେ ବିଭିନ୍ନ ପ୍ରକାର ପୂଜାବିଧି ଏବଂ ଯଜ୍ଞାନୁଷ୍ଠାନ କରିବା ପାଇଁ ପରାମର୍ଶ ଦେଇଥା'ନ୍ତି । ରାହୁ ଗ୍ରହଙ୍କ ନକାରାତ୍ମକ ପ୍ରଭାବକୁ କମ୍ କରିବା ପାଇଁ ଭାରତର ଅନେକ ସ୍ଥାନରେ ରାହୁଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି ।

ଭାରତରେ ଥିବା ସମସ୍ତ ରାହୁ ମନ୍ଦିର ମଧ୍ୟରୁ ଦେବଭୂମି ଉତ୍ତରାଖଣ୍ଡର ପାଉରି ଜିଲ୍ଲା ଅନ୍ତର୍ଗତ ପେଠାଣୀ ନାମକ ଗ୍ରାମର ମନ୍ଦିର ସର୍ବମାନ୍ୟ । ଏହି ମନ୍ଦିର ସ୍ୟୋଲିଗାଡ଼ ନଦୀ (ରଥବାହିନୀ) ଓ ନାଭାଲିକା (ପଶ୍ଚିମୀ ନୟାର୍) ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ସ୍କନ୍ଦ ପୁରାଣର କେଦାରଖଣ୍ଡରେ ମଧ୍ୟ ଏହି ମନ୍ଦିର ସମ୍ପର୍କିତ ବର୍ଣ୍ଣନା ରହିଛି । ରାହୁଙ୍କର ଗୌତ୍ର 'ପେଠିନସୀ' ଅନୁସାରେ ଗ୍ରାମର ନାମ ପେଠାଣୀ ହୋଇଛି ବୋଲି ଅନେକ ପୌରାଣିକ କଥା ଓ ଲୋକକଥା ଶୁଣିବାକୁ ମିଳିଥାଏ । ଏହି ମନ୍ଦିର ସମ୍ପର୍କରେ ମାନ୍ୟତା ରହିଛି ଯେ, ଯଦି କୌଣସି କାରଣରୁ ରାହୁଙ୍କ ପୂଜା ଖଣ୍ଡିତ ହେଲା କିମ୍ବା କୌଣସି ଭକ୍ତ ରାହୁଙ୍କ ପୂଜା ଭକ୍ତି ଓ ଶ୍ରଦ୍ଧା ସହକାରେ ନକଲା, ତା'ହେଲେ ମହାଦେବଙ୍କ କୋପଦୃଷ୍ଟି ପଡ଼ିଥାଏ । ତେଣୁ ଏଠାରେ ପୂଜାରୀ ଓ ଭକ୍ତମାନେ ବିଧିବିଧାନର ସହିତ ରାହୁଙ୍କ ପୂଜାର୍ଚ୍ଚନା କରିଥା'ନ୍ତି । ପଶ୍ଚିମମୁଖୀ ଏହି ମନ୍ଦିର ଭିତରେ ଶିବଲିଙ୍ଗ ସହିତ ରାହୁଙ୍କ ମସ୍ତକ ପ୍ରତିମା ପୂଜା ପାଉଛନ୍ତି । ମନ୍ଦିରର ଭିତର କାନ୍ଥଗୁଡ଼ିକରେ ଶ୍ରୀବିଷ୍ଣୁଙ୍କ ଦ୍ୱାରା କିଭଳି ଭାବେ ରାହୁଙ୍କ ମସ୍ତକ ଛିନ୍ନ ହୋଇଥିଲା, ତାହାର ଚିତ୍ର ଖୋଦେଇ କରାଯାଇଛି । ଏଠାରେ ମୁଗ ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ । ଦୈନିକ ଭୋଗ ଓ ଅନ୍ନଛତ୍ରରେ ଏହି ମୁଗ ଖେଚୁଡ଼ିକୁ ଭକ୍ତମାନେ ରାହୁଙ୍କ ପ୍ରସାଦ ଭାବେ ଶ୍ରଦ୍ଧାର ସହିତ ଗ୍ରହଣ କରିଥା'ନ୍ତି ।

ଏହି ମନ୍ଦିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ମାଣ ପଛରେ ଗୋଟିଏ ପୌରାଣିକ କଥା ରହିଛି । ସୁଦର୍ଶନ ଚକ୍ର ଦ୍ୱାରା ଦାନବର ଶିର ଛେଦନ ପରେ ଶିର ଏହି ସ୍ଥାନରେ ପତିତ ହୋଇଥିଲା । ତେଣୁ ଏଠାରେ ମନ୍ଦିର ନିର୍ମାଣ କରାଯାଇଛି । ବିଶ୍ୱାସ କରାଯାଏ ଯେ, ଏହି ସ୍ଥାନରେ ଥିବା ବଡ଼ ବଡ଼ ପଥର ଖଣ୍ଡ ଭିତରେ ଆଜି ପର୍ଯ୍ୟନ୍ତ ରାହୁଙ୍କ ଛିନ୍ନ ମସ୍ତକ ପୋତି ହୋଇ ରହିଛି । ତେଣୁ ଏହି ସ୍ଥାନରେ ରାହୁଙ୍କର ପୂଜାର୍ଚ୍ଚନା କରିବା ଦ୍ୱାରା ଜାତକରେ ଥିବା ରାହୁଦୋଷ ଖଣ୍ଡନ ହୋଇଥାଏ । ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରିଥିଲେ । ପାଣ୍ଡବମାନେ ସ୍ୱର୍ଗାରୋହଣ ଯାତ୍ରା ସମୟରେ ରାହୁ ଦୋଷରୁ ମୁକ୍ତ ହେବା ପାଇଁ ଏହି ସ୍ଥାନରେ ମହାଦେବଙ୍କ ସହିତ ରାହୁଙ୍କ ପୂଜା କରିବା ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ସମ୍ପର୍କିତ ଅନ୍ୟ ଏକ ତଥ୍ୟ ମିଳେ ଯେ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ସ୍ଥାନ ଦେଇ ହିମାଳୟକୁ ଯାତ୍ରା କରୁଥିବା ସମୟରେ ତାଙ୍କୁ ଏଠାରେ ରାହୁଙ୍କର ପ୍ରକୋପ ଅଧିକ ଅନୁଭୂତ ହୋଇଥିଲା । ତେଣୁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ରାହୁଙ୍କ ଦୁଃପ୍ରଭାବ ଶାନ୍ତ କରିବା ପାଇଁ ଏଠାରେ ମନ୍ଦିର ନିର୍ମାଣ କରି ବିଧିବିଧାନର ସହିତ ପୂଜା କରିଥିଲେ । ଆଉ କେତେକ ପୁରାଣ ମତାନୁସାରେ ଦୁଇନଦୀର ସଙ୍ଗମସ୍ଥଳରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରାହୁ ମହାଦେବଙ୍କ ତପସ୍ୟାରେ ଲୀନ ଥିଲେ । ତେଣୁ ମହାଦେବଙ୍କ ଆଶିଷ ଲାଭ କରିଥିବା ଏହି ପୁଣ୍ୟସ୍ଥଳରେ ରାହୁଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା ।

ପେଠାଣୀରେ ଥିବା ରାହୁଙ୍କ ଏହି ମୁଖ୍ୟ ମନ୍ଦିର ବ୍ୟତୀତ ଭାରତର ଅନ୍ୟ ୧୪ଟି ମନ୍ଦିରରେ ରାହୁକେତୁଙ୍କର ପୂଜାର୍ଚ୍ଚନା କରାଯାଏ । ଯଥା - ଶ୍ରୀକାଳହସ୍ତିଶ୍ୱର ମନ୍ଦିର, ତିରୁନାଗେଶ୍ୱରମ୍ ନାଗନାଥର ମନ୍ଦିର, ଶ୍ରୀନାଗନାଥସ୍ୱାମୀ କେତୁ ମନ୍ଦିର, ରାହୁକେତୁ ମନ୍ଦିର, ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର, ରାହୁକେତୁ ମନ୍ଦିର ରାହୁରି, ଶ୍ରୀରାହୁମୁନେଶ୍ୱର ମନ୍ଦିର, ରାହୁକେତୁ ଆଥି ଇଶ୍ୱରନ୍ ମନ୍ଦିର, ରାହୁ ନବଗ୍ରହ ଦେବତା ମନ୍ଦିର, ପମ୍ପୁରନାଥ ମନ୍ଦିର, ନାଗେଶ୍ୱର ମନ୍ଦିର, କୁଦ୍ରାଥୁର ନାଗେଶ୍ୱର ମନ୍ଦିର ଓ ବିଶାରେଶ୍ୱର ମନ୍ଦିର ।ପାଉଛନ୍ତି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୫୦ • ପାଉଣ୍ଡ ୧୧୭.୦୩
- ୟୁରୋ ୧୦୨.୯୪ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୧୦୦ (ନୂଆଦିଲ୍ଲୀ)
- ରୁପା : ୧,୭୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୨୦.୦୦
- ନିଫ୍ଟି ୨୬,୨୧୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ୭ ଦିନରେ ଅପ୍‌ଡେଟ୍ ହେବ କ୍ରେଡିଟ୍ ସ୍କୋର




**ଆର୍‌ବିଆଇର ନିର୍ଦ୍ଦେଶ**

**ପ୍ରତି ମାସ ୭, ୧୪, ୨୧ ଓ ୨୮ ତାରିଖରେ କ୍ରେଡିଟ୍ ଡାଟା ଅପଡେଟ୍**

**ବର୍ତ୍ତମାନ ୧୫ ଦିନ ଲାଗୁଛି**

**୨୦୨୬ ଏପ୍ରିଲରୁ ହେବ ଲାଗୁ**

**ସ୍କୋର ଅପ୍‌ଡେଟ୍ ପାଇଁ ଲମ୍ବା ଅପେକ୍ଷାର ହେବ ଅନ୍ତ**

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଯେତେବେଳେ କୌଣସି ବ୍ୟାଙ୍କରେ ଋଣ ପାଇଁ ଆବେଦନ କରାଯାଏ, ସେତେବେଳେ ବ୍ୟାଙ୍କ ପ୍ରଥମେ 'ସିବିଲ୍' ସ୍କୋର ଯାଞ୍ଚ କରେ। ଏକ ଭଲ 'ସିବିଲ୍' ସ୍କୋର ସୁଧ ହାର କମ୍ କରିଥାଏ। 'ସିବିଲ୍' ସ୍କୋର ୭୫୦ ରୁ ଅଧିକ ହେଲେ ଜଣେ ଉପଯୁକ୍ତ ସୁଧ ହାରରେ ଋଣ ପାଇବା ଆଶା କରିପାରିବେ। ବର୍ତ୍ତମାନ, ସିଆର୍‌ଆଇଏଫ୍ ହାଇ ମାର୍କ ଏବଂ ଇକ୍ୱିଫାକ୍ସ ଭଳି 'ସିବିଲ୍' ଅପଡେଟ୍କାରୀ କମ୍ପାନୀଗୁଡ଼ିକ ପ୍ରତି ୧୫ ଦିନରେ ଆପଣଙ୍କର 'ସିବିଲ୍' ସ୍କୋର ଅପଡେଟ୍ କରିଥାନ୍ତି। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବେ ଏହି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଗତ ସେପ୍ଟେମ୍ବର ୨୯ରେ ଜାରି ହୋଇଥିବା ଚିଠା ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଣିକି କ୍ରେଡିଟ୍ ସ୍କୋର ୨୦୨୬ ଏପ୍ରିଲରୁ ସପ୍ତାହକ ମଧ୍ୟରେ ଅପଡେଟ୍ ହେବ। ନୂତନ ନିୟମ ଅନୁଯାୟୀ, ଆର୍‌ବିଆଇ କମ୍ପାନୀଗୁଡ଼ିକ ପ୍ରତି ମାସର ୭,୧୪,୨୧ ଏବଂ ୨୮ ତାରିଖ ଏବଂ ଶେଷ ଦୁଇ ଦିନ (୩୦ କିମ୍ବା ୩୧ ତାରିଖ) ଆପଣଙ୍କର ସମ୍ପୂର୍ଣ୍ଣ କ୍ରେଡିଟ୍ ଡାଟା ଅପଡେଟ୍ କରିବେ। ଏହାର ଅର୍ଥ ହେଉଛି ଆପଣଙ୍କର ସ୍କୋର ମାସକୁ ଅତି କମ୍‌ରେ ପାଞ୍ଚ ଥର ଅପ୍‌ଡେଟ୍ ହେବ। ଯଦି ବ୍ୟାଙ୍କ ଏବଂ କ୍ରେଡିଟ୍ ଡାଟା ଅପଡେଟ୍ କମ୍ପାନୀ ପ୍ରତି ତିନି କିମ୍ବା ଚାରି ଦିନରେ ଆପଣଙ୍କର ସ୍କୋର ଅପଡେଟ୍ କରିପାରିବେ, ତେବେ ଏହା ସପ୍ତାହ ପୂର୍ବରୁ କରାଯାଇପାରିବ।

ଏଥିପାଇଁ ବ୍ୟାଙ୍କଗୁଡ଼ିକ ପ୍ରତ୍ୟେକ ମାସର ଶେଷ ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତଥ୍ୟ ପରବର୍ତ୍ତୀ ମାସର ୩ ତାରିଖ ସୁଦ୍ଧା 'ସିବିଲ୍' କମ୍ପାନୀଗୁଡ଼ିକୁ ଦାଖଲ କରିବାକୁ ପଡିବ। ଉଦାହରଣ ସ୍ୱରୂପ, ଅକ୍ଟୋବର ୩୧ ପାଇଁ ସମସ୍ତ ତଥ୍ୟ ନଭେମ୍ବର ୩, ସୁଦ୍ଧା ଦାଖଲ କରିବାକୁ ପଡିବ। ତଥାପି, ବାକି ସପ୍ତାହଗୁଡ଼ିକ ପାଇଁ (୭, ୧୪, ୨୧ ଏବଂ ୨୮), କେବଳ ନୂତନ କିମ୍ବା ପରିବର୍ତ୍ତିତ ତଥ୍ୟ ଦାଖଲ କରିବାକୁ ପଡିବ। ଏହାକୁ "ବର୍ଦ୍ଧିତ ତଥ୍ୟ" କୁହାଯାଏ। ଏଥିରେ ନୂତନ ଭାବରେ ଖୋଲାଯାଇଥିବା ଆକାଉଣ୍ଟ, ବନ୍ଦ ପୁରୁଣା ଋଣ/କାର୍ଡ, ଇଏମ୍‌ଆଇ ପେମେଣ୍ଟ, ଠିକଣା ପରିବର୍ତ୍ତନ ଏବଂ ଋଣ ସ୍ଥିତି ପରିବର୍ତ୍ତନ ସହିତ ଜଡିତ ତଥ୍ୟ ଅନ୍ତର୍ଭୁକ୍ତ। ଏହି ତଥ୍ୟ ମାତ୍ର ଦୁଇ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ। ଏହାର ଅର୍ଥ ହେଉଛି ୭ ତାରିଖ ପାଇଁ ତଥ୍ୟ ୯ ସୁଦ୍ଧା ଏବଂ ୧୪ ତାରିଖ ପାଇଁ ତଥ୍ୟ ୧୬ ସୁଦ୍ଧା ଦାଖଲ କରିବାକୁ ପଡିବ।

ଯଦି କୌଣସି ବ୍ୟାଙ୍କ ସମୟସୀମା ମଧ୍ୟରେ ତଥ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ 'ସିବିଲ୍' କମ୍ପାନୀକୁ ପ୍ରତି ୬ ମାସରେ (ମାର୍ଚ୍ଚ ୩୧ ଏବଂ ସେପ୍ଟେମ୍ବର ୩୦ରେ) ଆର୍‌ବିଆଇର ଦକ୍ଷ ପୋର୍ଟାଲରେ ସେହି ବ୍ୟାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ପଡିବ। ଏହାର ଅର୍ଥ ହେଉଛି ଯେ ବ୍ୟାଙ୍କ ଏବେ 'ସିବିଲ୍' ଡାଟା ଗୁରୁତ୍ୱଦେବ। ଏଥିରେ ଗୋଟିଏ ବଡ଼ ଲାଭ ହେଉଛି, ସମୟସୀମା ମଧ୍ୟରେ ଇଏମ୍‌ଆଇ ଦେବା ଦ୍ୱାରା ୭ଦିନ ମଧ୍ୟରେ ଜଣଙ୍କର ସ୍କୋର ବୃଦ୍ଧି ପାଇବ। ପୂର୍ବରୁ, ଏହାକୁ ଅପଡେଟ୍ କରିବାକୁ ୧୫-୩୦ ଦିନ ଲାଗୁଥିଲା। ପୁରୁଣା ଋଣ ବନ୍ଦ କରିବା ଦ୍ୱାରା ତୁରନ୍ତ ଲାଭ ମଧ୍ୟ ମିଳିବ, ଯାହା ଫଳରେ ନୂତନ ଋଣ ପାଇବା ସହଜ ହେବ। ଭୁଲ ଏଣ୍ଟ୍ରିଗୁଡ଼ିକ (ଯାହା ଆପଣଙ୍କର ନ ଥିଲା) ସଂଶୋଧନ କରିବା ଦ୍ୱାରା ଆପଣଙ୍କର ସ୍କୋର ଉନ୍ନତ ହେବ। ବ୍ୟାଙ୍କ ଜଣେ ଗ୍ରାହକଙ୍କ ସର୍ବଶେଷ ସ୍ଥିତି ଜାଣିବ, ପ୍ରତ୍ୟାଖ୍ୟାନର ସମ୍ଭାବନା ହ୍ରାସ ପାଇବ। ଠକେଇ କିମ୍ବା ଚୋରି ହୋଇଥିବା କାର୍ଡର ପ୍ରଭାବ ମଧ୍ୟ ଶୀଘ୍ର ଦୂର ହୋଇଯିବ।

ଏହି ବ୍ୟବସ୍ଥାରେ ବ୍ୟାଙ୍କଗୁଡ଼ିକ ପୂର୍ବରୁ ଜାଣିପାରିବେ ଯେ ଜଣେ ଗ୍ରାହକ ଅନ୍ୟତ୍ର ନୂତନ ଋଣ ନେଇଛନ୍ତି କିମ୍ବା ଡିଫଲ୍ଟ ହୋଇଛନ୍ତି। ଏହା ବିପଦ ହ୍ରାସ କରିବ ଏବଂ ସେମାନଙ୍କୁ ଉତ୍ତମ ଋଣ ନିଷ୍ପତ୍ତି ନେବାକୁ ଅନୁମତି ଦେବ। ସାମଗ୍ରିକ ଭାବରେ, ଋଣ ପ୍ରକ୍ରିୟାକରଣ ଦ୍ରୁତ ହେବ। ଆର୍‌ବିଆଇ ସମ୍ପ୍ରତି ନୂତନ ନିୟମର ଏକ ଚିଠା ପ୍ରକାଶ କରିଛି। ସମସ୍ତ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଏବଂ ସିବିଲ୍ କମ୍ପାନୀଗୁଡ଼ିକଠାରୁ ମତାମତ ଲୋଡାଯାଇଛି। ନୂତନ ନିୟମଗୁଡ଼ିକ ଆସନ୍ତାବର୍ଷ ଏପ୍ରିଲରୁ କାର୍ଯ୍ୟକାରୀ ହେବାର ଆଶା କରାଯାଉଛି।

# ଓଡ଼ିଶାରେ ୧୦ ହଜାର କୋଟି ନିବେଶ କରିବ ଟାଟା ପାୱାର

## ପ୍ରତିଷ୍ଠା ହେବ ଇନ୍‌ଗଟ୍ ଓ ୱଫର ପ୍ଲାଣ୍ଟ

ଭୁବନେଶ୍ୱର, ୨୭।୧୧(ସମିସ): ଟାଟା ପାୱାର କମ୍ପାନୀ ଲିମିଟେଡ୍ ଓଡ଼ିଶାରେ ୧୦,୦୦୦ କୋଟି ନିବେଶ କରିବ। କମ୍ପାନୀ ରାଜ୍ୟରେ ଏକ ୧୦ ଗିଗାୱାଟ୍ କ୍ଷମତା ବିଶିଷ୍ଟ ଇନ୍‌ଗଟ୍ ଏବଂ ୱେଫର ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରୁଛି। ଏ ନେଇ ସମ୍ପ୍ରତି କମ୍ପାନୀ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଇଙ୍ଗଟ୍ସ ଏବଂ ୱଫରର୍ସ ହେଉଛି, ସେମିକଣ୍ଡକ୍ଟର ଚିପ୍ସ, ସୌର ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନରେ ବ୍ୟବହୃତ ପ୍ରମୁଖ କଞ୍ଚାମାଲ। ଟାଟା ପାୱାର ଏହି ଇଙ୍ଗଟ୍ସ ଏବଂ ୱଫର ପ୍ଲାଣ୍ଟ ଗୋପାଳପୁର ଏବଂ କଟକରେ ସ୍ଥାପନ କରିବାକୁ ବିଚାର କରୁଛି। କାରଣ ଉଭୟ ସ୍ଥାନ ବନ୍ଦର ନିକଟବର୍ତ୍ତୀ ହୋଇଥିବାରୁ କମ୍ପାନୀ ତାହା ଉପରେ ଗୁରୁତ୍ୱ ଦେଉଛି।

ବର୍ତ୍ତମାନ ଟାଟା ପାୱାରର ୪.୫୫ ଗିଗାୱାଟ୍ ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନ କ୍ଷମତା ରହିଛି। ଏହା ଘରୋଇ ବ୍ୟବହାର ଏବଂ ରପ୍ତାନି ବଜାର ଉଭୟ ପାଇଁ ଇନଗଟ୍ ଏବଂ ୱଫରକୁ ଏହାର ସୌର ସେଲ୍ ଏବଂ ପ୍ୟାନେଲ୍ ଉତ୍ପାଦନରେ ସଂଯୁକ୍ତ କରିବାକୁ ଲକ୍ଷ୍ୟ ରଖିଛି। ରିପୋର୍ଟ ଅନୁଯାୟୀ, ଟାଟା ପାୱାର ସୌର ମୂଲ୍ୟ ଶୃଙ୍ଖଳରେ କ୍ଷମତା ବିସ୍ତାର ଏବଂ ସମନ୍ୱୟକୁ ଗଭୀର କରିବା ପାଇଁ ଏହାର ଯୋଜନାର ଅଂଶ ସ୍ୱରୂପ, ଓଡ଼ିଶାରେ ଏକ ପ୍ରମୁଖ ଅପଷ୍ଟ୍ରିମ୍ ସୌର ଉତ୍ପାଦନ ପ୍ରକଳ୍ପର ମୂଲ୍ୟାଙ୍କନ କରୁଛି। ତେବେ ଏହି ପ୍ରସ୍ତାବିତ ପ୍ରକଳ୍ପ ଏ ପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବାବେଳେ ଉଭୟ ସ୍ଥାନ ଲଜିଷ୍ଟିକ୍ସ ପାଇଁ ରଣନୈତିକ ପ୍ରବେଶ ସୁବିଧା ପ୍ରଦାନ କରୁଛି। ଗୋପାଳପୁର ବିକଳ୍ପ ଟାଟା ଷ୍ଟିଲ୍ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ର ଗୋପାଳପୁର ଶିଳ୍ପ ପାର୍କର ବିକାଶ କରୁଛି। ଏହା କମ୍ପାନୀ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିବ। ନିକଟରେ ଟାଟା ପାୱାରର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରବୀର ସିହ୍ନା କହିଛନ୍ତି ଯେ କମ୍ପାନୀ ୧୦ ଗିଗାୱାଟ୍ ଇନଗଟ୍ ଏବଂ ୱେଫର ପ୍ଲାଣ୍ଟ ସ୍ଥାପନ କରିବାକୁ ଚାହୁଁଛି ଏବଂ ଏ ନେଇ ସ୍ଥାନ ଚୂଡ଼ାନ୍ତ କରୁଛି। ଟାଟା ପାୱାରର ୪.୫୫ ଗିଗାୱାଟ୍ ସେଲ୍ ଏବଂ ମଡ୍ୟୁଲ୍ କ୍ଷମତା ପରିଚାଳନା କରୁଛି, ଯେଉଁଥିରେ ତାମିଲନାଡୁର ତିରୁନେଲଭେଲିରେ ୪.୩ ଗିଗାୱାଟ୍ ଏବଂ ବେଙ୍ଗାଲୁରୁରେ ୨୫୦ ମେଗାୱାଟ୍ ଅନ୍ତର୍ଭୁକ୍ତ, ଯାହା ଏହାର ଘରୋଇ ଏବଂ ରପ୍ତାନି ମହତ୍ୱାକାଂକ୍ଷାକୁ ସମର୍ଥନ କରୁଛି।

**ଚୀନ୍‌କୁ ଟ୍ରମ୍ପ୍ ଆଶ୍ୱସ୍ତି**

# ୧୭୮ ଉତ୍ପାଦରେ ଶୁଳ୍କ ଛାଡ଼

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଆମେରିକା ଚୀନ୍‌ରୁ ଆସୁଥିବା ୧୭୮ଟି ଶିଳ୍ପ ଏବଂ ଚିକିତ୍ସା ଉତ୍ପାଦ ଉପରେ ଲାଗୁ ହୋଇଥିବା ଶୁଳ୍କ ଛାଡ଼କୁ ପ୍ରାୟ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହି ଛାଡ଼ଗୁଡ଼ିକ ମୂଳତଃ ନଭେମ୍ବର ୨୯ରେ ଶେଷ ହେବାକୁ ସ୍ଥିର କରାଯାଇଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ୨୦୨୬ ନଭେମ୍ବର ୧୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବୁଧବାର ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନଭେମ୍ବର ପ୍ରାରମ୍ଭରେ ଆମେରିକା ଏବଂ ଚୀନ୍ ବାଣିଜ୍ୟ ଏବଂ ଅର୍ଥନୈତିକ ପ୍ରସଙ୍ଗରେ ଏକ ଚୁକ୍ତିନାମାରେ ପହଞ୍ଚିବା ପରେ ଏହି ନିଷ୍ପତ୍ତି ଆସିଛି। ଏହି ଛାଡ଼ଗୁଡ଼ିକରେ ସୌର ପ୍ୟାନେଲ ନିର୍ମାଣ ଯନ୍ତ୍ରପାତି ସହିତ ଜଡିତ ୧୪ଟି ଉତ୍ପାଦ ଏବଂ ବୈଦ୍ୟୁତିକ ମୋଟର, ରକ୍ତଚାପମନିଟର, ପମ୍ପ ପାର୍ଟସ୍, ଅଟୋ ଏୟାର କମ୍ପ୍ରେସର ଏବଂ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ସମେତ ୧୬୪ଟି ଅନ୍ୟାନ୍ୟ ଶିଳ୍ପ ଏବଂ ଚିକିତ୍ସା ଉତ୍ପାଦ ଅନ୍ତର୍ଭୁକ୍ତ। ଏହି ଉତ୍ପାଦଗୁଡ଼ିକ ଏବେ ଆମଦାନୀ ଶୁଳ୍କରୁ ମୁକ୍ତ କିମ୍ବା ଯଥେଷ୍ଟ ହ୍ରାସ ପାଇବ, ଯାହା ଆମେରିକୀୟ କମ୍ପାନୀ ଏବଂ ଗ୍ରାହକମାନଙ୍କୁ ମୂଲ୍ୟ ଆଶ୍ୱସ୍ତି ପ୍ରଦାନ କରିବ। ଚୀନ୍ ପୂର୍ବରୁ ଧାରା ୩୦୧ ତଦନ୍ତକୁ ରାଜନୈତିକ ବୋଲି ସମାଲୋଚନା କରିଛି। ଚୀନର ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ ଏହି ତଦନ୍ତ ମାଧ୍ୟମରେ ଆମେରିକା ସାଧାରଣ ବାଣିଜ୍ୟକୁ ରାଜନୀତିକରଣ କରୁଛି, ଯାହା ସମ୍ପୂର୍ଣ୍ଣ ଭୁଲ ଏବଂ ମନମୁଖୀ ନିଷ୍ପତ୍ତି। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ପୂର୍ବରୁ ମଧ୍ୟ ରାୟ ଦେଇଛି ଯେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଧାରା ୩୦୧ ଶୁଳ୍କ ଡବ୍ଲ୍ୟୁଟିଓ ନିୟମ ବିରୁଦ୍ଧରେ। ଆମେରିକାର ନିଷ୍ପତ୍ତି ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଉତ୍ତେଜନା କିଛିଟା ହ୍ରାସ ପାଇଛି। ଆମେରିକୀୟ ଶିଳ୍ପଗୁଡ଼ିକ ଶସ୍ତା ଚୀନ୍ ଯନ୍ତ୍ରପାତି, ଚିକିତ୍ସା ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ପାଇବା ଜାରି ରଖିବେ। ଏହି ପଦକ୍ଷେପ ସୌର ଶିଳ୍ପକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ, କାରଣ ଉତ୍ପାଦନ ଖର୍ଚ୍ଚ କମ୍ ହେବ।

# ଏନବିବିଏଲର ବ୍ୟାଙ୍କିଙ୍ଗ କନେକ୍ଟ

ମୁମ୍ବାଇ,୨୭।୧୧: ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ମାଲିକାନା ଥିବା ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲ୍ ପେ' ଲିମିଟେଡ୍ (ଏନବିବିଏଲ୍), ବ୍ୟାଙ୍କିଙ୍ଗ କନେକ୍ଟ ସହିତ ଏହାର ଡିଜିଟାଲ୍ ପେମେଣ୍ଟ ଦୃଷ୍ଟିକୋଣକୁ ଆଗକୁ ବଢାଇଛି, ଏହା ଏକ ନୂତନ ଅନ୍ତଃ-ପରିଚାଳିତ ପ୍ଲାଟଫର୍ମ ଯାହା ଇଣ୍ଟରନେଟ୍ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ ଅଭିଜ୍ଞତାକୁ ପୁନଃ ପରିଭାଷିତ କରିବାର ପ୍ରତିଶ୍ରୁତି ଦିଏ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଉପସ୍ଥିତିରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟିଭାଲ୍ ୨୦୨୫ରେ ବ୍ୟାଙ୍କିଙ୍ଗ କନେକ୍ଟ ଆରମ୍ଭ କରାଯାଇଥିଲା। ଆଜିର ନେଟ୍ ବ୍ୟାଙ୍କିଙ୍ଗ କାର୍ଯ୍ୟପ୍ରଣାଳୀ ପାଇଁ ପ୍ରାୟତଃ ବହୁବିଧ ସମନ୍ୱୟ, ଜଟିଳ ଗ୍ରାହକ ପ୍ରମାଣପତ୍ର ଏବଂ ଅଣ-ମାନକିତ ସମାଧାନ ପ୍ରକ୍ରିୟା ଆବଶ୍ୟକ ହୁଏ।

# ଜାଲ୍ ପତାକାରେ ରୁଷରୁ ତେଲ ଆମଦାନୀ

**୩୦ ଜାହାଜରେ ଭାରତ ଆସିଛି ୫୪ ଲକ୍ଷ ଟନ୍**

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷରୁ ତେଲ ଆମଦାନୀକୁ ନେଇ ଭାରତ ଉପରେ ୨୫% ଟାରିଫ୍ ଲାଗୁ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନର କ୍ରମାଗତ ଚାପ ଯୋଗୁ ଭାରତ ରୁଷରୁ ତେଲ ଆମଦାନୀ ହ୍ରାସ କରିବାରେ ଲାଗିଛି। ୟୁରୋପ ୟୁନିଅନ୍ (ଇୟୁ) ଥିଙ୍କ୍ ଟ୍ୟାଙ୍କ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (କ୍ରିଆ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା ଦାବି କରିଛି। କ୍ରିଆର ରିପୋର୍ଟ ଅନୁଯାୟୀ, ଭାରତ ୩୦ଟି ମିଥ୍ୟା ଜାହାଜ ଜରିଆରେ ୫.୪ ନିୟୁତ ଟନ୍ ରୁଷୀୟ ଅଶୋଧିତ ତେଲ ଆମଦାନୀ କରିଛି। ଭାରତ ଚଳିତବର୍ଷ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ଏହି ତେଲ ଆମଦାନୀ କରିଛି। ଏହି ସମୟ ମଧ୍ୟରେ ଏପରି ମିଥ୍ୟା ଜାହାଜ ଭାରତ ପାଇଁ ତେଲ ପରିବହନ ନିମନ୍ତେ ସବୁଠାରୁ ବଡ଼ ଗନ୍ତବ୍ୟସ୍ଥଳ ପାଲଟିଛି।

ରିପୋର୍ଟରେ କୁହାଯାଇଛି ଯେ ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶମାନଙ୍କ ଦ୍ୱାରା ଲାଗୁ ହୋଇଥିବା ପ୍ରତିବନ୍ଧକ ଏଡାଇବା ପାଇଁ, ରୁଷ ତାର ଛାୟା ନୌବାହିନୀର ବ୍ୟବହାର ବୃଦ୍ଧି କରିଛି। ଚୀନ୍, ଭାରତ ଏବଂ ତୁର୍କୀ ସମେତ କିଛି କ୍ରେତାଙ୍କୁ ଅଶୋଧିତ ତେଲ ଯୋଗାଣ ପାଇଁ ରୁଷ ଅସ୍ପଷ୍ଟ ମାଲିକାନା, ଜାଲ୍ ପଞ୍ଜିକରଣ ଏବଂ ଅକ୍ଷମ ଟ୍ରାକିଂ ସିଷ୍ଟମ ସହିତ ପୁରୁଣା ଟ୍ୟାଙ୍କର୍ ବ୍ୟବହାର କରି ତେଲ ଯୋଗାଣ କରୁଥିବା ରିପୋର୍ଟରେ ଅଭିଯୋଗ ହୋଇଛି। ଏଥିରେ ୨୦୨୫ର ପ୍ରଥମ ୯ ମାସରେ, ମୋଟ ୧୧୩ଟି ରୁଷୀୟ ଜାହାଜ ମିଥ୍ୟା ପତାକା ଲଗାଇ ତେଲ ଯୋଗାଣ କରିଥିଲା। ଏମିତି କରି ୨୧,୦୦୦ କୋଟି ଟଙ୍କା ମୂଲ୍ୟର ପ୍ରାୟ ୧୧ ନିୟୁତ ଟନ୍ ଅଶୋଧିତ ତେଲ ପରିବହନ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୧୦,୦୦୦ କୋଟି ଟଙ୍କା ମୂଲ୍ୟର ୫.୪ ନିୟୁତ ଟନ୍ ତେଲ କେବଳ ଭାରତରେ ପହଞ୍ଚିଥିଲା। ସୂଚନାଯୋଗ୍ୟ ଯେ, ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ, ରୁଷ ଉପରେ କଟକଣା ଲଗାଯାଇଥିଲା। ରୁଷିଆ ତା'ର ତେଲ ବହୁତ ଶସ୍ତାରେ ବିକ୍ରି କରିବା ଆରମ୍ଭ କରିଥିଲା। ପୂର୍ବରୁ, ଭାରତ ରୁଷିଆଠାରୁ ତେଲ କିଣୁ ନ ଥିଲା, କିନ୍ତୁ ବର୍ତ୍ତମାନ ରୁଷିଆ ଅଶୋଧିତ ତେଲ ପ୍ରତି ବ୍ୟାରେଲ ୨୦-୩୦ ଡଲାର ରିଆତିରେ ଉପଲବ୍ଧ।

# ଅରୁଣ ଆଇସକ୍ରିମ୍ ପକ୍ଷରୁ ଆଇସ୍‌କ୍ରିମ ଡୋନଟ୍ସର ଶୁଭାରମ୍ଭ

ଚେନ୍ନଇ, ୨୭।୧୧: ଅରୁଣ ଆଇସକ୍ରିମ, ପ୍ରକୃତ କ୍ଷୀର ଏବଂ କ୍ରିମ ସହିତ ପ୍ରସ୍ତୁତ ଆଇସକ୍ରିମର ପରିସର ପାଇଁ ବହୁଳ ଭାବରେ ଲୋକପ୍ରିୟ ଏବଂ କାସାଟା ସ୍ଲାଇସ୍, ଆଇକୋନ୍, ଆବାର, ସ୍ୱାଇରାଲ୍, ବାଇଟ୍ସ, ବଲ୍ ଆଇସ୍‌କ୍ରିମ, ଆଇସକ୍ରିମ ସାଣ୍ଡୱିଚ୍ ଏବଂ ପୁସଅପ୍ କଟନ୍ କ୍ୟାଣ୍ଡି ଭଳି ଆଇକନିକ ଉତ୍ପାଦ ଶୁଭାରମ୍ଭ କରିବା ପାଇଁ ଜଣାଶୁଣା ଏକ କାଟେଗୋରି ଲିଡର ଏହାର ପ୍ରିୟ ଟ୍ରିଟ୍ସ ରେଞ୍ଜ - ଅରୁଣ ଆଇସକ୍ରିମ ଡୋନଟ୍ - ରେ ନୂତନତମ ଉତ୍ପାଦର ଶୁଭାରମ୍ଭ କରିଛି। ଏହି ଉଦ୍ଭାବନ ଆଇସକ୍ରିମ ଜଗତରେ ଏକ ନୂତନ ମୋଡ଼ ଆଣିଛି। ଏହି ବାଇଟ୍- ଆକାରର ଆନନ୍ଦ ଏକ ମଜାଦାର ମିଶ୍ରଣ ଯାହା ଗ୍ରାହକମାନଙ୍କୁ ସତେଜ, ରୋମାଂଚକର ଏବଂ ସ୍ୱାଦ ପାଇଁ ଉପଯୁକ୍ତ କିଛି ଖୋଜୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଅରୁଣ ଆଇସକ୍ରିମ୍‌ର ନୂତନ ଶୁଭାରମ୍ଭ ସମସ୍ତ ବୟସ ଗୋଷ୍ଠୀକୁ ଆକର୍ଷିତ କରୁଥିବା କ୍ଲାସିକ୍ ଟ୍ରିଟ୍ ପ୍ରସ୍ତୁତ କରିବା ସହିତ ଏକ ଅତୁଳନୀୟ ସ୍ୱାଦ ପ୍ରଦାନ କରେ।

# ଅଯୋଧ୍ୟାରେ ଜମି ମୂଲ୍ୟରେ ୫୦୦% ବୃଦ୍ଧି

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଉତ୍ତର ପ୍ରଦେଶର ଅଯୋଧ୍ୟା ବିଶ୍ୱ ମାନଚିତ୍ରରେ ଆଧ୍ୟାତ୍ମିକତାର ଏକ ପ୍ରମୁଖ କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି। ୨୦୨୪ରେ ରାମ ମନ୍ଦିର ପ୍ରତିଷ୍ଠା ହେବା ପରଠାରୁ ଏହି ସହରରେ ରିଅଲ୍ ଇଷ୍ଟେଟ୍ ବଜାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଅଯୋଧ୍ୟାରେ ଜମି ମୂଲ୍ୟ ୩୦୦ ରୁ ୫୦୦ ପ୍ରତିଶତର ଐତିହାସିକ ବୃଦ୍ଧି ରେକର୍ଡ କରାଯାଇଛି। ଏହାର ଅର୍ଥ ହେଉଛି ଅଯୋଧ୍ୟା ଏବେ ଆଧ୍ୟାତ୍ମିକତା, ଆଧୁନିକ ଭିତ୍ତିଭୂମି ଏବଂ ଦୃଢ଼ ଆର୍ଥିକ ବିସ୍ତାରର ସଙ୍ଗମସ୍ଥଳ ଭାବେ ଉଭା ହୋଇଛି। ତେଣୁ ଏଥିରେ ଅଯୋଧ୍ୟାରେ ପ୍ରପର୍ଟି ବଜାରର ଅଭିବୃଦ୍ଧି ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି।

ଇନଭେଷ୍ଟୋଏକ୍ସପର୍ଟ ଆଡଭାଇଜର୍ସର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ବିଶାଲ ରାହେଜା କହିଛନ୍ତି ଯେ ଅଯୋଧ୍ୟା ଆଜି ଦେଶର ଏଣ୍ଡ ବାୟର୍ସ ଓ ଲଙ୍ଗ ଟର୍ମ ଇନଭେଷ୍ଟରଙ୍କ ପାଇଁ ସବୁଠାରୁ ବିଶ୍ୱାସ ଯୋଗ୍ୟ ବଜାର ମଧ୍ୟରୁ ଗୋଟିଏ ପାଲଟିଛି। ଏହା କ୍ରେତାଙ୍କ ସୁରକ୍ଷା, ମୂଲ୍ୟ ବୃଦ୍ଧି ଏବଂ ଦୀର୍ଘକାଳୀନ ଲାଭ ଦୃଷ୍ଟିରୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଯାହା ବର୍ତ୍ତମାନର ସମୟକୁ ନିବେଶ ପାଇଁ ଅତ୍ୟନ୍ତ ରଣନୈତିକ ସ୍ଥିତିକୁ ଦର୍ଶାଉଛି। ବିଶାଲଙ୍କ ଅନୁସାରେ, ଅନ୍ତର୍ଜାତୀୟ ବିମାନବନ୍ଦର, ଉନ୍ନତ ରେଳ ଷ୍ଟେସନ, ଚାରି ଲେନ୍ ରାସ୍ତା, ନଦୀକୂଳ ବିକାଶ ଏବଂ ହସ୍ପିଟାଲିଟି ଭିତ୍ତିଭୂମିରେ ମୋଟ ୬ ବିଲିୟନ ଡଲାରରୁ ଅଧିକ ନିବେଶ ଜାରି ରହିଛି। ଏହି ପ୍ରୟାସଗୁଡ଼ିକ ଅଯୋଧ୍ୟାକୁ ବର୍ଷ ସାରା ବିଶ୍ୱ ଆଧ୍ୟାତ୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରୁଛି। ଏହି ନିବେଶ ପାଇଁ ଆଗାମୀ ବର୍ଷଗୁଡ଼ିକରେ ଅଯୋଧ୍ୟାର ସମ୍ପତ୍ତି ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ମନ୍ଦିର ପ୍ରତିଷ୍ଠା ପରେ ବିପୁଳ ଜନସମାଗମ ଯୋଗୁ ବ୍ୟବସାୟ, ବାସସ୍ଥାନ, ହୋଟେଲ ଏବଂ ଯାତ୍ରା ସୁବିଧାର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି।


**AFFIDAVIT**

By virtue of an affidavit sl. no.-6651, dtd.24.11.2025, in the court of the Executive Magistrate, Kendrapara, I, Pradipta Jena, S/o- Rabindranath Jena, R/o-Vill/Po- Harianka, Ps-Kendrapara Sadar, Dist.-Kendrapara, Odisha, Pin-754210 have changed my minor son's name from Pravat Jena to Pravas Jena. Henceforth he will be known as Pravas Jena instead of Pravat Jena for all purposes.

Sd/- Pradipta Jena

**AFFIDAVIT**

By virtue of an Affidavit before Notary Public, Malkangiri, **I, Ashis Kumar Bairagi,** aged about 26 years, S/o.: Rabin Bairagi resident of Village: Radhagabindapa Palli M.V. - 30, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 16008/2025, Dated: 27.11.2025 that I have changed my & my father name from **Asish Bairagi**, S/o.: Rabindra Bairagi to **Ashis kumar Bairagi**, **S/o.: Rabin Bairagi**. Henceforth I shall be known as **Ashis kumar Bairagi, S/o.: Rabin Bairagi** for all future purposes.

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 26/11/2025, CF No.- 41/26.11.2025. I, Anirudha Nayak S/O Senapati Nayak, At- Tarini Nagar, Salia Sahi, Jaydev Vihar PO-R R L, PS-Maitri Vihar, Dist- Khordha, Pin-751013, declare that I have changed the name of my daughter from Nansi Nayak to Rincy Nayak. Henceforth, she shall be known as new name Rincy Nayak for all purposes.

Anirudha Nayak

**AFFIDAVIT**

By virtue of an affidavit CF No.50, sworn before Executive Magistrate, Bhubaneswar, dated 29.10.2025, I, Gati Prasad Rout, Plot No.Sd-3 Backside, VSS Nagar, Po-Rasulgarh, Ps.- Sahid Nagar, Bhubaneswar-751010, Dist.-Khordha, Odisha declare that I have changed the name of my daughter from Somya Priyadarsini to Soumya Priyadarshini Rout. Henceforth she shall be known as Soumya Priyadarshini Rout for all purposes.

Gati Prasad Rout

**AFFIDAVIT**

By virtue of an Affidavit Sworn before the Executive Magistrate, Nandapur, Dist.-Koraput vide no.-104 dtd.26/11/2025, I Smt. Purnimarani Das, W/o-Sri Milan Kumar Tikadar, resident of House no.-38, Main road, Banjalaput, Po.- Padwa, Dist.- Koraput, Odisha-764038 declare that, I have changed my name from **Purnima Tikadar** to **Purnimarani Das**. That, **Purnima Tikadar** and **Purnimarani Das** is one and the same person.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M )
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M )
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**LOST**

**I Prabodha Kumar Sahani, Proprietor of Premium Chicken House,** S/o.: Late Purna Chandra Sahani of Mahanadi Vihar, Declared by this Affidavit No.: 343803, dated 24.11.2025, my original prior sale deed executed by Labangalata Nayak in Favour of Biswabanita aich Document No.: 4047 vide Khata No.: 111/344, Plot No.: 109/2824, Area: Ac.0.040 Decimal, Unit No.: 6, Uttar deulasahi, Mouza: Cuttack Sahar, P.S.: Bidanasi, Dist.: Cuttack has been lost while I was travelling from Cuttack to Pipili by Bus. If somebody found the same please inform- **Mob- 9937068851**

**AFFIDAVIT**

I, **Tabasum Jahan Begum** wife of Gulam Moinuddin Khan, resident of Ward No.-25, Plot No.- N-1/316, IRC Village, P.O.- IRC Village, P.S.-Nayapalli, Bhubaneswar, Dist.-Khordha, Odisha-751015 declare by this affidavit No.-11 dated 04.11.2025 that now onwards I shall be known as **TABASUM JAHAN** for all future purposes.

Sd/- Tabasum Jahan

**NOTICE (FOR MINOR)**

By virtue of an affidavit sworn before the Notary Public, Bhubaneswar, dated 26.11.2025, I, Swami Sampurnananda Saraswati, At- Sitanath Nagar, Niladri Vihar, P.O. Sailashree Vihar, P.S. Chandrasekharpur, Bhubaneswar – 751021, Dist. Khordha declare that I have changed the name of my Adopted daughter from Jayashree Rath to Jayashree Saraswati Rath. Henceforth, she shall be known as Jayashree Saraswati Rath for all purposes.

SWAMI SAMPURNANANDA SARASWATI

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**

C.S. 115/2023

Kanthia Sethy .......Plaintiff

Vrs.

Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.
So you all are noticed to appear in my Court on 23rd Dec 2025 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.
Take notice that in case of default the suit will be heard or determined in your absence.
Given under my hand and seal of this Court day **30.10.2025.**

**Civil Judge (Sr. Divn.), Anandapur.**

**NOTICE**

By virtue of an affidavit sworn before Executive Magistrate, Dhenkanal, dated 27/11/2025, I Urmila Pati, Address At/PO-Bainsia, Block/PS-Gondia, Dist-Dhenkanal, Odisha-759014, declare that I have changed my name from Urmila Dash to Urmila Pati. Henceforth, I shall be known as Urmila Pati for all purposes.

Urmila Pati

O-1558 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender- 09/GJP/2025-26**

| | | |
|---|---|---|
| 1. | Name of the work | : Building Works |
| 2. | Total No. Work | : 07 (Seven) No. of Building Works |
| 3. | Estimated Cost | : Rs. 4.20 lakhs to 43.58 lakhs |
| 4. | Class of Contractor | : 'C' & 'D' Class Contractor<br>'B' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 28.11.2025 at 10.00 A.M to 08.12.2025 up to 5.00 PM. |
| 7. | Date and Time of Opening of Tender | : 09.12.2025 at 11.00 A.M |
| 8. | Place of Opening | : As per Annexure |

Further details can be seen from the Website www.tenderorissa.gov.in

OIPR-

Executive Engineer
R.W. Division, Gajapati

**AFFIDAVIT**

I, Prasanta Samantaray, aged about 59 years, S/o-Pitambar Samantaray, resident of At- Plot No-44/1343, Pitambar Realm, Pokhariput, Bhubaneswar, Dist- Khurda, Pin-751020, Odisha declare by this affidavit No. 2407, dtd-27/11/2025, that now onwards I shall be known as **PRASANTA KUMAR SAMANTARAY** for all future purposes.



# ଭୁବନେଶ୍ୱର ସିଟି

## ୮୩ତମ ପ୍ରତିଷ୍ଠା ଦିବସ

# 'ଗବେଷଣାର ଶକ୍ତିକେନ୍ଦ୍ର ହେବ ଉତ୍କଳ ବିଶ୍ୱବିଦ୍ୟାଳୟ'

ଭୁବନେଶ୍ୱର, ୨୭ ।୧୧(ସମିସ): ଜ୍ଞାନର ବିକାଶ ପାଇଁ ପ୍ରଗତିଶୀଳ ଶିକ୍ଷା ନୀତି ସହ ସମର୍ପଣ ଭାବ ଆବଶ୍ୟକ। ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ବିଶ୍ୱରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଯାହା ବିଶ୍ୱବିଦ୍ୟାଳୟ ପାଇଁ ବିଶ୍ୱରେ ଗର୍ବ ଓ ଗୌରବର ବିଷୟ। ଏହି ଐତିହ୍ୟ ସମ୍ପର୍ଣ୍ଣ ଶିକ୍ଷାନୁଷ୍ଠାନକୁ ନୂତନ ଓ ଅତ୍ୟାଧୁନିକ ଗବେଷଣାର ଶକ୍ତିକେନ୍ଦ୍ର କରି ବିଶ୍ୱର ଶିକ୍ଷାର୍ଥୀଙ୍କ ପାଇଁ ଏକ ସ୍ୱପ୍ନର ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳିବାକୁ ପ୍ରଚେଷ୍ଟା ଜାରି ରହିଥିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି। ଏମ୍‌କେସିଜି ପ୍ରେକ୍ଷାଳୟରେ ଗୁରୁବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସେ ଆହୁରି କହିଛନ୍ତି ଯେ ଗବେଷଣାକୁ ପ୍ରାଥମିକତା ଦେଇ ଛାତ୍ରଛାତ୍ରୀଙ୍କୁ ତୃଣମୂଳସ୍ତରରୁ ଶୀର୍ଷରେ ପହଞ୍ଚାଇବାକୁ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିଛି।



ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିଚେରୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. ପ୍ରକାଶ ବାବୁ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ବୌଦ୍ଧିକ ଶକ୍ତିକୁ ଆଗକୁ ନେବାରେ ଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ସମ୍ଭାବନାର ଗନ୍ତାଘର ଭାବେ ବର୍ଣ୍ଣନା କରିଛନ୍ତି। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠିତ ବୈଜ୍ଞାନିକ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଯୋଗଦେଇ ଉଚ୍ଚଶିକ୍ଷାରେ ଆସୁଥିବା ବିଭିନ୍ନ ଆହ୍ୱାନ ଏବଂ ଉଦ୍ଭାବନ, ଅନ୍ତର୍ଭୁକ୍ତିକରଣ ଓ ଗବେଷଣାର ବିଶ୍ୱସ୍ତରୀୟ ମାନଦଣ୍ଡ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରୀୟ ଉତ୍କର୍ଷତା ହାସଲ କରିବାର ଅପାର ସାମର୍ଥ୍ୟ ରଖିଥିବା କହିଛନ୍ତି। କୁଳସଚିବ ଡ. ସ୍ୱାତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଛାତ୍ରମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଉତ୍ସବରେ ଶିକ୍ଷା ଓ ଏକ୍ସଟ୍ରା କରିକୁଲାର କାର୍ଯ୍ୟକ୍ରମରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲୋକ ପ୍ରଶାସନ ବିଭାଗର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କୁ ସମ୍ମାନଜନକ ଲତିକା ସୁନ୍ଦରୀ ରାୟ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବାବେଳେ ମୋଟ୍ ୪୧ ଜଣ ଗବେଷକ ଓ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ଓ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଛି।

## ୨୯ରେ ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ବକ୍ତୃତାମାଳା

ଭୁବନେଶ୍ୱର, ୨୭।୧୧(ସମିସ):ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସର ଅଷ୍ଟମ ସ୍ମାରକୀ ବକ୍ତୃତାମାଳା ଆସନ୍ତା ୨୯ ତାରିଖ ଶନିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓ ନ୍ୟାସର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ 'ଗଣମାଧ୍ୟମ, ଗଣତନ୍ତ୍ର ଏବଂ ସୁଶାସନ:ପାରମ୍ପରିକ ବନାମ ନୂତନ ଗଣମାଧ୍ୟମର ଭୂମିକା' ଶୀର୍ଷକରେ ବକ୍ତୃତା ପ୍ରଦାନ କରିବେ ପଦ୍ମଭୂଷଣ, ପୂର୍ବତନ ସାଂସଦ ତଥା ଦେଶର ପ୍ରଖ୍ୟାତ ସାମ୍ବାଦିକ ସ୍ୱପନ ଦାସଗୁପ୍ତା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ତଥା ସମାଜସେବୀ ନମ୍ରତା ଚଢ଼ା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ନ୍ୟାସ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ଡ. ବିଷ୍ଣୁ ମୋହନଙ୍କୁ ଡ.ହରେକୃଷ୍ଣ ମହତାବ ସମ୍ମାନ



ଭୁବନେଶ୍ୱର, ୨୭।୧୧(ସମିସ): ଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୟାଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ଡ.ବିଷ୍ଣୁମୋହନ ମହାନ୍ତିଙ୍କୁ ଚଳିତ ବର୍ଷର 'ଡ.ହରେକୃଷ୍ଣ ମହତାବ ସମ୍ମାନ' ପ୍ରଦାନ କରାଯାଇଛି। ଡ. ହରେକୃଷ୍ଣ ମହତାବଙ୍କର ୧୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀ ଡ. ହରେକୃଷ୍ଣ ମହାତାବ ଜୟନ୍ତୀ କମିଟି ଭୁବନେଶ୍ୱର ଦ୍ୱାରା ଆୟୋଜନ କରାଯାଇଥିଲା। ସୂଚନା ମୁତାବକ ଡ. ଶ୍ରୀ ମହାନ୍ତି ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଅନେକ ସଫଳତା ପାଇଛନ୍ତି। ଡ. ବିଷ୍ଣୁ ମୋହନ ମହାନ୍ତି ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ରୟାଲ କଲେଜ ଅଫ ହାୟର ସେକେଣ୍ଡାରୀ ସ୍କୁଲର ପ୍ରତିଷ୍ଠାତା ଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରୟାଲ କଲେଜ ଅଫ ସାଇନ୍ସ ଏବଂ ଟେକ୍ନୋଲୋଜି (ଯୁକ୍ତ ଦୁଇ ବିଜ୍ଞାନ), ରୟାଲ ପବ୍ଲିକ ସ୍କୁଲ, ରୟାଲ ହାଇ ସ୍କୁଲ ପ୍ରଭୃତି ଶିକ୍ଷାକ୍ଷେତ୍ରରେ ଅନେକ ସୁନାମ ଅର୍ଜନ କରିଛି।

## ୧୨ ଜଣ ପାଲା ଗାୟକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୧୧(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବର ଉଦ୍‌ଯାପନୀ ସମାରୋହ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପାଲାଗବେଷକ ଡ. ସନ୍ତୋଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଭଦ୍ରକ ଜିଲ୍ଲାର ଡ. କଳାକର ନାୟକ ଓ ସାଥୀ, କଟକ ଜିଲ୍ଲାର ଅସୀମା ବରାଳ ଓ ସାଥୀ, ଦୁଷ୍ମନ୍ତ ବେହେରା ଓ ସାଥୀ, ପୁରୀ ଜିଲ୍ଲାର ବସନ୍ତ କୁମାର ମହାରଣା ଓ ସାଥୀ ଏବଂ କେନ୍ଦୁଝର ଜିଲ୍ଲାର ତୁଳସୀ ଚରଣ ମହାନ୍ତ ଓ ସାଥୀ ପାଲା ପରିବେଷଣ କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ସତ୍ୟ ନାୟକ ଓ ସାଥୀ ଦାସକାଠିଆ ପରିବେଷଣ କରିଥିଲେ। ଏହି ଅବସରରେ ୧୨ ଜଣ ପାଲା ଗାୟକ ଓ ଗାୟିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଶ୍ରୀ ନିଳାଚଳ ନିଖିଳ ଉତ୍କଳ ପାଲା ଗାୟକ ସଂଘର ସଭାପତି ଗାୟକ ମଦନ ମୋହନ ଜେନା, ସମ୍ପାଦକ ଗାୟକ ବସନ୍ତ କୁମାର ରାଉତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପରିଚାଳନା କରିଥିଲେ।

## ପୂଜ୍ୟପୂଜାକୁ ଆଗେଇ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ



ଭୁବନେଶ୍ୱର, ୨୭ ।୧୧(ସମିସ): ଓଡ଼ିଶା ନାଗରିକ ମହାମଞ୍ଚ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ପାଇକ ସଂଗଠନର ପ୍ରତିଷ୍ଠାତା ସ୍ୱର୍ଗତ ହଟନାଥ ମଙ୍ଗରାଜଙ୍କ ୧୦୫ ତମ ଜନ୍ମ ବାର୍ଷିକ ଓ ଓଡ଼ିଶା ନାଗରିକ ମହାମଞ୍ଚ, ଅଧ୍ୟକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ୬୮ ତମ ଜନ୍ମଦିବସ ଗଙ୍ଗନଗରସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟ ଓ ମୁଖପାତ୍ର ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଷାପ୍ରାଣ ମୋହନ ଦଳସିଂରାୟ, ସତ୍ୟବାଦୀ ବଳିୟାରସିଂ, ଶିକ୍ଷାବିତ ସୁନୀଲ କୁମାର ମିଶ୍ର, ବିଜୟ ପରିଡ଼ା, ସମିତା ମହାରଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ଖୁଣ୍ଟିଆ, ବିଜୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## କ୍ଲାପ୍ ପକ୍ଷରୁ ନୋବେଲ ସିଟିଜେନ ଆୱାର୍ଡ




ଭୁବନେଶ୍ୱର, ୨୭ ।୧୧(ସମିସ): କ୍ଲାପ୍ ପକ୍ଷରୁ ଘର ଘର ସମ୍ବିଧାନ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ଦିକ୍ଷତ କ୍ରିଷ୍ଣା ଶ୍ରୀପଦ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିରୂପେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ବିପି ଚୌଧୁରୀ ଓ ପ୍ରଫେସର ପ୍ରବିର କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। କ୍ଲାପ୍‌ର ସଭାପତି ଡ. ବିକାଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟବାର କାଉନସିଲରର ପୂର୍ବତନ ଅଧ୍ୟକ୍ଷ ଆଡ଼ଭୋକେଟ ମାନସ ରଞ୍ଜନ ମହାପାତ୍ର, ମାନବିକ ଅଧିକାର ପ୍ରବକ୍ତା ସଂଗ୍ରାମ ମଲ୍ଲିକ, ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ କୁମାର ବେହେରା, ମହିଳା ଅଧିକାର କର୍ମୀ ବୀଣାପାଣି ମଲ୍ଲିକଙ୍କୁ ନୋବୋଲ ସିଟିଜେନ ଅଫ୍ ଇଣ୍ଡିଆ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ପ୍ରଫୁଲ ସାହୁ ବିବରଣୀ ପ୍ରଦାନ କରିଥିଲେ। ମୌଳିକ କର୍ତ୍ତବ୍ୟ ସଂକ୍ରାନ୍ତ ସଚେତନତା ଧର୍ମୀ ପୁସ୍ତକ ମଧ୍ୟ ଲୋକାର୍ପଣ କରାଯାଇଥିଲା। କ୍ଲାପ୍‌ର ପରିଚାଳନା ବୋର୍ଡର ସଦସ୍ୟା ସ୍ନିଗ୍ଧା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## କିମ୍‌ସରେ ଓଡ଼ିଶାର ପ୍ରଥମ ଡିଜିଟାଲ୍ ପାଥୋଲୋଜି ସ୍କାନର୍



ଭୁବନେଶ୍ୱର, ୨୭।୧୧(ସମିସ): କିମ୍‌ସରେ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଡିଜିଟାଲ୍ ପାଥୋଲୋଜି ସ୍କାନର କାର୍ଯ୍ୟ ଆରମ୍ଭ କରିଛି। କିମ୍‌ସ ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଏସ୍‌ଜି୬୦ ଡିଜିଟାଲ୍ ପାଥୋଲୋଜି ସ୍କାନରକୁ କାର୍ଯ୍ୟକ୍ଷମ କରାଯାଇଛି। ଏହାକୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିମ୍‌ସ ପରାମର୍ଶଦାତା ଡ. ଆର ଏନ ସାମନ୍ତ, ପାଥୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ରଞ୍ଜନା ଗିରିଙ୍କ ସମେତ କିମ୍‌ସର ଅନ୍ୟ ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର, ୨୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଆନୁକୂଲ୍ୟରେ ବୁଧବାର ଠାରୁ ରବିବାର ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟାଳୟ ପରିସରରେ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ୧୪ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରୁ ୬୦୦ରୁ ଊର୍ଦ୍ଧ୍ୱ ଜଣ କବ୍ ସ୍କାଉଟ, ବୁଲ୍‌ବୁଲ୍ ଗାଇଡ୍ ସେମାନଙ୍କର ୟୁନିଟ୍ ଲିଡରମାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବରେ ଯୋଗଦାନ କରିଛନ୍ତି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିସନର ଡ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କବ୍ ବୁଲ୍‌ବୁଲ୍‌ମାନଙ୍କୁ ସଭାପତି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ୟାଟେରୀ ଚାଳିତ ବୈଦ୍ୟୁତିକ ଫର୍କଲିଫ୍ଟ ଫ୍ଲିଟ୍‌ର ବିସ୍ତାର କଲା ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୨୭।୧୧(ସମିସ): ବେଦାନ୍ତ ଆଲୁମିନିୟମ୍ ଭାରତର ସର୍ବବୃହତ ଲିଥିୟମ-ଆୟନ ବ୍ୟାଟେରୀ ଚାଳିତ ବୈଦ୍ୟୁତିକ ଫର୍କଲିଫ୍ଟ ଫ୍ଲିଟ୍‌ର ବିସ୍ତାର ଘୋଷଣା କରିଛି। ଏହା ଓଡ଼ିଶା ଏବଂ ଛତିଶଗଡ଼ରେ କମ୍ପାନୀର ବିଶ୍ୱସ୍ତରୀୟ କାର୍ଯ୍ୟରେ ନିୟୋଜିତ ୧୪୨ଟି ଯାନକୁ ନେଇ ଅନ୍ତର୍ଭୁକ୍ତ, ଯାହାକି ଏହାର ପୂର୍ବ ମୋଟ ସଂଖ୍ୟା ଦୁଇଗୁଣରୁ ଅଧିକ। ବିଶ୍ୱ ସ୍ଥାୟୀ ପରିବହନ ଦିବସରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଆସିଛି, ଯାହା ଭାରତର ଶିଳ୍ପ ଦୃଶ୍ୟପଟ ମଧ୍ୟରେ କାର୍ଯ୍ୟକୁ ପୁନଃପରିଭାଷିତ କରୁଛି ଏବଂ ସ୍ଥାୟୀ ବ୍ୟବସାୟିକ ଅଭ୍ୟାସଗୁଡ଼ିକୁ ସୁନିଶ୍ଚିତ କରିବା ଉପରେ ଅଧିକ ଧ୍ୟାନ କେନ୍ଦ୍ରିଭୁତ କରିଛି। ବୈଦ୍ୟୁତିକ ଫୋର୍କଲିଫ୍ଟକୁ ପରିବର୍ତ୍ତନ ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତା ସହିତ ସମନ୍ୱିତ ଏବଂ ୨୦୩୦ ସୁଦ୍ଧା ଏହାର ହାଲୁକା ମୋଟର ଯାନ (ଏମଏମଭି) ଫ୍ଲିଟ୍ ଡିକାର୍ବୋନାଇଜେସନ୍ ଲକ୍ଷ୍ୟକୁ ଆଗକୁ ବଢ଼ାଉଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି। କେବଳ ଝାରସୁଗୁଡା ସ୍ମେଲ୍ଟରରେ ୧୧୬ଟି ଏପରି ଫୋର୍କଲିଫ୍ଟ ନିୟୋଜିତ ହୋଇଛି। ଏହି ପଦକ୍ଷେପ ବାର୍ଷିକ ପ୍ରାୟ ୪,୪୫୦ ଟନ୍ ସିଓ୨-ସମତୁଲ୍ୟ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଦୂର କରିବ ଏବଂ ପ୍ରତିବର୍ଷ ୧୬.୩ ଲକ୍ଷ ଲିଟର ଡିଜେଲ ବ୍ୟବହାର ହ୍ରାସ କରିବ ବୋଲି ଆଶା କରାଯାଉଛି।

# ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଭୁବନେଶ୍ୱର, ୨୭ ।୧୧(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ସୂଚନା ଭବନଠାରେ ବୀରେନ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନବାଧିକାର କମିସନ ସଦସ୍ୟ, ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଆର୍ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ବୀରେନଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ଘନିଷ୍ଠ ସହଯୋଗୀ ଭାବେ ସ୍ୱର୍ଗତ ବୀରେନ ମିତ୍ର ନବ ଓ ସ୍ୱପ୍ନ ଚରିତାର୍ଥ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କାନୁନଗୋ ପ୍ରକାଶ କରିଥିଲେ। ସେହିପରି ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠୀ, ଫାଉଣ୍ଡେସନର ସଭାପତି ପିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲା ବେଳ ଫାଉଣ୍ଡେସନର ସମ୍ପାଦକ ଅମିତ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବେ ରୋଷେୟା ସେବାୟତ

ଭୁବନେଶ୍ୱର, ୨୭।୧୧(ସମିସ): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ଆସନ୍ତା ଡିସେମ୍ବର ୧ତାରିଖ ଦିନ୧୧ଟାରେ ୮ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡାଙ୍କ ନେତୃତ୍ୱରେ ଓଡ଼ିଶାର ୩୦ ଟି ଜିଲ୍ଲାରୁ ରୋଷେୟାମାନେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଗୁରୁବାର ଜୟଦେବ ଭବନରେ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଆବାହକ ଦିଗମ୍ବର ଜେନା ସୂଚନା ଦେଇଛନ୍ତି। ସରକାରଙ୍କ ନିୟମ ଅନୁସାରେ ୬ ବର୍ଷରୁ ଅଧିକ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବାର ବ୍ୟବସ୍ଥା ଥିବାବେଳେ ସେମାନଙ୍କୁ ଠିକା କର୍ମଚାରୀ ଭାବେ ନିୟୋଜିତ କରାଯାଇଥିବା ସଂଘ ପ୍ରକାଶ କରିଛି। ସେହିପରି ବେତନ ବୃଦ୍ଧି, ପ୍ରତ୍ୟେକ ରୋଷେୟାମାନଙ୍କର ଇପିଏଫ୍ କଟାଯିବା ଦାବି ନେଇ ସଂଘ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡା, ସାଧାରଣ ସମ୍ପାଦିକା ରିନା ମୁର୍ମୁ ପ୍ରକାଶ କରିଛନ୍ତି।

## 'ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରୁଦ୍ର ସୁଧାନିଧି' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୭।୧୧(ସମିସ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଲକ୍ଷ୍ମୀସାଗର ଆନୁକୂଲ୍ୟରେ 'ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ: ରୁଦ୍ର ସୁଧାନିଧି'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୁଧବାର କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବରିଷ୍ଠ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ ଯୋଗଦେଇଥିଲେ। ଏଥିରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସଭାପତିତ୍ୱ କରିଥିବା ବେଳେ ଉତ୍କର୍ଷ କେନ୍ଦ୍ରର ଗବେଷକ ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ହିମାଦ୍ରି ତନୟା ମିଶ୍ର, ରୂପଶ୍ରୀ ଧରଙ୍କ ସମେତ ବହୁ ଶିକ୍ଷାବିତ୍ ଓ ଗବେଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠଗବେଷକଡ.ଅମ୍ବରୀଶଶତପଥୀଧନ୍ୟବାଦଅର୍ପଣକରିଥିଲେ।

## ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ

ଭୁବନେଶ୍ୱର, ୨୭।୧୧(ସମିସ): ଓଡ଼ିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶାସକ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ଜୟନାରାୟଣ ମିଶ୍ର, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରିଥିଲେ।


## ସବୁଜ ଭାରତର ୧୩ତମ ପ୍ରତିଷ୍ଠା ଦିବସ

# ସଚେତନ ନ ହେଲେ କିଣିବାକୁ ହେବ ଅମ୍ଳଜାନ

- ବିକାଶ ନାମରେ ଚାଲିଛି ବୃକ୍ଷ ଛେଦନ
- ସାତ ସପନ ହେଲାଣି ଛଅ ଋତୁର ଅନୁଭୂତି

ଭୁବନେଶ୍ୱର, ୨୭।୧୧(ସମିସ): ସାମ୍ପ୍ରତିକ ସମୟରେ କ୍ରମାଗତ ଭାବରେ ବୃକ୍ଷ ଛେଦନ, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବା ସହ ପରିବେଶ ପ୍ରଦୂଷଣ ଯୋଗୁଁ ମନୁଷ୍ୟ ଠାରୁ ଆରମ୍ଭ କରି ଜୀବଜଗତ ବିଶେଷ ପ୍ରଭାବିତ ହେଉଛନ୍ତି। ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟ ହେଉ କିମ୍ବା ରାସ୍ତା ସମ୍ପ୍ରସାରଣ ଅବା ବହୁତଳ ପ୍ରାସାଦ ନିର୍ମାଣ ହେଉ, ପ୍ରତିଦିନ ଶହ ଶହ ଗଛ ବଳି ପଡ଼ୁଛନ୍ତି। ଯେଉଁ ପରିମାଣରେ ଗଛ କଟାଯାଉଛି, ସେହି ପରିମାଣରେ ଗଛ ଲଗାଯାଉ ନ ଥିବାରୁ ଦିନକୁ ଦିନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଅମ୍ଳଜାନର ଅହେତୁକ ଅଭାବ ପରିଲକ୍ଷିତ ହେଉଥିବାରୁ ଆଗକୁ ରାଜ୍ୟରେ ଅକ୍ସିଜେନ ପାର୍ଲର ଖୋଲିବା ସହ ସେଠାରେ ଅମ୍ଳଜାନ ବିକ୍ରି ହେବ ବୋଲି ଜୟଦେବ ଭବନରେ ସବୁଜ ଭାରତର ୧୩ତମ ପ୍ରତିଷ୍ଠା ଦିବସରେ 'ଜଳବାୟୁ ପରିବର୍ତ୍ତନ ଓ ଯୁବ ସମାଜର ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଶା ନାଗରିକ ସମାଜର ସଭାପତି ଲଳିତ ମୋହନ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ମତବ୍ୟକ୍ତ କରିଥିଲେ ଯେ, ବର୍ତ୍ତମାନ ବିକାଶ ନାମରେ ଯେଉଁଭଳି ଭାବରେ ଗଛକଟା ଚାଲିଛି ତାହା ଜୀବଜଗତକୁ ବିନାଶ ମୁହଁକୁ ଠେଲିଦେଉଛି। ଛଅ ଋତୁ ଆଜି ସାତ ସପନ ହୋଇଛି। ଠିକ୍ ସମୟରେ ଓଡ଼ିଶାକୁ ମୌସୁମୀ




ପ୍ରବେଶ ନ କରିବାରୁ ଚାଷୀଭାଇମାନେ ଚାଷକାର୍ଯ୍ୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ଲଗାଯାଉ ନ ଥିବାରୁ ଭବିଷ୍ୟତରେ ଲୋକମାନେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ସମୟ ଆସିବ ଦିଲ୍ଲୀ, ମୁମ୍ବାଇ ଭଳି ସହରରେ ଯେଭଳି ଅକ୍ସିଜେନ ପାର୍ଲରମାନ ଖୋଲି ଅମ୍ଳଜାନ ବିକ୍ରି ହେଉଛି, ଓଡ଼ିଶାରେ ମଧ୍ୟ ଅକ୍ସିଜେନ ପାର୍ଲର ଖୋଲି ଅମ୍ଳଜାନ ବିକ୍ରି ହେବାକୁ ଆଉ ବେଶିଦିନ ଲାଗିବନି। କଥାରେ ଅଛି ଜଙ୍ଗଲ ମେ ମଙ୍ଗଲ୍। ତେଣୁ ଆମ୍ଭେମାନେ ଯେତେ ନୂଆ ନୂଆ ଜଙ୍ଗଲ ସୃଷ୍ଟି କରି ଗଛଗୁଡ଼ିକୁ ସୁରକ୍ଷିତ ଭାବରେ ବଞ୍ଚିବାକୁ ଦେବା, ଜଙ୍ଗଲ ଆମ୍ଭମାନଙ୍କୁ ସୁରକ୍ଷା ପ୍ରଦାନ କରିବ। ବିଶେଷକରି ବୃକ୍ଷରୋପଣ ଦିଗରେ ଯୁବପିଢ଼ିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ନିଜ ନିଜର ଜନ୍ମଦିନରେ ସାଙ୍ଗସାଥୀମାନଙ୍କୁ ଚାରା ଉପହାର ଦେଇ ଏକ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ।

ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଶୁପକ୍ଷୀମାନଙ୍କ ଶବ ସତ୍କାର କରୁଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମା'ମାନଙ୍କୁ ଶାଢୀ ବଣ୍ଟନ କରାଯାଇଥିଲା। ଶେଷରେ ସୌମ୍ୟରଞ୍ଜନ ନାଥ, ଶକ୍ତି ମିଶ୍ର, ବର୍ଷା ପ୍ରିୟଦର୍ଶିନୀ, ଦେବାଶିଷ ଦଳେଇ ଏବଂ ସଂଘମିତ୍ରା ଦଳେଇ ପ୍ରମୁଖ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

## ପ୍ରତି ଦୁଇ ସ୍ତନ କର୍କଟ ରୋଗୀଙ୍କ ମଧ୍ୟରେ ଜଣେ ପ୍ରାଣ ହରାଉଛନ୍ତି



**ଭୁବନେଶ୍ୱର, ୨୭।୧୧(ସମିସ):** ବର୍ତ୍ତମାନ ସ୍ତନ କର୍କଟ ଏକ ସାଧାରଣ ରୋଗ ଭଳି ବ୍ୟାପିବାରେ ଲାଗିଛି। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର ପ୍ରିଭେନସନ୍ ଆଣ୍ଡ ରିସର୍ଚ୍ଚ ତଥ୍ୟ ଅନୁସାରେ, ଚିହ୍ନଟ ହେଉଥିବା ପ୍ରତି ଦୁଇଜଣ ନୂଆ ସ୍ତନ କର୍କଟ ରୋଗୀଙ୍କ ମଧ୍ୟରେ ଜଣେ ମହିଳା ଏହି କାରଣରୁ ପ୍ରାଣ ହରାଉଛନ୍ତି। ଓଡ଼ିଶା ମଧ୍ୟ ଦେଶରେ କର୍କଟ ବୋଝରେ ସର୍ବାଧିକ ସ୍ଥାନରେ ଥିବା ୧୨ଟି ରାଜ୍ୟ ମଧ୍ୟରେ ରହିଛି। ୨୦୧୩ରେ ରାଜ୍ୟରେ ୪୩,୨୧୦ କର୍କଟ ରୋଗୀ ଥିବା ବେଳେ ୨୦୨୨ରେ ଏହା ବୃଦ୍ଧି ପାଇ ୫୨,୯୬୦ରେ ପହଞ୍ଚିଛି। ସେହିପରି ମୃତ୍ୟୁ ସଂଖ୍ୟା ମଧ୍ୟ ୨୩,୮୮୬ରୁ ୨୯,୨୮୭କୁ ବୃଦ୍ଧି ପାଇଥିବା ସୂଚନା ରହିଛି। ତେଣୁ ଏହି ରୋଗର ନିରାକରଣ ପାଇଁ ସ୍ତନ କର୍କଟ ସମ୍ପର୍କରେ ସଚେତନତା ବୃଦ୍ଧି, ସ୍କ୍ରିନିଂ ଓ ପ୍ରାରମ୍ଭିକ ଚିହ୍ନଟ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି 'ଓଡ଼ିଶା ସେଲିବ୍ରେଟିଙ୍ଗ୍ ପିଙ୍କ୍ ଅକ୍ଟୋବର-୨୦୨୫'ର ଅଭିଯାନ ପଞ୍ଚମ ସଂସ୍କରଣର ଉଦ୍‌ଯାପନୀ ଉତ୍ସବରେ ମତ ପ୍ରକାଶ ପାଇଛି।

କ୍ରିୟା ଫାଉଣ୍ଡେସନ୍ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏକ ମାସ ଧରି ଚାଲିଥିବା ଏହି ଅଭିଯାନରେ ସ୍ତନକର୍କଟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମମାନ କରାଯାଇଥିଲା। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ତନ କର୍କଟ ଚିକିତ୍ସକ, କର୍କଟ ବିଜୟୀ ମହିଳାମାନେ ଅଂଶଗ୍ରହଣ କରି ଏହି ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଫାଉଣ୍ଡେସନ୍ ପକ୍ଷରୁ ଉତ୍ସବର ବିଶେଷ ରାଜ୍ୟବ୍ୟାପୀ ସ୍ତନ କର୍କଟ ସଚେତନତା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ୱର୍ଣ୍ଣ ହସ୍ପିଟାଲ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଡା. ଘନଶ୍ୟାମ ବିଶ୍ୱାସ, ଡ. ସୌରଭ ମିଶ୍ର, ଡ. ଲଲାଟେନ୍ଦୁ ଷଡ଼ଙ୍ଗୀ, ଡ. ନୀଳକଣ୍ଠ ମିଶ୍ର ପ୍ରମୁଖ ଯୋଗଦେଇ ସ୍ତନ କର୍କଟ ଚିକିତ୍ସା ଓ ପ୍ରତିରୋଧ ଉପରେ ଆଲୋଚନା କରିଥିଲେ। ଏହାପରେ ଡା. ଘନଶ୍ୟାମ ବିଶ୍ୱାସ ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଉପସ୍ଥାପନା ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଲିଲି ଜେନାମଣି ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଷ କମିଶନ ସପକ୍ଷରେ ମହିଳା କମିଶନ ଅଧ୍ୟକ୍ଷା

**ବ୍ରହ୍ମପୁର,୨୭।୧୧(ସମିସ):** ସମାଜରେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ନିର୍ଯାତନାର ଶିକାର ହେଉଛନ୍ତି। ନିର୍ଯାତିତ ଉଭୟ ମହିଳା ଓ ପୁରୁଷ ନ୍ୟାୟ ପାଇଁ ହକ୍‌ଦାର। ନିର୍ଯାତନାର ଶିକାର ହେଉଥିବା ପୁରୁଷଙ୍କ ପାଇଁ ମଧ୍ୟ ଆୟୋଗ ବା ପୁରୁଷ କମିଶନ ରହିବାରେ ସମସ୍ୟା ନାହିଁ। ଏଥିପାଇଁ ପୁରୁଷମାନେ ଏକଜୁଟ୍ ହୋଇ ଦାବି କରିବାର ଆବଶ୍ୟକତା ରହିଛି। ସ୍ଥାନୀୟ ଉପ-ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କ୍ୟାମ୍ପକୋର୍ଟରେ ଯୋଗଦେଇ ରାଜ୍ୟ ମହିଳା କମିଶନ୍ ଅଧ୍ୟକ୍ଷା ଶୋଭନା ମହାନ୍ତି ଏହା କହିଛନ୍ତି। ଆୟୋଗର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ସେ ଗଞ୍ଜାମ ଗସ୍ତରେ ଆସି ବ୍ରହ୍ମପୁରଠାରେ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ସବୁ ବର୍ଗଙ୍କ ପାଇଁ ସୁବିଧାରେ ତଥା ମାଗଣାରେ ନ୍ୟାୟ ପ୍ରଦାନ କରିବା ପାଇଁ କମିଶନ ବା ଆୟୋଗ ରହିଛି। କମିଶନ ସବୁବେଳେ ଚାହେଁ ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ମିଳାମିଶା ହୋଇ ସମସ୍ୟାର ସମାଧାନ ହେଉ।

## ସରକାରଙ୍କ କଥା ପ୍ରବଳ, କାମ ଦୁର୍ବଳ: କଂଗ୍ରେସ

### କେବଳ ଭାଷଣରେ ମଣ୍ଡି ଖୋଲୁଛନ୍ତି ସରକାର

**ଭୁବନେଶ୍ୱର, ୨୭।୧୧(ସମିସ):** ରାଜ୍ୟର ବିଜେପି ସରକାରଙ୍କର କଥା ପ୍ରବଳ, କାମ ଦୁର୍ବଳ। ପ୍ରତିଦିନ ଜଣଙ୍କ ପରେ ଜଣେ ମନ୍ତ୍ରୀ କହି ଚାଲିଛନ୍ତି, ମଣ୍ଡି ଆଜି ଖୋଲୁଛି, ମଣ୍ଡି କାଲି ଖୋଲିବ। ମାତ୍ର ଆଜି ସୁଦ୍ଧା ମଣ୍ଡି ଖୋଲିପାରିଲା ନାହିଁ। ଫଳରେ ଧାନଚାଷର ପ୍ରାଣକେନ୍ଦ୍ର ବରଗଡ଼ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୪୦ରୁ ୫୦ଭାଗ ଧାନ ଅମଳ ସରିଲାଣି ସରିଥିଲେ ମଧ୍ୟ ଚାଷୀ ଏପର୍ଯ୍ୟନ୍ତ ଧାନ ମଣ୍ଡିରେ ଧାନ ପହଞ୍ଚାଇ ପାରୁନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି।

ଗୁରୁବାର କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ବିଶେଷତଃ ମଣ୍ଡି ଖୋଲିବାକୁ ନେଇ କଂଗ୍ରେସ କିଷାନ ସେଲ୍ ପକ୍ଷରୁ କଂଗ୍ରେସ ଭବନଠାରେ ଏକ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କିଷାନ ସେଲ୍ ଅଧ୍ୟକ୍ଷ ଅଭୟ ସାହୁ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଅନେକ ଚାଷୀ ଟୋକନ ପାଇନାହାନ୍ତି। ଏ ସରକାର ପଞ୍ଜୀକରଣ କରିବା ପାଇଁ ଅସମର୍ଥ, ଟୋକନ ଦେବା ପାଇଁ ଅସମର୍ଥ। ବରଗଡ଼ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଟୋକନରୁ ବଞ୍ଚିତ ଚାଷୀମାନେ ଆନ୍ଦୋଳନରତ ଅଛନ୍ତି। ଗୋଟିଏ ପଟେ ମଣ୍ଡି ଖୋଲିପାରି ନ ଥିବା ବେଳେ ଅନ୍ୟପକ୍ଷରେ ସରକାର ଆଦର୍ଶ ମଣ୍ଡି ଖୋଲିବାରେ ଡିଣ୍ଡିମ ପିଟିଚାଲିଛନ୍ତି ବୋଲି କହି କଂଗ୍ରେସ ସମାଲୋଚନା କରିଛି। ଏହାସହ କେନ୍ଦ୍ର ସରକାର ରାଜ୍ୟରୁ ଆଉ ଅଧିକ ୮ ଲକ୍ଷ ମେଟ୍ରିକ ଟନ ଧାନ ଓଡ଼ିଶାରୁ କିଣିବେ ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମଣ୍ଡି ଖୋଲି ନଥିଲା ବେଳେ ଏ ଅର୍ଥଶୂନ୍ୟ ଫମ୍ପା ଆବାଜ କେତେଦିନ ଯାଏଁ ଚାଷୀଙ୍କୁ ସନ୍ତୁଷ୍ଟ କରିବ ବୋଲି କିଷାନ କଂଗ୍ରେସ ପ୍ରଶ୍ନ କରିଛି।

ଜାତୀୟ କଂଗ୍ରେସ କିଷାନ ସେଲ ସମ୍ପାଦକ ଅମୀୟ ପଟ୍ଟନାୟକ କହିଛନ୍ତି ଯେ ଚାଷୀର ସମସ୍ତ ବଳକା ଧାନ ସରକାର ସଂଗ୍ରହ କରିବ ଉଚିତ। ୫୫ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ୧୦ହଜାର ଟଙ୍କା ମାସିକ ପେନସନ୍ ବିଧେୟକ ଚଳିତ ବିଧାନସଭାରେ ସରକାର ଆଣନ୍ତୁ। ଫସଲ ବୀମାରେ ଥିବା ଅସଙ୍ଗତିକୁ ଦୂର କରି ଚାଷୀ ପରିବାରର ସ୍ୱାସ୍ଥ୍ୟବୀମା ଲାଗୁ କରନ୍ତୁ ବୋଲି ସେ କହିଛନ୍ତି। ଏହି ତିନିଗୋଟି ପ୍ରମୁଖ ଦାବିକୁ ନେଇ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଡିସେମ୍ବର ୪ (ଗୁରୁବାର) ଦିନ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏହାସହ ଏମଏସ୍‌ପି ଗ୍ୟାରେଣ୍ଟି, ଏମ୍‌ଏସ୍‌ପି ୩ହଜାର ଟଙ୍କାକୁ ବୃଦ୍ଧି, ପ୍ରତି ପଞ୍ଚାୟତରେ ଗୋଦାମ ଘର ନିର୍ମାଣ ଓ ଏଫ୍‌ସିଆଇ ଦ୍ୱାରା ଚାଉଳ କ୍ରୟ କରାଯିବାକୁ କଂଗ୍ରେସ ଦାବି କରିଛି।

## ରାଜ୍ୟରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସ୍ଥାଣୁ: ବିଜେଡି

**ଭୁବନେଶ୍ୱର, ୨୬।୧୧(ସମିସ):** ରାଜ୍ୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଯାଇଛି। ନିକଟରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ଟ୍ରେଜେରି ଅଫିସରଙ୍କ ଉଦ୍ଦେଶ୍ୟରେ ଜାରି ହୋଇଥିବା ଚିଠିରୁ ଏହା ସ୍ପଷ୍ଟ ହୋଇଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

- କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜାରି ଚିଠି ସରକାରଙ୍କ ମୁଖା ଖୋଲିଛି
- ଜନଶୁଣାଣି ପୋର୍ଟାଲର ଅଭିଯୋଗ ସମୟସୀମାରେ ସମାଧାନ ହେଉନାହିଁ

ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତ୍ତିରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ଏହି ଚିଠିରେ ସ୍ପଷ୍ଟ କୁହାଯାଇଛି ଯେ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ହେବା କଥା। କିନ୍ତୁ ବାରମ୍ବାର କୁହାଯିବା ପରେ ଅଭିଯୋଗ ସମାଧାନ ସନ୍ତୋଷଜନକ ହୋଇପାରୁନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବୋଲି ଚିଠିରେ କୁହାଯାଇଛି।

ଡ. ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିଜେ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ଓ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ବିଜେପି ପକ୍ଷରୁ କୁହାଯାଉଛି; କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଜିଲ୍ଲାପାଳଙ୍କ ଏହି ଚିଠିରୁ ରାଜ୍ୟରେ ଅଭିଯୋଗ ଶୁଣାଣି କାର୍ଯ୍ୟ କିପରି ଚାଲୁଛି, ତାର ଏକ କରୁଣ ଚିତ୍ର ଏହି ଚିଠିରୁ ସ୍ପଷ୍ଟ ହେଉଛି। ରାଜ୍ୟରେ ଶାସନ ବ୍ୟବସ୍ଥା ସ୍ଥାଣୁ ପାଲଟିଛି। ଅଭିଯୋଗ ଶୁଣାଣି ହେଉଛି, ମୁଖ୍ୟମନ୍ତ୍ରୀ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି, କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ। ଲୋକଙ୍କ ବାସ୍ତବ ସମସ୍ୟା ସମାଧାନ କରିବାରେ ବିଫଳ ରାଜ୍ୟ ବିଜେପି ସରକାର କେବଳ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

## ୩୬ ପଇସା ଅଧିକ ଟାରିଫ୍ ଆଦାୟ ଖବର ଭ୍ରମାତ୍ମକ: ଓଡିଶା ଡିସ୍‌କମ୍ସ

**ଭୁବନେଶ୍ୱର, ୨୭।୧୧(ସମିସ):** ରାଜ୍ୟରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାରର ୪ଟି ବିତରକ କମ୍ପାନୀ ଓଇଆରସି(ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ) ଦ୍ୱାରା ଧାର୍ଯ୍ୟ ବିଦ୍ୟୁତ୍ ମୂଲ୍ୟଠାରୁ ୩୬ ପଇସା ଅଧିକ ନେଉଥିବା ନେଇ ଖବରକୁ ଟାଟା ପାୱାର ପକ୍ଷରୁ ଖଣ୍ଡନ କରାଯାଇଛି। ଅତିରିକ୍ତ ମୂଲ୍ୟ ନେବା ସମ୍ପର୍କିତ ଖବର ଭ୍ରମାତ୍ମକ ବୋଲି କମ୍ପାନୀ ପକ୍ଷରୁ ଜାରି ସ୍ପଷ୍ଟୀକରଣରେ କୁହାଯାଇଛି।

କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ବିତରକ କମ୍ପାନୀମାନେ ଓଇଆର୍‌ସି ଦ୍ୱାରା ଅନୁମୋଦିତ ଓ ବିଜ୍ଞପିତ ବିଦ୍ୟୁତ ଟାରିଫ୍ ଅନୁଯାୟୀ ହିଁ ଚାର୍ଜ କରନ୍ତି। ପ୍ରତିବର୍ଷର ଟାରିଫ୍ ନିର୍ଦ୍ଦେଶନାମା ଓଇଆରସି ୱେବସାଇଟରେ ସାର୍ବଜନୀନ ଭାବେ ଉପଲବ୍ଧ ଅଛି, ଯାହାକୁ କୌଣସି ଉପଭୋକ୍ତା ନିଜ ବିଲ୍ ସହ ସହଜରେ ମେଳ କରିପାରିବେ। ଖବରରେ ଉଲ୍ଲେଖ ହୋଇଥିବା ୩୬ ପଇସା କୌଣସି ଅଧିକ ମୂଲ୍ୟ ନୁହେଁ। ଏହା କେବଳ ନିୟନ୍ତ୍ରକ ଅନୁମୋଦିତ ସର୍ବାଧିକ ହାର ଓ

- ଓଇଆର୍‌ସି ଅନୁମୋଦିତ ଟାରିଫ୍ ଆଦାୟ କରିଥା'ନ୍ତି ବିତରକ କମ୍ପାନୀ
- ଟାରିଫ୍ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିୟମନିଷ୍ଠ ଏବଂ ଉପଭୋକ୍ତାମୁଖୀ

ବିତରକ କମ୍ପାନୀମାନଙ୍କର ବାସ୍ତବ ବିଲିଂ ମଧ୍ୟରେ ଥିବା ତଫାତ୍। ବାସ୍ତବ ସପ୍ଲାଏ ମୂଲ୍ୟ ଅନୁଯାୟୀ ଏମିତି ତଫାତ୍ ପ୍ରାୟତଃ ହୋଇଥାଏ ଏବଂ ପରବର୍ତ୍ତୀ ଟ୍ରୁ-ଅପ୍ ଭିତରେ ସମନ୍ୱୟ ହୋଇଯାଏ ବୋଲି କମ୍ପାନୀ ଦାବି କରିଛି। ବିତରକ କମ୍ପାନୀମାନେ ଆର୍ଥିକ ବର୍ଷ ୨୦୨୩-୨୪ ଓ ୨୦୨୪-୨୫ ପାଇଁ ଟ୍ରୁ-ଅପ୍ ଏବଂ ୨୦୨୬-୨୭ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଦାଖଲ କରିସାରିଛନ୍ତି। ଓଇଆର୍‌ସି ବାସ୍ତବ ଅଡିଟ୍ ତଥ୍ୟ ଯାଞ୍ଚ କରି ପରବର୍ତ୍ତୀ ଟାରିଫ୍ ଅର୍ଡରରେ କୌଣସି ଅଧିକ କିମ୍ବା କମ୍ ଆଦାୟକୁ ସ୍ୱଚ୍ଛତାର ସହ ସମନ୍ୱୟ କରିବ।

ଓଡ଼ିଶାରେ ଟାରିଫ୍ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିୟମନିଷ୍ଠ ଏବଂ ଉପଭୋକ୍ତାମୁଖୀ। ପବ୍ଲିକ୍ ହିଅରିଂ ଓ ପ୍ରୁଡେନ୍ସ ଚେକ୍ ପରେ ଟାରିଫ୍ ଅନୁମୋଦନ ହୋଇଥାଏ ବୋଲି କମ୍ପାନୀ ସ୍ପଷ୍ଟ କରିଛି। ବିତରକ କମ୍ପାନୀମାନେ ସଠିକ୍ ବିଲିଂ, ନିୟମାନୁଶାସନ ଏବଂ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧ ବୋଲି ଟାଟା ପାୱାର ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ 'ସାତକଡ଼ି ହୋତା ସାହିତ୍ୟ ଓ ସାମ୍ବାଦିକତା' ସମ୍ମାନ



**ଭୁବନେଶ୍ୱର, ୨୭।୧୧(ସମିସ):** ସାହିତ୍ୟିକ ଓ ସାମ୍ବାଦିକ ସାତକଡ଼ି ହୋତାଙ୍କ ଜନ୍ମତିଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖକ ସମବାୟ ସମିତିର ଆନୁକୂଲ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୀବନବ୍ୟାପୀ ଅବଦାନ ପାଇଁ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ 'ସାତକଡ଼ି ହୋତା ସାହିତ୍ୟ ଓ ସାମ୍ବାଦିକତା ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। 'ନିତିଦିନ' ସମ୍ପାଦକ ମନୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ସଚିବ ଦେବପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ହୋତାଙ୍କ ଅବଦାନ ସ୍ମରଣ କରିଛନ୍ତି। ମୁଖ୍ୟବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ କହିଛନ୍ତି, ସାହିତ୍ୟ-ସାମ୍ବାଦିକତା ପରସ୍ପର ପରିପୂରକ। ସମ୍ବର୍ଦ୍ଧିତ ହେବା ପରେ ବିଶ୍ୱରଞ୍ଜନ କହିଛନ୍ତି ଯେ ହୋତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଲମ ଚଳାଉଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି ପୀତବାସ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ନିର୍ଦ୍ଦେଶକ ଡ. ଝାଡ଼େଶ୍ୱର ପ୍ରଧାନଙ୍କ ପୁସ୍ତକ 'ଜାଗୃତି ଓ ଅନ୍ୟାନ୍ୟ ନାଟକ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମିତିର ସମ୍ପାଦକ ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସାତକଡ଼ି ହୋତାଙ୍କ କନ୍ୟା ଓ ପୁତ୍ର ଉପସ୍ଥିତ ରହିଥିଲେ।

**ହାଇକୋର୍ଟଙ୍କ ଆଦେଶକୁ ମାନିଲାନି ଗଣଶିକ୍ଷା ବିଭାଗ**

## ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେଲେ ବ୍ୟକ୍ତିଗତ ହାଜର ହେବେ ସଚିବ

**କଟକ, ୨୭।୧୧ (ସମିସ):** ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ନିର୍ଦ୍ଦିଷ୍ଟ ସମୟସୀମା ଆଳ ଦର୍ଶାଇ ଜଣେ ମହିଳାଙ୍କୁ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଚାକିରି ନଦେବା ଘଟଣାରେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଅଦାଲତ ଅବମାନନା ମାମଲାରେ ନୋଟିସ୍ ପାଇବା ସତ୍ତ୍ୱେ ଆଦେଶ କାର୍ଯ୍ୟକାରୀ ନ ହେବାରୁ ହାଇକୋର୍ଟ ଶେଷଥର ଲାଗି ପ୍ରତିପକ୍ଷଙ୍କୁ ସୁଯୋଗ ଦେଇଛନ୍ତି। ଚାରି ସପ୍ତାହ ମଧ୍ୟରେ ଯଦି ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ନହୁଏ, ତାହେଲେ ଅଦାଲତ ଅବମାନନା ଘଟଣାରେ ଗଣଶିକ୍ଷା ବିଭାଗ ସଚିବ, କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ସ୍ଥାନୀୟ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ। ଏଥିସହ ସେମାନଙ୍କ ଉପରେ ଜରିମାନା ମଧ୍ୟ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ କ୍ଷଣପ୍ରଭା ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି, ଆବେଦନକାରିଣୀ କ୍ଷଣପ୍ରଭା ନାୟକଙ୍କ ସ୍ୱାମୀ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରୁଥିଲା ବେଳେ ହଠାତ୍ ତାଙ୍କର ଦେହାନ୍ତ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଆଇନଗତ ଉତ୍ତରାଧିକାରୀ ଭାବେ ଆବେଦନକାରିଣୀ ଚାକିରି ପାଇଁ ଆବେଦନ କରିଥିଲେ। ବିଳମ୍ବରେ ଆବେଦନ କରିଥିବା ଦର୍ଶାଇ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ଅଗଷ୍ଟ ୧୮ ତାରିଖରେ ଆବେଦନକୁ ବିଚାରକୁ ନେଇ ୮ ସପ୍ତାହ ମଧ୍ୟରେ କ୍ଷଣପ୍ରଭାଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନକାରିଣୀଙ୍କୁ ନିଯୁକ୍ତି ଦିଆନଯିବାରୁ ସେ ହାଇକୋର୍ଟରେ ଅଦାଲତ ଅବମାନନା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ଅଦାଲତ ପତିପକ୍ଷଙ୍କୁ ପୁଲିସ୍ ଜରିଆରେ ନୋଟିସ୍ କରିଥିଲେ। କାହିଁକି ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ନହେବ, ସେ ସଂକ୍ରାନ୍ତରେ ଜବାବ ରଖିବାକୁ ଦୁଇ ସପ୍ତାହ ସମୟ ଦେଇଥିଲେ। ଏହି ଆଦେଶ ସତ୍ତ୍ୱେ ପ୍ରତିପକ୍ଷ ଆବେଦନକାରିଣୀଙ୍କୁ ନିଯୁକ୍ତି ସଂକ୍ରାନ୍ତରେ କୌଣସି ପଦକ୍ଷେପ ନନେବାରୁ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ପ୍ରତିପକ୍ଷଙ୍କୁ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରିବା ଲାଗି ଶେଷ ସୁଯୋଗ ଦେଇଛନ୍ତି। ଆବେଦନକାରିଣୀଙ୍କ ପକ୍ଷରୁ ସତ୍ୟରଞ୍ଜନ ପତି ମାମଲା ପରିଚାଳନା କରୁଛନ୍ତି।

## ଆଗାମୀ ୫ ବର୍ଷରେ ଦୁଗ୍ଧ ଉତ୍ପାଦନ ଦୁଇଗୁଣ ହେବ



**ଭୁବନେଶ୍ୱର, ୨୭।୧୧(ସମିସ):** କାମଧେନୁ ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରାଯିବ ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଓୟୁଏଟିର କୃଷି ଶିକ୍ଷା ସଦନଠାରେ ଆୟୋଜିତ ଜାତୀୟ ଦୁଗ୍ଧ ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ ରାଜ୍ୟରେ ସମବାୟ ସମିତି ମାଧ୍ୟମରେ ଗୋପାଳକଙ୍କ ଉନ୍ନତି ଶିଖର ଛୁଇଁ ପାରିବା ବିଷୟରେ ମତବ୍ୟକ୍ତ କରିଥିଲେ। ଜାତୀୟ ଦୁଗ୍ଧ ଦିବସ ଅବସରରେ ମନ୍ତ୍ରୀଙ୍କ ଓମଫେଡ୍‌ର ନୂତନ ଉତ୍ପାଦ ଯଥା: ପିଇବା ପାଣି, ଟେଟ୍ରା ପ୍ୟାକ୍ ଲସି, ଚକୋଲେଟ୍ ମିଲ୍କ ସେକ୍ ଏବଂ ପ୍ରୋଟିନ ୟୋଗର୍ଟ ଇତ୍ୟାଦିର ବଜାର ପ୍ରବେଶ ହୋଇଛି। କାର୍ଯ୍ୟକ୍ରମରେ ୧୬ଜଣ ଗୋପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଥିଲା। ରାଜ୍ୟର ୮୩ ଗୋଟି ପଞ୍ଜିକୃତ ଗୋଶାଳାକୁ ବୁଲା ଓ ଅସହାୟ ଗୋରୁଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣ ପାଇଁ ୧୧କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ରାଜ୍ୟର ୨୪ଗୋଟି ପୌରସଂସ୍ଥାକୁ ବୁଲା ପ୍ରାଣୀଙ୍କ ଉଦ୍ଧାର ପାଇଁ ଆବଶ୍ୟକ ଗାଡ଼ି କ୍ରୟ କରିବାକୁ ୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ, ପ୍ରାଣୀ ପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କୋଲନ୍ କ୍ୟାନସର୍ ଭଲ କରିବ ପିପ୍ପଳୀ !

**ରାଉରକେଲା, ୨୭।୧୧(ସମିସ):** କୋଲନ୍ କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନଙ୍କୁ ସଫଳତା ମିଳିଛି। ପିପ୍ପଳୀରେ ମିଳୁଥିବା ଏକ ପ୍ରାକୃତିକ ଯୌଗିକରେ ଏହି ରୋଗ ନିଦାନର ଏକ ପ୍ରଭାବଶାଳୀ ତତ୍ତ୍ୱ ରହିଛି ବୋଲି କହିଛନ୍ତି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା 'ବାୟୋଫ୍ୟାକ୍ଟରସ୍'ରେ ପ୍ରକାଶିତ ହୋଇଛି। ଏହାକୁ ଏନ୍‌ଆଇଟି ରାଉରକେଲାର ଜୀବବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର୍ ବିଜେଶ କୁମାର ବିଶ୍ୱାଳ ଏବଂ ତାଙ୍କ ରିସର୍ଚ୍ଚ ସ୍କଲାର୍ ରାଜୀବ କୁମାର ସାହୁ, ସ୍ତୁତି ବିଶ୍ୱାଳ, ସମ୍ବିତ କୁମାର ପାତ୍ର ଏବଂ ଶିକ୍ଷା ସ୍ୱରୂପା ପଣ୍ଡାଙ୍କ ସହ ଆମେରିକାର ଇଉନିଭର୍ସିଟି ଅଫ୍ ନର୍ଥ କାରୋଲିନାର ଡକ୍ଟର ସୂର୍ଯ୍ୟକାନ୍ତ ତ୍ରିପାଠୀ ଏବଂ ସେଣ୍ଟ୍ରାଲ୍ ୟୁନିଭର୍ସିଟି ଅଫ୍ ସାଉଥ୍ ବିହାରର କୃଷ୍ଣେନ୍ଦୁ ବାରିକ ଓ ଡକ୍ଟର ଅନୀଲ କୁମାରଙ୍କ ସହଯୋଗରେ ଲେଖାଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଆଇଟି ରାଉରକେଲାର ନେତୃତ୍ୱାଧୀନ ବହୁ-ସାଂସ୍ଥାଗତ ଗବେଷଣା ଦଳ କେମୋଥେରାପିର ବିକଳ୍ପ ଭାବରେ ଏକ ପ୍ରାକୃତିକ ଯୌଗିକ, ପାଇପରଲଙ୍ଗୁମିନ୍‌ର କାର୍ଯ୍ୟକଳାପ ଦେଖାଇବା ପାଇଁ ଏକ ପରୀକ୍ଷଣ କରିଥିଲେ।

**ଦୁବାଇରେ ୫ଷ୍ଟାର ଫିଲ୍ମ ଆୱାର୍ଡସ**

## ମହାଶ୍ୱେତାଙ୍କୁ ଗୋଲ୍‌ଡେନ୍ ଏରା ଅଫ୍ ଇଣ୍ଡିଆନ୍ ସିନେମା ସମ୍ମାନ




**ଭୁବନେଶ୍ୱର,୨୭।୧୧(ସମିସ):** ଦୁବାଇରେ ଆୟୋଜିତ ହୋଇଯାଇଛି ଫାଇଭ୍ ଷ୍ଟାର ଚଳଚ୍ଚିତ୍ର ସମ୍ମାନ ପ୍ରଦାନ ଉତ୍ସବ। ଉତ୍ସବରେ ମହାଶ୍ୱେତା ରାୟଙ୍କୁ ଗୋଲ୍‌ଡେନ୍ ଏରା ଅଫ୍ ଇଣ୍ଡିଆନ୍ ସିନେମା ସମ୍ମାନ ପ୍ରଦାନ କରାଯାଇଛି। ଏହାସହ ମୁନମୁନ୍ ସେନଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ, ଜିତ୍‌ଙ୍କୁ 'ଏଭରଗ୍ରୀନ୍ ସୁପରଷ୍ଟାର ଅଭିନେତା' ଏବଂ ଋତୁପର୍ଣ୍ଣା ସେନଗୁପ୍ତାଙ୍କୁ 'ଏଭରଗ୍ରୀନ୍ ସୁପରଷ୍ଟାର ଅଭିନେତ୍ରୀ' ଭାବେ ସମ୍ମାନିତ କରାଯାଇଛି। ସେହିପରି, ବିଭିନ୍ନ ବିଭାଗରେ କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଆର୍ ଆର୍ ଇଭେଣ୍ଟସ୍ ଏବଂ ସିନେ ପ୍ରଡକ୍ସନ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୋଲକ ମହାପାତ୍ର, ଓଲିଉଡ୍‌ର ବିଶିଷ୍ଟ ଅଭିନେତ୍ରୀ ମହାଶ୍ୱେତା ରାୟ, ଋତୁପର୍ଣ୍ଣା ସେନଗୁପ୍ତା ଓ ଅମିୟ ମିଶ୍ରଙ୍କ ସମେତ ବହୁ ଅଭିନେତା, ଅଭିନେତ୍ରୀ, ସଂଗୀତ ନିର୍ଦ୍ଦେଶକ, ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଯୋଜକ,ଟେକ୍ନିସିଆନ ଯୋଗ ଦେଇଥିଲେ। ଏଥିରେ ଓଲିଉଡ୍ ଓ ବେଙ୍ଗଲୀ ସିନେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ୨୪୧ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବିତ

**କଟକ,୨୭।୧୧(ସମିସ):** ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ସଚେତନତା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଏନଫୋର୍ସମେଣ୍ଟ ବ୍ୟାପକ କରାଯାଇଛି। ବିଶେଷକରି ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ଉଲ୍ଲଙ୍ଘନକାରୀ ଯାନର ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏଭଳି ୨୪୧ଟି ଯାନର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ନିଲମ୍ବନ କରାଯାଇଛି। ନିଲମ୍ବିତ ହୋଇଥିବା ଗାଡ଼ି ମଧ୍ୟରେ ଅନେକ ଗାଡ଼ି ୫୦ ଏବଂ ୧୦୦ରୁ ଅଧିକଥର ମୋଟର ଯାନ ଆଇନ ଉଲ୍ଲଙ୍ଘନ କରିଛନ୍ତି। ଆଗକୁ ମଧ୍ୟ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଆର୍‌ସି ନିଲମ୍ବନ ଅବଧିରେ ଏହି ଗାଡ଼ିଗୁଡ଼ିକ ସଡ଼କକୁ ଆସିପାରିବେ ନାହିଁ। ଏହାସହ ଆଇନ ଅନୁଯାୟୀ ଅନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ବିଭାଗ ନିଷ୍ପତ୍ତି ନେଇଛି। ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୫୭ଟି ଗାଡ଼ି, ସୁନ୍ଦରଗଡ଼ ଆରଟିଓଙ୍କ ଦ୍ୱାରା ୫୨ଟି, ଭୁବନେଶ୍ୱର ଆରଟିଓ-୧ଙ୍କ ଦ୍ୱାରା ୨୭, ଜଗତସିଂହପୁର ଆରଟିଓଙ୍କ ଦ୍ୱାରା ୨୨, କଟକ ୨୨, ବରଗଡ଼ ୯, ବାଲେଶ୍ୱର ୯, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୬, ଝାରସୁଗୁଡ଼ା ୬, ଚଣ୍ଡିଖୋଲ ୫, କେନ୍ଦ୍ରାପଡ଼ା ୫, ଭଦ୍ରକ ୪, ରାଉରକେଲା ୪, ଯାଜପୁର ୨, କେନ୍ଦୁଝର ୨, ରାଇରଙ୍ଗପୁର ଏଆରଟିଓଙ୍କ ଦ୍ୱାରା ୨, ବଡ଼ବିଲ ଏଆର୍‌ଟିଓଙ୍କ ଦ୍ୱାରା ୨, ଢେଙ୍କାନାଳ, କୋରାପୁଟ, ନୟାଗଡ଼, ସୋନପୁର, ତାଳଚେର ଆରଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ କରାଯାଇଛି।

**ଓଡ଼ିଶା ବିକାଶ ସମାବେଶ**

## ଜଳବାୟୁ ସହନଶୀଳ ଓ ଜନକୈନ୍ଦ୍ରିକ ବିକାଶ ପାଇଁ ଖସଡ଼ା ପ୍ରସ୍ତୁତ

**ଭୁବନେଶ୍ୱର, ୨୭।୧୧(ସମିସ):** ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପାଳନ କରିବ ଓଡ଼ିଶା। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଜଳବାୟୁ ସହନଶୀଳ ଓ ଜନକୈନ୍ଦ୍ରିକ ଯୋଜନା ବ୍ୟାପକ ଓ ପ୍ରଭାବୀ ଢଙ୍ଗରେ ହେବା ଆବଶ୍ୟକ। ଏହାଦ୍ୱାରା ଦ୍ୱାରା ଲୋକଙ୍କ ମୌଳିକ ଅଧିକାର, ପରିବେଶ ସୁରକ୍ଷା, ଲିଙ୍ଗଗତ ସମାନତା ଓ ଭାଗୀଦାର ଅଂଶଗ୍ରହଣମୂଳକ ଶାସନ ସୁନିଶ୍ଚିତ ହୋଇପାରିବ। 'ଓଡ଼ିଶା ବିକାଶ କନକ୍ଲେଭ'ର ଦୁଇଦିନିଆ ସମ୍ମିଳନୀରେ ଏହି ନିର୍ଯ୍ୟାସ ବାହାରିଛି। ଗୁରୁବାର ଉଦ୍‌ଯାପିତ ହୋଇଥିବା ଦୁଇଦିନିଆ 'ଓଡ଼ିଶା ବିକାଶ କନକ୍ଲେଭ'ରେ ଏହି ପ୍ରସଙ୍ଗରେ ବ୍ୟାପକ ପରାମର୍ଶ ଉପସ୍ଥାପିତ ହେବା ସହ ଚଳିତ ବର୍ଷ ୪୦ରୁ ଅଧିକ ସଂସ୍ଥାର ମିଳିତ ସହଯୋଗରେ ଓ ୫୦୦ ରୁ ଅଧିକ ସ୍ୱେଚ୍ଛାସେବୀ, କର୍ପୋରେଟ



ସଂସ୍ଥା, ଶିକ୍ଷାନୁଷ୍ଠାନ, ବୁଦ୍ଧିଜୀବୀ , ଗଣମାଧ୍ୟମ ପ୍ରତିନିଧିଙ୍କ ଅଂଶଗ୍ରହଣରେ ଓଡ଼ିଶା ବିକାଶ କନକ୍ଲେଭର ଷଷ୍ଠ ସଂସ୍କରଣ ଆୟୋଜିତ ହୋଇଛି। ଏଥିରେ ଜଳବାୟୁ ସହନଶୀଳ ଓ ଲୋକକୈନ୍ଦ୍ରିକ ବିକାଶ ପାଇଁ ପଥପ୍ରଦର୍ଶକ ଥିମ୍‌କୁ ନେଇ ୧୫ଟି ଟ୍ରାକ୍‌ରେ ଚର୍ଚ୍ଚା ହୋଇ ୪୦ ରୁ ଅଧିକ ପରାମର୍ଶ ଆସିଛି।

'ସିୱାଇଏସଡି'ର ସହ-ପ୍ରତିଷ୍ଠାତା ଡ. ଜଗଦାନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗର ନିର୍ଦ୍ଦେଶକ ସୁଧାପ୍ରିୟା ଦାସ, ଉପ-ନିର୍ଦ୍ଦେଶକ ସୁଧା ପଣ୍ଡା, ଦେବାଶିଷ ପାତ୍ର, ବିଶିଷ୍ଟ ଅର୍ଥନୀତିଜ୍ଞ ଅମିତାଭ କୁଣ୍ଡୁ, ଉମି ଡାନିଏଲ ଓ ଶିଶିର ପ୍ରଧାନ ଜଳବାୟୁ ସହନଶୀଳ ଓ ଜନ କୈନ୍ଦ୍ରିକ ବିକାଶକୁ ନିଶ୍ଚିତତା ପାଇଁ ଆସିଥିବା ପ୍ରମୁଖ ପରାମର୍ଶ ଉପସ୍ଥାପିତ କରିଥିଲେ। ଡ. ଜଗଦାନନ୍ଦ ନିଜ ବକ୍ତବ୍ୟରେ ସିଭିଲ ସୋସାଇଟି, ସରକାର, କର୍ପୋରେଟ୍ ଜଗତ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ସମ୍ମିଳିତ ଦାୟିତ୍ୱ ଓ ସହଯୋଗ ରହିଲେ ଜଳବାୟୁ ସହନଶୀଳ ଜୀବିକା ଓ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ମୁକାବିଲା କାର୍ଯ୍ୟ ହୋଇପାରିବ ବୋଲି କହିଛନ୍ତି।

ସମାବେଶରେ ଓଡ଼ିଶା ନଦୀ ନୀତି ଆଣିବା, ସମନ୍ୱିତ ଜମି ଓ ଜଳ ପରିଚାଳନା, ପ୍ରଶାସନିକସ୍ତରରେ ନଦୀ ଅବବାହିକା ଆଧାରିତ ଯୋଜନା, ଜୈବିକ ପରିସଂସ୍ଥା ଓ ଜଳାଶୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି, ଜିଲ୍ଲାସ୍ତରରେ ସ୍ଥାନାନ୍ତର ସୁବିଧା କେନ୍ଦ୍ର, ସ୍ଥାନାନ୍ତରୀ ଶ୍ରମିକମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନାନ୍ତର ସମସ୍ୟା ସମାଧାନ କରିବା ପାଇଁ ପରାମର୍ଶ ଦିଆଯାଇଛି। ମହିଳାଙ୍କ ନିକଟରେ ଥିବା ପାରମ୍ପରିକ ଜ୍ଞାନକୁ ସ୍ୱୀକୃତି ଦେବା ସହିତ ଦେଶୀ ବିହନର ସଂରକ୍ଷକ ଭାବେ ସେମାନଙ୍କୁ ଗୁରୁତ୍ୱ ଦେବା ସହ ଲିଙ୍ଗଗତ ସମାନତା ଅନୁକୂଳ ଓ ଜଳବାୟୁ ସହନଶୀଳ ପଞ୍ଚାୟତ ଗଢ଼ିବା ପାଇଁ ଏହି ସମାବେଶରେ ନିର୍ଦ୍ଦିଷ୍ଟ ପରାମର୍ଶ ଉପସ୍ଥାପିତ ହୋଇଛି।



ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଉପସ୍ଥିତ ରାଷ୍ଟ୍ରପତିଙ୍କ ଗହଣରେ ବାଚସ୍ପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ପୂର୍ବତନ ଓ ବର୍ତ୍ତମାନର ଜନ ପ୍ରତିନିଧିଗଣ

### ଏମ୍‌କେସିଜି ହସ୍ପିଟାଲ ଇତିହାସରେ ପ୍ରଥମ

# ସଫଳ ହେଲା ଓପନ୍ ହାର୍ଟ ବାଇପାସ୍ ସର୍ଜରୀ

ବ୍ରହ୍ମପୁର,୨୭।୧୧(ସମିସ): ଏମ୍‌କେସିଜି ମେଡିକାଲର କାର୍ଡିଓ ଥୋରାସିସ୍ ଏବଂ ଭାସ୍କୁଲାର୍ (ସିଟିଭିଏସ୍) ବିଭାଗ ବିରଳ ଅସ୍ତ୍ରୋପଚାର କରି ଚର୍ଚ୍ଚାକୁ ଆସିଥିବା ବେଳେ ଏବେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ଜଣେ ୫୫ ବର୍ଷୀୟ

## ନୂତନ ଜୀବନ ପାଇଲେ ଗଞ୍ଜାମର ଶାନ୍ତିଲତା

ମହିଳାଙ୍କ ସଫଳ ଓପନହାର୍ଟ ବାଇପାସ୍ ସର୍ଜରୀ କରାଯାଇଛି। ଏମ୍‌କେସିଜି ମେଡ଼ିକାଲରେ ଏଭଳି ବିରଳ ଅସ୍ତ୍ରୋପଚାର ପ୍ରଥମଥର ପାଇଁ ହୋଇଥିବା ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର୍ ଡା. ସାରଦା ପ୍ରସନ୍ନ ସାହୁ ଦାବି କରିଛନ୍ତି।

ରୋଗୀଙ୍କ କରୋନାରି ଆର୍ଟେରୀ ବାଇପାସ୍ ଗ୍ରାଫ୍ଟିଂ(ସିଏବିଜି) ପଦ୍ଧତିରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଯେଉଁଥିରେ ହୃତ୍‌ପିଣ୍ଡ କାମ କରୁଥିବା ସମୟରେ ଏହି ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ପରେ ରୋଗୀ ଶାନ୍ତିଲତା ବର୍ତ୍ତମାନ ଡାକ୍ତରୀ ଟିମର ସ୍ୱତନ୍ତ୍ର ତଦାରଖରେ ଆଇସିୟୁରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଡା. ସାହୁ କହିଛନ୍ତି।



ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା କଞ୍ଚୁରୁ ଗ୍ରାମର ଶାନ୍ତିଲତା ନାୟକ (୫୫) କିଛିଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାରଲୋକ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ପରୀକ୍ଷାନିରୀକ୍ଷା ପରେ ରୋଗୀଙ୍କ ଧମନୀରେ ବ୍ଲକେଜ୍ ଥିବା ଜଣାପଡ଼ିଥିଲା। ହୃତ୍‌ପିଣ୍ଡରେ ଥିବା ୩ଟି ଧମନୀ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ବ୍ଲକ୍ ହୋଇ ରକ୍ତ ସଞ୍ଚାଳନର ପ୍ରବାହରେ ବାଧକ ସାଜିଥିଲା। ତେଣୁ, ରୋଗୀଙ୍କୁ ହୃଦ୍‌ଘାତର ଆଶଙ୍କା ଥିଲା। ବିଳମ୍ବ ନକରି ରୋଗୀଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ସିଟିଭିଏସ୍ ବିଭାଗକୁ ପଠାଇ ଦିଆଯାଇଥିଲା। ରୋଗୀଙ୍କ ତୁରନ୍ତ ଅସ୍ତ୍ରୋପଚାର କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ସାହୁଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ବେରିୟନ ସ୍ୱାଇଁ, ଏସଆର ଡା. ପ୍ରଦୀପ୍ତ କୁମାର ସାହୁ, ନିଶ୍ଚେତକ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଏସ୍ ସଞ୍ଜୀବ ପାତ୍ର, ଡା. ଜଗଦୀପ ନାୟକ, ଡା. ନିବେଦିତା ଓ ନର୍ସିଂ ଅଫିସର୍ ପ୍ରମୁଖଙ୍କ ସହଯୋଗରେ ଶାନ୍ତିଲତାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଏମ୍‌କେସିଜି ମେଡିକାଲରେ ଗତ ୫ମାସ ମଧ୍ୟରେ ୧୦ଟି ଓପନ୍‌ହାର୍ଟ ସର୍ଜରୀ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିବା ଜଣାଯାଇଛି।

### ■ ଆରମ୍ଭ ହେଲା ଶୀତ ଅଧିବେଶନ

## ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୭।୧୧(ସମିସ): ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ ଗୁରବାର ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ସଦସ୍ୟ ହେମେନ୍ଦ୍ର ପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ଓଡ଼ିଶା ପୁଲିସର ପୂର୍ବତନ କନେଷ୍ଟବଳ ସରୋଜ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖାଯାଇଥିଲା। ଏହାପରେ ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ।

## ରାଜଭବନରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୭।୧୧(ସମିସ): ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ରାଜ୍ୟପାଳଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଏବଂ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତରପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶିତ କରାଯିବା ସହ ପ୍ରତ୍ୟେକ କୋଠରିକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବେ ଡିଜାଇନ୍ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



# ଏସସିବିରେ ଓପନ୍ ହାର୍ଟ ସର୍ଜରୀ ମୃତ୍ୟୁହାର ହ୍ରାସ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ,୨୭ ।୧୧(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ସମ୍ପର୍କିତ ସମସ୍ୟାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏଠାରେ ଓପନହାର୍ଟ ସର୍ଜରୀ ମୃତ୍ୟୁହାର ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ ରହିଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ କିଭଳି ହ୍ରାସ କରାଯାଇପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ କହିଛନ୍ତି ଖଣ୍ଡପୀଠ।

**ଜାତୀୟ ହାର ୭ ପ୍ରତିଶତ ସ୍ଥଳେ ଏସସିବିରେ ୧୭ ପ୍ରତିଶତ**

ମାମଲା ଶୁଣାଣି ବେଳେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ପକ୍ଷରୁ ଦାଖଲ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେଥିରେ, ଗତ ଜାନୁଆରିରୁ ଅଗଷ୍ଟ ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ମୃତ୍ୟୁହାର ୩୧ ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର-ଅକ୍ଟୋବରରେ ଏହା ୧୭ ପ୍ରତିଶତକୁ ହ୍ରାସ ପାଇଥିବା କୁହାଯାଇଥିଲା। ଏହି ସମୟରେ ମୋଟ ୨୯ଜଣଙ୍କ ସର୍ଜରୀ ହୋଇଥିବା ବେଳେ ୫ଜଣ ମୃତ୍ୟୁବରଣ କରିଥିବା କୁହାଯାଇଥିଲା।

ଜାତୀୟସ୍ତରରେ ଏଭଳି ଓପନ୍‌ହାର୍ଟ ସର୍ଜରୀ ମୃତ୍ୟୁ ହାର ମାତ୍ରା ୫ରୁ୭ ପ୍ରତିଶତ ଥିବା ବେଳେ ଏଠାରେ ୧୭ ପ୍ରତିଶତ ରହିବା ନେଇ ଅଦାଲତ ଉଦବେଗ ପ୍ରକାଶ କରିଥିଲେ। ତେବେ, ଏସ୍‌ସିବି ମେଡିକାଲରୁ ୭ଦିନିଆ ପ୍ରଶିକ୍ଷଣ ନିମନ୍ତେ ଦିଲ୍ଲୀ ଏମ୍ସକୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଯିବେ ଓ ଏମ୍ସରୁ କେତେକ ବିଶେଷଜ୍ଞ ଏଠାକୁ ଆସି ମାର୍ଗଦର୍ଶନ କରିବେ ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି ହୋଇଥିବା କୁହାଯାଇଥିଲା। ସେହିଭଳି ବିଭାଗୀୟ ମୁଖ୍ୟଙ୍କ ତରଫରୁ ଓପନହାର୍ଟ ସର୍ଜରୀ ପାଇଁ ବିଶେଷଜ୍ଞ ହୃଦ୍‌ରୋଗ ନିଶ୍ଚେତକଙ୍କ ଆବଶ୍ୟକତା ରହିଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ପ୍ରସଙ୍ଗରେ ମଧ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ତଥ୍ୟ ଉପସ୍ଥାପନ ପାଇଁ କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ଗତ ୨୦୨୩ରେ ଓପନ୍‌ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ୍‌ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା।

### ■ ଅଭିଯୋଗ ସମାଧାନରେ ଅବହେଳା

## ୩୬ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

କଟକ, ୨୭ ।୧୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ନକରିବା କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଅଭିଯୋଗ ସମାଧାନରେ ଅବହେଳା ପାଇଁ କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ନଭେମ୍ବର ମାସର ଦରମା ବନ୍ଦ ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ଟ୍ରେଜେରି ଅଫିସର, ସ୍ୱତନ୍ତ୍ର ଟ୍ରେଜେରି ଅଫିସର ଓ ଜିଲ୍ଲାର ସମସ୍ତ ସବ୍ ଟ୍ରେଜେରି ଅଫିସରଙ୍କୁ ଚିଠି ଲେଖିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖିଲାପି ଅଧିକାରୀଙ୍କ ଦରମା ସ୍ଥଗିତ ରହିବ ବୋଲି କୁହାଯାଇଛି। ଏହି ୩୬ଜଣ ଅଧିକାରୀଙ୍କ ମଧ୍ୟରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ), କଟକ ଉପ-ଜିଲ୍ଲାପାଳ, ଆଠଗଡ଼ ଉପ ଜିଲ୍ଲାପାଳ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ), ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ସିଡିଭିଓ), ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଡିଏସ୍‌ଡବ୍ଲୁଓଙ୍କ ସମେତ ୧୧ ଜଣ ବିଡିଓ ଓ ୮ଜଣ ତହସିଲଦାର ପ୍ରମୁଖ ରହିଛନ୍ତି। ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ କରାଯାଉ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବାରମ୍ବାର ସମୀକ୍ଷା କରୁଛନ୍ତି। ଏହାସତ୍ତ୍ୱେ ସମାଧାନର ଅଗ୍ରଗତି କ୍ଷେତ୍ରରେ କଟକ ଜିଲ୍ଲାର ସ୍ଥାନ ଉତ୍ସାହଜନକ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଘୋର୍ ଅସନ୍ତୋଷ ପ୍ରକାଶ କରିଛି। ଏହାକୁ ନେଇ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଛନ୍ତି। ତେବେ ପ୍ରଥମେ ୯୧ଜଣ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ ପରେ ଏହାକୁ ସଂଶୋଧନ କରି ୩୬ଜଣଙ୍କ ତାଲିକା ପ୍ରକାଶ ପାଇଛି।

### ■ ଅନ୍ୟ ଜାତିରେ ବିବାହ

## ଅତିରିକ୍ତ ତହସିଲଦାର ବାସନ୍ଦ

ଛତ୍ରପୁର, ୨୭ ।୧୧(ସମିସ): ଆସିକାର ଅତିରିକ୍ତ ତହସିଲଦାର ସୌଦାଗର ବେହେରା ଅନ୍ୟ ଜାତିର ଝିଅକୁ ବିବାହ କରିବାରୁ ତାଙ୍କୁ ଏବଂ ତାଙ୍କ ପରିବାରକୁ କୈବର୍ତ୍ତ ସମାଜ କୁଳରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବାର ଅତିରିକ୍ତ ତହସିଲଦାରଙ୍କ ବାପା ବିଜୟ ବେହେରା ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି।



ଅତିରିକ୍ତ ତହସିଲଦାର ଶ୍ରୀ ବେହେରାଙ୍କ ଘର ଛତ୍ରପୁର ଥାନା ଅଧୀନ ମୁନିଷିପେଣ୍ଠ ଗ୍ରାମରେ। ସେ ଗତ ଫେବ୍ରୁଆରୀରେ ଅନ୍ୟ ଏକ ଜାତିର ଝିଅକୁ ବିବାହ କରିଥିବାରୁ କୈବର୍ତ୍ତ ସମାଜ ପକ୍ଷରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଚଳିତ ମାସ ୨୩ ତାରିଖରେ ତାଙ୍କ ବାପା ବିଜୟ ଗାଁରେ ଏକ ବିବାହ ଭୋଜି ଖାଉଥିବା ବେଳେ ତାଙ୍କ ଖଲିପତ୍ର ଝିଙ୍କି ନେଇ ତାଙ୍କୁ ଅପମାନିତ କରାଯାଇଥିଲା। ତେଣୁ, ଏ ସଂପର୍କରେ ସେ ଛତ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ କୈବର୍ତ୍ତ ସମାଜ ପକ୍ଷରୁ ତାଙ୍କ ପରିବାରକୁ କୁଳରୁ ବାସନ୍ଦ କରାଯାଇନାହିଁ ବୋଲି କହିଥିଲେ। ଛତ୍ରପୁର ଥାନାରେ ଉଭୟ ପକ୍ଷକୁ ନେଇ ଗୁରୁବାର ଆଲୋଚନା ହୋଇଛି। ଦୀର୍ଘ ସମୟ ଆଲୋଚନା ପରେ ମଧ୍ୟ ସମାଧାନର ବାଟ ଫିଟିନିଥିଲା। ପରବର୍ତ୍ତୀ ସମୟରେ କୈବର୍ତ୍ତ ସମାଜ ମହାସଭାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଘଟଣା ସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। ସେହିପରି ଛତ୍ରପୁର ଥାନାରେ ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇ ନଥିବା ଥାନାଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଚ୍ଚାରଣ, ଆଚରଣରେ...

ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦେଶୀୟ ରାଜ୍ୟ ଗୁଡ଼ିକର ମିଶ୍ରଣ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହୋଇଥିବା ବେଳେ ଏହାର ନେତୃତ୍ୱ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହାତାବ ନେଇଥିଲେ। ବରେଣ୍ୟ ଜନନେତା ବିଜୁ ପଟ୍ଟନାୟକଙ୍କ ସାହସ ଓ ସଂଗ୍ରାମ ଦେଶବାସୀଙ୍କ ସ୍ମୃତିରେ ସର୍ବଦା ଜୀବନ୍ତ ହୋଇ ରହିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଜନ୍ମଦେଇ ଓଡ଼ିଶା ଧନ୍ୟ ହୋଇଛି। ଭାରତ ନିର୍ମାଣରେ ଓଡ଼ିଶାର ଅବଦାନ କାଳେକାଳେ ରହି ଆସିଛି। ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି। ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ପାର୍ବତୀ ଗିରି ଏବଂ ଅନେକ ନେତ୍ରୀଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ରହିଥିଲା। ୧୫ ଜଣ ମହିୟସୀ ମହିଳା ଭାରତର ସମ୍ବିଧାନ ସଭାରେ ସଦସ୍ୟ ଥିବାବେଳେ ଏଥିରେ ଓଡ଼ିଶାର ମାଳତୀ ଦେବୀ ରହିଥିଲେ। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଦୀର୍ଘ ଇତିହାସ ରହିଛି। ସ୍ୱାଧୀନତା ପୂର୍ବବର୍ତି ଏବଂ ପରବର୍ତ୍ତୀ ଏପରି କୌଣସି ବିଧାନସଭା ଗଠନ ହୋଇନାହିଁ, ଯେଉଁଥିରେ ମହିଳା ନାହାନ୍ତି। ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା ବୋଲି ରାଷ୍ଟ୍ରପତି କହିଛନ୍ତି।

ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ଓ ଜଳ ସମ୍ପଦରେ ରାଜ୍ୟ ପରିପୂର୍ଣ୍ଣ ସବୁ ବର୍ଗର ମାନ ସମ୍ବଳରେ ଓଡ଼ିଶା ସମୃଦ୍ଧ। ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷଜମି ରହିଛି। କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଓଡ଼ିଶାର ପରିବେଶ ଖୁବ ଅନୁକୂଳ। ଏସବୁ ସମ୍ପଦର ସଦୁପଯୋଗ କରାଯାଇ ଓଡ଼ିଶାକୁ ଦେଶର ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇପାରିବ। ୨୦୪୭ ମସିହା ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହୋଇ ସାରିଥିବ ବୋଲି ଆମ ସଭିଙ୍କର ବିଶ୍ୱାସ। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକ ପୂରଣ ହେବ। ଆପଣମାନେ ସମ୍ମିଳିତ ଭାବରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିଲେ ତାହା ବିକଶିତ ଭାରତ ଗଠନ ପାଇଁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ଗଣତନ୍ତ୍ରର ଭିତ୍ତି ହେଉଛନ୍ତି ଜନ ସାଧାରଣ। ଗଣ ବିନା ଗଣତନ୍ତ୍ର କିମ୍ବା ଗଣରାଜ୍ୟ ନାହିଁ। ଭାରତୀୟ ସଂସ୍କୃତିରେ ଲୋକଶକ୍ତିକୁ ସର୍ବଦା ଗୁରୁତ୍ୱାରୋପ କରାଯାଇଛି। ଜନମତକୁ ସର୍ବଦା ସମ୍ମାନ ଦିଆଯାଇଛି। ଆପଣମାନେ ହେଉଛନ୍ତି ଜନଗଣର ପ୍ରତିନିଧି। ସେମାନଙ୍କର ସେବକ। କେତେ ଆଶା, ବିଶ୍ୱାସ, ଭରଷା ନେଇ ଆପଣଙ୍କ ହାତରେ ସେମାନେ କ୍ଷମତା ଅର୍ପଣ କରିଛନ୍ତି। ସେମାନଙ୍କର ଆଶା ପୂରଣ କରିବା, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣମାନଙ୍କର କର୍ତ୍ତବ୍ୟ। ଆପଣମାନେ ଏପରି କାର୍ଯ୍ୟ କରିବେ ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଦେଶର ଦରିଦ୍ରତମ ଲୋକଙ୍କ ପାଇଁ କାମ କରିବାକୁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

### ରାଷ୍ଟ୍ରପତିଙ୍କ ସାମଗ୍ରିକ...

ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିବା କେବଳ ଆମ ଭାରତୀୟ ସମ୍ବିଧାନ ପାଇଁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ଏହି ପବିତ୍ର ଗୃହର ନୀତି ଆଦର୍ଶକୁ ମାର୍ଗଦର୍ଶନ କରିବ ନାହିଁ; ବରଂ ସାଢ଼େ ଚାରି କୋଟି ଓଡ଼ିଆ'ଙ୍କ ଅଦମ୍ୟ ଭାବନାକୁ ପ୍ରୋତ୍ସାହିତ କରିବ। ଶାନ୍ତି, ମୈତ୍ରୀ, ସମତା ଓ ସଦ୍‌ଭାବନା, ଏକତାର ମନ୍ତ୍ରରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

### ରାଷ୍ଟ୍ରପତି ଏ ମାଟିର...

ସୁଦୃଢ଼ କରିବାରେ ବିଭିନ୍ନ ଭାଷା, ଜୀବନଶୈଳୀ, ରୀତିନୀତି, ସଂସ୍କୃତି ଏବଂ ଚିନ୍ତାଧାରାର ଉଲ୍ଲେଖନୀୟ ଯୋଗଦାନ ରହିଛି। ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଏକ ବଡ଼ ରାଜନୈତିକ ଆହ୍ୱାନ ଥିଲା। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଏବଂ ଅନ୍ୟରାଜ୍ୟଗୁଡ଼ିକ ଭାରତରେ ଯୋଗଦେବା ସହିତ ଭାରତର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରଥମେ ଓଡ଼ିଶାରେ ଆରମ୍ଭ ହୋଇଥିଲା। ଏପରି କରି ଓଡ଼ିଶା ଅବଶିଷ୍ଟ ରାଜ୍ୟଗୁଡ଼ିକୁ ଏକତ୍ର କରି ଭାରତୀୟ ରାଷ୍ଟ୍ରକୁ ଏକଜୁଟ ଏବଂ ସୁଦୃଢ଼ କରିବା ପାଇଁ ନେତୃତ୍ୱ ନେଇଥିଲା।

ନବୀନ ଆହୁରି କହିଛନ୍ତି ଯେ ଭାଷା ଆଧାରରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲା। ଓଡ଼ିଶା ପ୍ରଦେଶ ସୃଷ୍ଟି କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ଏଠାରେ ସ୍ମରଣ କରିବାର ଆବଶ୍ୟକତା ରହିଛି। ସାମ୍ବିଧାନିକ ପଦ୍ଧତି ଅବଲମ୍ବନ କରି ସେ ଅନ୍ୟ ଜାତୀୟସ୍ତରର ନେତାଙ୍କ ସହ ମିଶି ଏହି ଐତିହାସିକ ଲକ୍ଷ୍ୟ ହାସଲ କରିଥିଲେ। ଏହି ମହାନ ଦେଶର ରାଷ୍ଟ୍ରପତି ଭାବେ ଆପଣ ଭାରତ ସମ୍ବିଧାନର 'ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିରକ୍ଷା' କରନ୍ତି, ଯାହାର ୭୫ ତମ ବାର୍ଷିକୀ ନିକଟରେ ପାଳନ କରାଯାଇଛି। ଭାରତର ଆତ୍ମାକୁ ବଞ୍ଚାଇ ରଖିବାରେ ପ୍ରେରଣା ଏବଂ ମାର୍ଗଦର୍ଶନ ପାଇଁ ସମଗ୍ର ଦେଶ ରାଷ୍ଟ୍ରପତିଙ୍କ ଆଡ଼କୁ ଚାହିଁ ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଅନେକ କ୍ଷେତ୍ରରେ ଇତିହାସ ରଚିଛି। ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ, ମହିଳା ସଶକ୍ତିକରଣ, ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଏବଂ ଶିଳ୍ପ ଅଭିବୃଦ୍ଧିର ପରିବେଶ ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଛି। ଏଭଳି ଅଭୂତପୂର୍ବ ଅଭିବୃଦ୍ଧିର ସମସ୍ତ ଶ୍ରେୟ ଓଡ଼ିଶାର ଜନସାଧାରଣଙ୍କ ଅତୁଟ ସମର୍ଥନ ଏବଂ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ନୀତି ସମଗ୍ର ଦେଶ ପାଇଁ ଏକ ଆଦର୍ଶ ପାଲଟିଛି। ବିପର୍ଯ୍ୟୟ ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସମୃଦ୍ଧ ପ୍ରାକୃତିକ ସମ୍ବଳ ଏବଂ କୁଶଳୀ ଶ୍ରମଶକ୍ତି ସହିତ ଓଡ଼ିଶାରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ଓଡ଼ିଶାକୁ ଗୌରବର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ନବୀନ କହିଛନ୍ତି।

### ୪ ସପ୍ତାହ ମଧ୍ୟରେ...

ଆଶା। ପାଣି ସଂଗ୍ରହର ଦାୟିତ୍ୱ କୋର୍ଟ ହାସ୍ୟ ଅଭିନେତାଙ୍କୁ ଦେଉଛନ୍ତି। ଏହା କୌଣସି ଦଣ୍ଡ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ।

ସମୟ ରୈନାଙ୍କ ଶୋ'ରେ ଅଶ୍ଳୀଳ ବିଷୟବସ୍ତୁକୁ ପ୍ରୋତ୍ସାହନ ଦିଆଯାଉଛି। ଗତ ଫେବୃଆରୀରେ ମୁକ୍ତିଲାଭ କରିଥିବା ଏହାର ଦୁଇଟି ଶୋ'କୁ ନେଇ ବିବାଦ ହୋଇଥିଲା। ମହିଳା ଏବଂ ଦିବ୍ୟାଙ୍ଗଙ୍କୁ ନେଇ ଏଭଳି ଅଭଦ୍ର ଟିପ୍ପଣୀ ଦିଆଯାଇଥିଲା ଯାହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ସମୟ ରୈନା, ରଣବୀର ଆହ୍ଲାବାଦିଆ ଓ ଅନ୍ୟମାନଙ୍କ ବିରୋଧରେ ଅନେକ ରାଜ୍ୟରେ ଏତଲା ରୁଜୁ କରାଯାଇଥିଲା। ଏହି ସବୁ ଏତଲା ରଦ୍ଦ କରିବାକୁ ରଣବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହା ଉପରେ କୌଣସି ଆଶ୍ୱସ୍ତି ଦେଇ ନାହାନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କୁ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ ଯେ ଅଶ୍ଳୀଳ ବିଷୟବସ୍ତୁକୁ ବନ୍ଦ କରିବା ପୂର୍ବରୁ ଏହା ଭାଇରାଲ ହୋଇ ଲକ୍ଷ ଲକ୍ଷ ଲୋକ ଦେଖି ସାରୁଛନ୍ତି। ତେଣୁ ଏହାର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟ ବିଚାରବିମର୍ଶ କରିଛନ୍ତି।

ଶୁଣାଣି ସମୟରେ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟା କହିଥିଲେ ଯେ ଏହି ମାମଲା କେବଳ ଅଶ୍ଳୀଳତା ନୁହେଁ, ବରଂ ଅପବ୍ୟବହାର ସମ୍ବନ୍ଧିତ ମଧ୍ୟ। ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁରେ ଏହି ସବୁ ସମସ୍ୟା ରହିଛି। ମତ ପ୍ରକାଶ ହେଉଛି ଏକ ଅମୂଲ୍ୟ ଅଧିକାର, କିନ୍ତୁ ଖରାପ କାମ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ। ଉତ୍ତରରେ ସିଜେଆଇ କହିଥିଲେ ଯେ ଏହା ହିଁ ସମସ୍ୟା। ଯଦି ମୁଁ ନିଜର ଚ୍ୟାନେଲ ଖୋଲୁଛି ତେବେ ବି କାହା ପାଇଁ ଉତ୍ତରଦାୟୀ ନୁହେଁ। କେହି ତ ଜଣେ ଉତ୍ତରଦାୟୀ ହେବା ଦରକାର।

ଏହି ମାମଲାକୁ ଦେଶ ବିରୋଧୀ ଭାବେ ମଧ୍ୟ ଦେଖାଯାଉଛି। ଏହାକୁ ନେଇ ଜଷ୍ଟିସ ବାଗଚୀ କହିଥିଲେ ଯେ ବିଷୟବସ୍ତୁ ଦେଶବିରୋଧୀ ହୋଇଥିଲେ ଏହାକୁ ପ୍ରସ୍ତୁତ କରିଥିବା ବ୍ୟକ୍ତି ଦାୟୀ ହେବେ କି? ଅଶ୍ଳୀଳ ବିଷୟବସ୍ତୁକୁ କେମିତି ରୋକିବେ ବୋଲି ସେ ଏସ୍‌ଜିଙ୍କୁ ପଚାରି ଥିଲେ। ଏହା ଉପରେ ରୋକ୍ ଲଗାଇବା ପାଇଁ ସ୍ୱୟଂଶାସିତ ସଂଗଠନ ଗଠନ କରିବାକୁ ସିଜେଆଇ ପ୍ରସ୍ତାବ ଦେଇଥିଲେ। ଏହି ସମାଜରେ ଶିଶୁଙ୍କର ବି ମୌଳିକ ଅଧିକାର ରହିଛି ବୋଲି କହିଥିଲେ। ସଲିସିଟର ଜେନେରାଲଙ୍କୁ ସିଜେଆଇ ପଚାରି ଥିଲେ ଯେ ଯଦି ସବୁ କିଛି ପ୍ରସାରଣ କରିବାକୁ ଦିଆଯିବ ତେବେ ସରକାର କ'ଣ କରିବେ। ନିରୀହ ଲୋକେ ନିଜେ ନିଜକୁ ସୁରକ୍ଷା ଯୋଗାନ୍ତୁ ବୋଲି ଆପଣ ଚାହୁଁଛନ୍ତି କି? ସମସ୍ତଙ୍କୁ କୋର୍ଟ ଆସିବାକୁ ସୁଯୋଗ ମିଳିବ ନାହିଁ। ତେଣୁ ଏହାର ସମାଧାନ ଲାଗି କୋର୍ଟ ନୂଆ ବ୍ୟବସ୍ଥା ଆଣିବାକୁ କେନ୍ଦ୍ରକୁ କହିଥିଲେ। ଏଥିପାଇଁ ଚାରି ସପ୍ତାହ ସମୟ ଦେଇଛନ୍ତି।

### ରେକର୍ଡ ଭାଙ୍ଗିଲା...

ଦାରିଙ୍ଗବାଡି ୯.୫, ଅନୁଗୁଳ ୧୦, କେନ୍ଦୁଝର ୧୦.୩, ସୁନ୍ଦରଗଡ ୧୦.୬, ଭୁବନେଶ୍ୱର ୧୩.୫ ଏବଂ କଟକରେ ପାରଦ ୧୩.୪ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହିତ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ତଳକୁ ଖସିବ। ଏଥିପାଇଁ ରାଜ୍ୟରେ ଜାରି ରହିଥିବା ଶୀତର ସ୍ଥିତି ଜାରି ରହିବ। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଓ ଥଣ୍ଡା ବାୟୁର ପ୍ରବାହ ଅଧିକ ରହୁଛି। ଏହି ସ୍ଥିତି ଆହୁରି ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଥିବା ବେଳେ ଏହି ସମୟରେ କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହଙ୍ଛଏ

ଅନ୍ୟପଟେ ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ସୃଷ୍ଟି ହୋଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଏହି ବାତ୍ୟା ଆଜି ସୃଷ୍ଟି ହୋଇଛି। ବାତ୍ୟାର ନାମ 'ଡିଟୱା' ରହିଛି। ଏହି ବାତ୍ୟାଟି ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ୩୦ ତାରିଖ ସୁଦ୍ଧା ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବ ନାହିଁ। ବାତ୍ୟାଟି ଆନ୍ଧ୍ର ନିକଟବର୍ତ୍ତୀ ହେବା ପୂର୍ବରୁ ଦୁର୍ବଳ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ଏହା ଆନ୍ଧ୍ର ନିକଟବର୍ତ୍ତୀ ହୁଏ ତେବେ ୧ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାର କିଛି କାଁ ଭାଁ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୬୬୦: ଲଣ୍ଡନରେ ଦ ରୟାଲ ସୋସାଇଟିର ଗଠନ।
- ୧୮୧୪: ଦ ଟାଇମ୍ସ ଅଫ୍ ଲଣ୍ଡନକୁ ପ୍ରଥମଥର ସ୍ୱଚାଳିତ ପ୍ରିଣ୍ଟିଂ ମେସିନ୍‌ରେ ଛପାଗଲା।
- ୧୮୯୦: ସମାଜସେବୀ ଜ୍ୟୋତିବା ଫୁଲେଙ୍କ ପରଲୋକ।
- ୧୯୪୫: ସାହିତ୍ୟିକ ଅମର ଗୋସ୍ୱାମୀଙ୍କ ଜନ୍ମ।
- ୧୯୯୬: ଏୟାରବସ୍ ଏ-୩୦୦ ବିମାନକୁ କମାଣ୍ଡ କରିବା ପ୍ରଥମ ମହିଳା ହେଲେ କ୍ୟାପ୍‌ଟେନ୍ ଇନ୍ଦ୍ରାଣି ସିଂହ।

# ମେସିନ୍ କାଟୁଛି କେଶ



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଖୁବ୍ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳିଛି, ରାସ୍ତାକଡ଼ରେ ଏକ ମେସିନ୍ ଲୋକଙ୍କର ଖୁବ୍ କମ୍ ସମୟ ମଧ୍ୟରେ କେଶ କାଟି ଦେଉଛି। ଭିଡିଓରେ ଦେଖା ଯାଇଛି, ଜଣେ ଯୁବକ ମେସିନ୍‌କୁ ଟେପର୍ଡ ଫେଡ୍ ହେୟାରକଟ୍ କରିବାକୁ କହିଛନ୍ତି। ମେସିନ୍ ଉତ୍ତରରେ ଯୁବକଙ୍କୁ ମୁଣ୍ଡ ରଖିବାକୁ କହିଛି। ବହୁତ କମ୍ ସମୟ ମଧ୍ୟରେ ସମ୍ପୃକ୍ତ ଯୁବକ ଜଣକ ଯେତେବେଳେ ନିଜ ମୁଣ୍ଡକୁ ମେସିନ୍‌ରୁ ବାହାର କରିଛନ୍ତି, ତାଙ୍କୁ ସଂପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଭିଡିଓରେ ଦାବି କରାଯାଇଛି ଯେ, ଏହି ମେସିନ୍ ନରୱେ ରାଜଧାନୀ ଓସ୍‌ଲୋରେ ଲାଗିଛି। ଭିଡିଓରେ ତିନି ଜଣ ଯୁବକ ଜଣକ ପରେ ଜଣେ କେଶ କାଟିଥିବା ଦେଖାଯାଇଛି। ଅନ୍ୟପଟେ ଭିଡିଓର ଶୀର୍ଷକରେ ଲେଖାଯାଇଛି, 'ଆଉ ଅପେକ୍ଷା କରନ୍ତୁ ନାହିଁ। ଏବେ ରାସ୍ତାକଡ଼ରେ କେଶ କାଟିବା ସୁବିଧା ଅଟୋପାଇଲଟ୍ ପର୍ଯ୍ୟାୟରେ ଅଛି। ସେହିପରି ଲୋକଙ୍କୁ ହେୟାର ଷ୍ଟାଇଲିଷ୍ଟ ବିନା ରାସ୍ତାକଡ଼ରେ କେଶ କାଟିବା ସୁଯୋଗ ମିଳିପାରିବ।' ତେବେ ଏହି ଭିଡିଓ ଅସଲି ନୁହେଁ, ବରଂ ଏହାକୁ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମ ପେଜ୍ ଆକ୍ସ ଡ୍ରପ୍ ଏକ୍ସ ଏଆଇ ଏହାକୁ ତିଆରି କରିଛି। ଏହା ଏଭଳି ଭବିଷ୍ୟବାଦୀ ଏବଂ କାଳ୍ପନିକ ଭିଡିଓ ପୋଷ୍ଟ କରିଥାଏ। ଏହି ଭିଡିଓ ମାଧ୍ୟମରେ ଲୋକଙ୍କ କଳ୍ପନାକୁ ବାସ୍ତବରେ ଦେଖାଇବାକୁ ପ୍ରୟାସ କରାଯାଇଛି। ସେହିପରି ଲୋକେ ବି ଚିନ୍ତା କରୁଛନ୍ତି କ'ଣ ସତରେ ଭବିଷ୍ୟତରେ ଏମିତି ମେସିନ୍ ଆସିବା ସମ୍ଭବ, ଯାହା ମଣିଷଙ୍କ ଭଳି କେଶ କାଟିବ। ଅନ୍ୟପଟେ ଭିଡିଓଟି ସତ ନ ହେଲେ ବି ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, କ'ଣ ଆଗାମୀ ଦିନରେ ମଣିଷର କାମ ମେସିନ୍ କରିବ? ଯଦି ଏଆଇର ପ୍ରଗତି ଏମିତି ଚାଲିବ, ତେବେ ଭବିଷ୍ୟତରେ ମେସିନ୍ ହେୟାର ଷ୍ଟାଇଲିଷ୍ଟଙ୍କ ସ୍ଥାନ ନେବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପଟେ ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# 'ବର୍ଡର ୨'
## ନୂଆ ରୂପରେ ଆସିବ 'ସନ୍ଦେଶେ ଆତେ ହେଁ'

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ଫିଲ୍ମର ପ୍ରଯୋଜକ ମୂଳ ଫିଲ୍ମର ଆଇକନିକ୍ ଗୀତ 'ସନ୍ଦେଶେ ଆତେ ହେଁ'କୁ ରିକ୍ରିଏଟ୍ କରିବା ପାଇଁ ଯୋଜନା କରିଛନ୍ତି। ପୂର୍ବରୁ ଏହି ଗୀତକୁ ସୋନୁ ନିଗମ୍ ଓ ଅରିଜିତ୍ ସିଂହ ଗାଇବେ ବୋଲି କୁହାଯାଉଥିଲା। ଏବେ ଏଥିରେ ଆଉ ଜଣେ ଜଣାଶୁଣା ଗାୟକଙ୍କ ଏଣ୍ଟ୍ରି ହୋଇଛି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ୍ ଦୋସାଞ୍ଜ ଏଥିରେ ଗୀତ ଗାଇବେ। ତେବେ ଫିଲ୍ମ ନିର୍ମାତା ଏପରି ଜଣେ ଗାୟକ ଚାହୁଁଥିଲେ ଯାହାଙ୍କଠାରେ ଆଧୁନିକ ଓ ପୁରୁଣା ଗୀତ ସୁଟ୍ କରୁଥିବ। ଏଥିପାଇଁ ଦିଲଜିତ୍‌ଙ୍କୁ ବଛାଯାଇଥିଲା। ଏହି ଗୀତକୁ ବେଶ୍ ବଡ଼ ଆକାରରେ ପ୍ରମୋଟ୍ ମଧ୍ୟ କରାଯିବ। 'ବର୍ଡର ୨'ରେ ସନ୍ନି ଦେଓ୍ୱଲଙ୍କ ସହ ବରୁଣ ଧୱନ, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା, ମେଘା ରାଣା ପ୍ରମୁଖ ନଜର ଆସିବେ। ଏହା ଆସନ୍ତା ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ।

## ଛିଙ୍କ ରୋକିବା ଘାତକ

କିଛି ଲୋକ ସର୍ବସାଧାରଣ ସ୍ଥାନ ତଥା ଆଖପାଖରେ ଲୋକ ଥିଲେ ଛିଙ୍କ ରୋକିବାକୁ ଚେଷ୍ଟା କରିଥାନ୍ତି। ହେଲେ ଏଭଳି କରିବା ବିପଜ୍ଜନକ। କାରଣ ଛିଙ୍କ ଆସିବା ହେଉଛି ଶରୀରକୁ ଜୀବାଣୁ କିମ୍ବା ଧୂଳିକଣିକାରୁ ଶ୍ୱାସନଳୀକୁ ରକ୍ଷା କରିବାର ଏକ ଉପାୟ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଛିଙ୍କକୁ ରୋକି ବ୍ରିଟେନ୍‌ର ଜଣେ ଯୁବକଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହି ଘଟଣା ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୩ ମସିହାରେ ଘଟିଥିଲା। ଜଣେ ୩୦ ବର୍ଷୀୟ ଯୁବକ କାର୍ ଚଳାଉ ଥିଲେ। ଏହି ସମୟରେ ଆଲର୍ଜି ଯୋଗୁଁ ତାଙ୍କୁ ଛିଙ୍କ ଆସିଥିଲା। ହେଲେ ଲଜ୍ୟା ଓ ଭୟ ଯୋଗୁଁ ନ ଛିଙ୍କି ତାକୁ ରୋକିବାକୁ ଚେଷ୍ଟା କଲେ। ଏପରିକି ନାକକୁ ବନ୍ଦ କରିବା ସହିତ ପାଟି ମଧ୍ୟ ଖୋଲିଲେ ନାହିଁ। ଏହାପରେ ସେ ଭାବିଲେ ଛିଙ୍କ ଅଟକିଗଲା। ହେଲେ ଗଳାରେ ତାଙ୍କର ଅଚାନକ ଯନ୍ତ୍ରଣା ହେଲା। ତାଙ୍କୁ ଲାଗୁଥିଲା ଯେମିତି ଗଳାରେ କିଛି ଫାଟିଗଲା। ଏହି ସମୟରେ ଶ୍ୱାସକ୍ରିୟାରେ ବି ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିଲା। ସେ ତୁରନ୍ତ ଡାକ୍ତରଙ୍କ ପାଖରେ ପହଞ୍ଚିବାରୁ ସେଠାରେ ସିଟି ସ୍କାନ କରାଯିବାରୁ ଯୁବକଙ୍କ ଶ୍ୱାସନଳୀରେ ଛେଦ ହୋଇଯାଇଥିବା ଜଣାପଡ଼ିଲା। ଛିଙ୍କ ଆସିବାରୁ ଯେଉଁ ପବନ ପାଟି ଓ ନାକରୁ ବାହାରକୁ ଆସିବାର ଥିଲା, ତାହା ତାଙ୍କ ଛାତି ଓ ଫୁସ୍‌ଫୁସ୍‌ରେ ଜମା ହୋଇଯାଇଥିଲା। ଛିଙ୍କ ରୋକିବାରୁ ଶ୍ୱାସନଳୀରେ ବାୟୁର ଚାପ ୨୦ ଗୁଣ ଅଧିକ ହେଲା। ଫଳରେ ତାଙ୍କ ଗଳାରେ ଛେଦ ହୋଇଯାଇଥିଲା। ସେହିପରି ଏହି ଛେଦ ଯଦି ବଡ଼ ହୋଇଥାନ୍ତା, ତେବେ ରକ୍ତସ୍ରାବ, ସଂକ୍ରମଣ ନଚେତ ଶ୍ୱାସକ୍ରିୟା ବନ୍ଦ ହୋଇ ଜୀବନ ଯାଇଥାନ୍ତା। ଏହି ଘଟଣା ପରେ ବ୍ୟକ୍ତିଙ୍କୁ ପେନକିଲର ଦିଆଯାଇ ଅବଜରଭେସନରେ ରଖାଯାଇଥିଲା। ସୌଭାଗ୍ୟରୁ ତାଙ୍କ ଶ୍ୱାସନଳୀର ଛେଦ ଆପେ ଆପେ ଭରିଗଲା। ଏହି ଘଟଣା ପରେ ଛିଙ୍କ ନ ରୋକିବାକୁ ଡାକ୍ତର ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଛିଙ୍କକୁ ନେଇ ଏହା ଥିଲା ବିଶ୍ୱର ପ୍ରଥମ ଘଟଣା। ଯାହାକି ବିଏମ୍‌ଜେ କେସ୍ ରିପୋର୍ଟ ଜର୍ଣ୍ଣାଲରେ ପ୍ରକାଶିତ।



# ସଞ୍ଜୀବନୀ

## ଶୀତଦିନେ ହୃଦ୍‌ରୋଗୀଙ୍କ ପାଇଁ ସତର୍କତା



**ଶୀତଋତୁରେ ବାୟୁମଣ୍ଡଳର ତାପମାତ୍ରା କମିଯାଏ। ଏହି ପରିବର୍ତ୍ତନ ମନୁଷ୍ୟର ଶରୀର ଉପରେ ପ୍ରଭାବ ପକାଇଥାଏ। ତାପମାତ୍ରା ସର୍ବାଧିକ ହ୍ରାସ ପାଇଲେ, ଧମନୀ ସଙ୍କୁଚିତ ହୁଏ। ଏହାଦ୍ୱାରା ରକ୍ତଚାପସ୍ତର ବଢ଼ିଯାଇଥାଏ। ରକ୍ତଚାପ ବଢ଼ିଲେ ହୃଦୟ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ଉଚ୍ଚରକ୍ତଚାପରେ ପୀଡ଼ିତ ଓ ହୃଦ୍‌ରୋଗୀ ଥଣ୍ଡା ସମୟରେ ସତର୍କ ରହିବା ଜରୁରି।**

ଶୀତଋତୁରେ ବୟସ୍କ ବ୍ୟକ୍ତି, ମଧୁମେହ, ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲରେ ପୀଡ଼ିତ, ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ବ୍ୟକ୍ତି ଥଣ୍ଡା ପବନରେ ବୁଲିବା ଅନୁଚିତ। ଏହା ଦ୍ୱାରା ରକ୍ତ ଜମାଟ ବାନ୍ଧିଥାଏ। ରକ୍ତସଞ୍ଚାଳନରେ ବାଧାପ୍ରାପ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ବାହାରକୁ ଯାଉଥିଲେ, ଗରମ ପୋଷାକ, ମୋଜା, ଟୋପି, ହ୍ୟାଣ୍ଡ ଗ୍ଲୋବ୍ସ ଆଦି ପିନ୍ଧନ୍ତୁ। ଏହାଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିପାରେ।

**କଠିନ ବ୍ୟାୟାମ ଅନୁଚିତ:** ନିୟମିତ ୨୦ରୁ ୩୦ ମିନିଟ୍ ଚାଲିବା, ବ୍ୟାୟାମ ଓ ଯୋଗ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହୁଏ। ମାଂସପେଶୀରେ ରକ୍ତସଞ୍ଚାଳନ ହୋଇଥାଏ। ଏହା ହୃଦୟ ପାଇଁ ଭଲ। ତେବେ ହୃଦ୍‌ରୋଗୀ ଥଣ୍ଡା ସମୟରେ ଅଧିକ କଠିନ ବ୍ୟାୟାମ କରିବା ଅନୁଚିତ।

**ଜୀବନଶୈଳୀରେ ପରିବର୍ତ୍ତନ :** ଶୀତଦିନେ ଶରୀରରେ ଜଳୀୟ ଅଂଶ କମ୍ ହୁଏ। ଦିନକୁ ୩ଲିଟର ପାଣି ପିଇ ହୃଦ୍‌ପିଣ୍ଡକୁ ସୁସ୍ଥ ରଖିପାରିବେ। ମାସ୍କ ଲଗାଇବା ଉଚିତ। ଧୂମପାନଠାରୁ ଦୂରେଇ ରୁହନ୍ତୁ। କମ୍ ଲୁଣଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଖାଦ୍ୟରେ ଓମେଗା-୩ଯୁକ୍ତ ଖାଦ୍ୟ, ଫାଇବର, ଭିଟାମିନ୍ ଡି ଆଦି ସାମିଲ କରିପାରିବେ। ମୁଣ୍ଡବିନ୍ଧା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ନିୟମିତ ଉଚ୍ଚରକ୍ତଚାପସ୍ତର, ରକ୍ତ ଶର୍କରା, କୋଲେଷ୍ଟ୍ରଲ ଆଦିକୁ ପରୀକ୍ଷା କରାଇ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଜରୁରି।

'ସକାଳ'ର ସ୍ୱାସ୍ଥ୍ୟ

# ଚକ୍ଷୁ କର୍କଟ



**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ହେଲେ ଜୀବନଶୈଳୀ, ବଂଶାନୁଗତ ଆଦି କାରଣରୁ ଚକ୍ଷୁଜନିତ କର୍କଟ ଦେଖାଯାଉଛି। ଆଖି ଭିତରେ କିମ୍ବା ଏହାର ଆଖପାଖରେ ଅସାମାନ୍ୟ ଭାବେ କୋଷ ବୃଦ୍ଧି ପାଇ ଏହା ଟ୍ୟୁମରର ରୂପ ନିଏ। ସଠିକ୍ ସମୟରେ ଟ୍ୟୁମରର ଚିହ୍ନଟ ହୋଇ ନ ପାରିଲେ ଏହା ଲିମ୍ଫ ନୋଡ୍‌ସ ଯାଏଁ ବ୍ୟାପିପାରେ। ତେବେ ଚକ୍ଷୁ କର୍କଟର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିବା।**

ବୟସ୍କ, ସମ୍ବେଦନଶୀଳ ତ୍ୱଚା, ବଂଶାନୁଗତ, ଅତି ବାଇଗଣୀ ରଶ୍ମୀ ସମ୍ପର୍କରେ ଅଧିକ ଆସିବା ଯୋଗୁଁ ଏହି ଚକ୍ଷୁ କର୍କଟ ହୋଇଥାଏ। ଚକ୍ଷୁ କର୍କଟ ଇଣ୍ଟ୍ରାଅକୁଲାର ମେଲାନୋମା, କଞ୍ଜକ୍ଟିଭାଲ ମେଲାନୋମା, ଅରବିଟାଲ କ୍ୟାନସ୍‌ର, ରେଟିନୋବ୍ଲାଷ୍ଟମା (ପିଲାଙ୍କଠାରେ), ଇଣ୍ଟ୍ରାଅକୁଲାର ଲିମ୍ଫୋମା (ବୟସ୍କ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ବିପଦ) ପ୍ରକାରର ରହିଛି। କର୍କଟ ଆଖିର ଡୋଳା, ପଲକ, ଚକ୍ଷୁର ଅନ୍ୟାନ୍ୟ ଅଂଶରେ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରୁ କିଛି ଲକ୍ଷଣ ଜଣାପଡ଼େ ନାହିଁ। ଚକ୍ଷୁ କର୍କଟକୁ ଆରମ୍ଭରୁ ଚିହ୍ନଟରେ ସମସ୍ୟା ହୁଏ। ଯାହାଫଳରେ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପି ସମସ୍ୟା ସୃଷ୍ଟି କରେ।

**ଲକ୍ଷଣ:** ଆଖିକୁ ଝାପ୍‌ସା ଦିଶିବା, ଧୀରେ ଧୀରେ ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଚକ୍ଷୁ କର୍କଟର ସଙ୍କେତ। ବିନା କାରଣରେ ଆଖି ଭିତରେ ପରିବର୍ତ୍ତନ, ଆଖି ବାହାରକୁ ବାହାରିବା ପରି ଦିଶିବା, କୁଣ୍ଡାଇ ହୋଇ ଜଳାପୋଡ଼ା ଏହି ରୋଗର ଲକ୍ଷଣ।

**ପ୍ରତିକାର:** ଏହି କର୍କଟ ଅଧିକ ବିପଜ୍ଜନକ। ଆଖିରେ ଅସ୍ୱାଭାବିକ ପରିବର୍ତ୍ତନ ଓ ଉପରୋକ୍ତ ଲକ୍ଷଣ ଦେଖିଲେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ। ଏହି କର୍କଟ ପାଇଁ ବିକିରଣ ଥେରାପି, ଲେଜର ଥେରାପି, ଇମ୍ୟୁନୋଥେରାପି, ଟାରଗେଟେଡ୍ ଥେରାପି, ଅସ୍ତ୍ରୋପଚାର ଆଦି ସୁବିଧା ରହିଛି। ସଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଦ୍ୱାରା ଦୃଷ୍ଟିଶକ୍ତି ଏବଂ ଜୀବନ ଉଭୟ ବଞ୍ଚିପାରିବ।

## ଦିବ୍ୟାଙ୍ଗଙ୍କ ପାଇଁ ବରଦାନ ୱାଇଡି ୱାନ୍



ରୋଗାଗ୍ରସ୍ତ ବ୍ୟକ୍ତି, ବୟସ୍କ କିମ୍ବା ଆଘାତ ଲାଗି ଚାଲିବାକୁ ଅସମର୍ଥ ଲୋକ ହ୍ୱିଲ୍‌ଚେୟାର ବ୍ୟବହାର କରିଥାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ସାହାରା ସଦୃଶ ହୋଇଥାଏ। ଏହି କ୍ରମରେ ଏବେ ଆଇଆଇଟି ମାଡ୍ରାସ ସବୁଠୁ ହାଲୁକା ଓ ସକ୍ରିୟ ହ୍ୱିଲଚେୟାର ବିକଶିତ କରିଛନ୍ତି। ଏହାର ନାଁ ହେଉଛି 'ୱାଇଡି ୱାନ୍'। ଓଜନ ମାତ୍ର ୯ କିଲୋ। ଏହାକୁ ପରିଚାଳନା କରିବା ସହଜ। ଏହାକୁ କାର୍, ଅଟୋ, ସାଧାରଣ ଯାନବାହନରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇ ହେବ। ବ୍ୟବହାରକାରୀଙ୍କ ଶରୀର, ଅଙ୍ଗଭଙ୍ଗୀ ଏବଂ ଗତିଶୀଳତାର ଆବଶ୍ୟକ ଅନୁଯାୟୀ ଏହାକୁ କଷ୍ଟମାଇଜ୍ କରାଯାଇଛି। ଏହା ୧୨୦ କେଜି ଭାର ଉଠାଇ ପାରିବ। ଏହା ମୋନୋ ଟ୍ୟୁବ୍ ରିଜିଡ ଡିଜାଇନ୍ ଫ୍ରେମ୍ ହ୍ୱିଲଚେୟାର। ଏୟରୋସ୍ପେସ-ଗ୍ରେଡ ସାମଗ୍ରୀରୁ ବନାଯାଇଛି। ଏହି ହ୍ୱିଲଚେୟାରଟି ସ୍ୱତନ୍ତ୍ରତା, ଆତ୍ମ-ସମ୍ମାନ ଏବଂ ସାମାଜିକ ଭାଗୀଦାରିର ପ୍ରତୀକ ହୋଇଥାଏ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ବି କମକୋଟି ଏହି ନୂତନ ଚେୟାରଟି ଦୁର୍ବଳ, ଅସୁସ୍ଥ, ଦିବ୍ୟାଙ୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ରଖିଛନ୍ତି। ଏହି ହ୍ୱିଲ୍‌ଚେୟାରକୁ ତାଙ୍କର ଟିମ୍ ଏବଂ ଆଇଆଇଟି ମାଡ୍ରାସ- ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍ ଥ୍ରଭ୍ ମୋବିଲିଟି ସହଯୋଗରେ ପ୍ରସ୍ତୁତ କରାଯାଇଛି।

## ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ଅଦା



**ଅଦା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍-ସି, ବି୬ ଆଦି ରହିଛି। ଅଦାରେ ଥିବା ଔଷଧୀୟ ଗୁଣ ଥଣ୍ଡା, କାଶ, ପେଟଜନିତ ସମସ୍ୟା ଦୂର କରେ। ଓଜନ ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ମୁଣ୍ଡବିନ୍ଧା ପାଇଁ ମଧ୍ୟ ଅଦା ହିତକର। ହେଲେ ଅଦାକୁ ସଠିକ୍ ମାତ୍ରାରେ ବ୍ୟବହାର କରା ନ ଗଲେ, ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ।**

**ଅଦାକୁ ଅଧିକ ଫୁଟାନ୍ତୁନି:** ଅଦା ଖଣ୍ଡକୁ ଉଷୁମ ପାଣିରେ ଫୁଟାଇ ପିଇଲେ ଚର୍ବି ହ୍ରାସ ହୁଏ। ହେଲେ ଅଦାକୁ ଅଧିକ ସମୟ ଫୁଟାଇବା ଅନୁଚିତ। ଏହାଦ୍ୱାରା ଅଦାର ପୋଷକତତ୍ତ୍ୱ ହ୍ରାସ ପାଏ। ଏହା ପାଚନତନ୍ତ୍ର ଉପରେ କୁପ୍ରଭାବ ପକାଏ। ଛାତି ଜଳାପୋଡ଼ା, ପେଟ ଗ୍ୟାସ୍ ହେବା ସହ ପେଟ ଯନ୍ତ୍ରଣା ମଧ୍ୟ ହୋଇପାରେ।

**ସଠିକ୍ ମାତ୍ରା ବ୍ୟବହାର:** କାଶ, ଥଣ୍ଡା ଆଦି ପାଇଁ ଦିନକୁ ମାତ୍ର ୨ ଗ୍ରାମ୍ ଅଦା ସେବନ ଜରୁରି। ଅଧିକ ମାତ୍ରାର ଅଦା ଖାଇଲେ ରକ୍ତ ପତଳା ହୋଇପାରେ। ରକ୍ତଚାପ, ଗ୍ଲୁକୋଜ୍ କମିଯାଇ ପାରେ। ତେଣୁ ଚିକିତ୍ସକଙ୍କ ପରାମର୍ଶରେ ଅଦା ସେବନ କରିବା ନିହାତି ଜରୁରି।

ଅଦାକୁ ଦୁଗ୍ଧ, ଦହି କିମ୍ବା ଦୁଗ୍ଧଜାତୀୟ ଉତ୍ପାଦ ସହିତ ମିଶାଇ ଖାଇବା ଅନୁଚିତ। ଅଦାକୁ ଖାଇବା ପରେ କିମ୍ବା ଖାଇବା ସହିତ ଅଳ୍ପ ଲୁଣ ମିଶାଇ ଚୋବାଇ ଖାଇଲେ ହଜମଶକ୍ତି ସକ୍ରିୟ ରୁହେ। ଅଦାର ପୋଷକତତ୍ତ୍ୱ ଶରୀରକୁ ଭଲ କାମ ଦିଏ।

### ସୁଲତାନ ଆଜଲାନ ଶାହ କପ୍ ହକି

# ଭାରତର ତୃତୀୟ ବିଜୟ

ଇପୋ,୨୭।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ତୃତୀୟ ବିଜୟ ହାସଲ କରିଛି । ଏହି ବିଜୟ ଫଳରେ ଭାରତ ୪ର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ୯ ପଏଣ୍ଟ ସଂଗ୍ରହ କରି ପ୍ରଥମ ବେଲଜିୟମ ପଛକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି । କାନାଡା ସହ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ । ଆସନ୍ତାକାଲିର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଶେଷ ହେବା ପରେ କେଉଁ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ ତାହା ଜଣାପଡ଼ିବ । କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ବିଜୟୀ ହେବା ପରେ ଫାଇନାଲ ଖେଳିବା ରାସ୍ତା ଏକପ୍ରକାର ପରିଷ୍କାର ହୋଇଯାଇଛି । ଭାରତ ପକ୍ଷରୁ ଅମିତ ରୋହିଦାସ, ଅଧିନାୟକ ସଞ୍ଜୟ ଓ ସେଲଭାମ କାର୍ତ୍ତି ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ନ୍ୟୁଜିଲାଣ୍ଡର ଜର୍ଜ ବାକର ୨ଟି ଯାକ ଗୋଲ ଶୁଝାଇଥିଲେ । ଆଜିର ଅନ୍ୟ ମ୍ୟାଚ୍‌ରେ କାନାଡା ୩-୨ ଗୋଲରେ ଦକ୍ଷିଣ କୋରିଆକୁ ଓ ବେଲଜିୟମ ୯-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି । ବେଲଜିୟମ, ଭାରତ, ମାଲେସିଆ ଓ କାନାଡା ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି ।

# କେଆଇୟୁଜିରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୭।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ୪ର୍ଥ ଦିବସରେ ଗୁରୁବାର ଓଡ଼ିଶା ମୋଟ୍ ୪ଟି ପଦକ ମିଳିଛି । ଯେଉଁଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ରାୟ ମହିଳା ସନ୍ତରଣ ୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ବିଜୟୀ ହୋଇଛନ୍ତି । ପ୍ରତିଯୋଗିତାରେ ପ୍ରତ୍ୟାଶାଙ୍କ ଏହା ୪ର୍ଥ ପଦକ । ଅପରପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଗୁରୁବାର ସନ୍ତରଣରେ ୩ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ । ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ମହିଳା ୨୦୦ ମିଟର ବଟରଫ୍ଲାଏରେ, ନୀଳବଜା ଘୋଷ ୧୦୦ ମିଟର ବଟରଫ୍ଲାଏରେ ଏବଂ ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଦଳ ଏହି ପଦକ ଜିତିଥିଲେ ।

### ମହିଳା ପ୍ରିମିୟର ଲିଗ୍ ମେଗା ନିଲାମ

# ୩.୨ କୋଟିରେ ଦୀପ୍ତି ସବୁଠୁ ଦାମୀ

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):

ବିସିସିଆଇ ପକ୍ଷରୁ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ମେଗା ନିଲାମ ଆଜି ଏଠାରେ ଆରମ୍ଭ ହୋଇଛି । ଦୁଇଦିନ ଧରି ହେବାକୁ ଥିବା ଏହି ଅକ୍ସନର ପ୍ରଥମ ଦିନରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତର ତାରକା ଅଲରାଉଣ୍ଡର ଦୀପ୍ତି ଶର୍ମା ସବୁଠୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି । ୟୁପି ୱାରିୟର୍ଜ ତାଙ୍କୁ ୩.୨ କୋଟି ଟଙ୍କାରେ କିଣିଛି । ଦୀପ୍ତିଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କାରେ କିଣିଛି ମୁମ୍ବଇ ଇଣ୍ଡିଆନ୍ସ । ନ୍ୟୁଜିଲାଣ୍ଡର ଅନ୍ୟତମ ଖେଳାଳି ସୋଫି ଡିଭାଇନ୍‌ଙ୍କୁ ଗୁଜରାଟ ଜାଏଣ୍ଟସ ୨ କୋଟି ଓ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍‌ଙ୍କୁ ୟୁପି ୱାରିୟର୍ଜ ୧.୯ କୋଟି ଟଙ୍କାରେ କିଣିଛି । ଏହି ୪ ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିଥିଲା । ଫ୍ରାଞ୍ଚାଇଜ୍‌ଗୁଡିକ ଯେଉଁ ଖେଳାଳିଙ୍କୁ ରିଟେନ କରିଛି, ସେମାନଙ୍କ ଦାମ୍ ପ୍ରକାଶ ପାଇନାହିଁ । ହରମନପ୍ରୀତ୍ କୌର ଓ ସ୍ମୃତି ମନ୍ଧାନାଙ୍କ ପରି ଖେଳାଳି କୋଟିପତି ତାଲିକାରେ ରହିଛନ୍ତି ।



ଦିଲ୍ଲୀ କ୍ୟାପିଟାଲ୍ସ ୧.୩ କୋଟି ଲେଖାଏଁ ଟଙ୍କାରେ ଦକ୍ଷିଣ ଆଫ୍ରିକାର ଚିନେଲେ ହେନରୀ ଓ ଭାରତର ସ୍ପିନର ଶ୍ରୀଚରଣିଙ୍କୁ ଦଳରେ ସାମିଲ କରିଛି । ଅଷ୍ଟ୍ରେଲିଆର ଫୋଏବି ଲିଚ୍‌ଫିଲ୍ଡଙ୍କୁ ୧.୨ କୋଟି ଓ ଆଶା ଶୋଭନାଙ୍କୁ ୧.୧ କୋଟି ଟଙ୍କାରେ ୟୁପି ୱାରିୟର୍ଜ, ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟଙ୍କ ୧.୧ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ, ଇଂଲଣ୍ଡର ଫାଷ୍ଟ ବୋଲର ଲୌରେନ ବେଲ୍‌ଙ୍କୁ ୯୦ ଲକ୍ଷ ଟଙ୍କାରେ ଆର୍‌ସିବି କିଣିଛି । କିନ୍ତୁ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲୀଙ୍କୁ କେହି କିଣି ନାହାନ୍ତି । ସୋଫି ଇକ୍ଲେଷ୍ଟନଙ୍କୁ ୮୫ ଲକ୍ଷ ଟଙ୍କାରେ ୟୁପି, ଭାରତୀ ଫୁଲମାଲିଙ୍କୁ ୭୦ ଲକ୍ଷ ଟଙ୍କାରେ ଗୁଜରାଟ, ଦ. ଆଫ୍ରିକାର ନାଦିନ ଡି କ୍ଲର୍କ ଓ ଭାରତର ରାଧା ଯାଦବଙ୍କୁ ୬୫ ଲକ୍ଷ ଲେଖାଏଁ ଟଙ୍କାରେ ଆର୍‌ସିବି, ରେଣୁକା ସିଂ ଠାକୁରଙ୍କୁ ଗୁଜରାଟ, ଜର୍ଜିଆ ଭୋଲଙ୍କୁ ଆର୍‌ସିବି, କିରଣ ନାଗଭିରେଙ୍କୁ ୟୁପି, ଦକ୍ଷିଣ ଆଫ୍ରିକାର ସବ୍‌ନିମ ଇସ୍‌ମାଏଲଙ୍କୁ ମୁମ୍ବଇ ୬୦ ଲକ୍ଷ ଲେଖାଏଁ ଟଙ୍କା ଦେଇ ଦଳରେ ସାମିଲ କରିଛି । ୫୦ ଲକ୍ଷ ଲେଖାଏଁ ଟଙ୍କାରେ ୩ଜଣ ଖେଳାଳି ଯଥା ସ୍ନେହ ରାଣାଙ୍କୁ ଦିଲ୍ଲୀ, ହର୍ଲିନ ଦେଓଲ ଓ କ୍ରାନ୍ତି ଗୌଡ଼ଙ୍କୁ ୟୁପି ଟିମ୍‌ରେ ସାମିଲ କରିଛି ।

ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ନଭି ମୁମ୍ବଇ ଓ ଭଦୋଦରାରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ଆରମ୍ଭ ହୋଇ ଫେବୃଆରୀ ୭ରେ ଶେଷ ହେବ । ନଭି ମୁମ୍ବଇରେ ଉଦ୍‌ଘାଟନୀ ସହ ପ୍ରଥମ ପର୍ଯ୍ୟାୟ ଓ ଭଦୋଦରାରେ ଦ୍ୱିତୀୟ ପର୍ଯ୍ୟାୟ ସହ ଫାଇନାଲ ମୁକାବିଲା ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

# ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଗମ୍ଭୀର କୋଚ୍

ମୁମ୍ବଇ, ୨୭।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜକୁ ଲଜ୍ଜାଜନକ ଭାବେ ୨-୦ ହାରିବା ପରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିଶାଣକୁ ଆସିଯାଇଛନ୍ତି । ଗମ୍ଭୀରଙ୍କୁ ତୁରନ୍ତ କୋଚ୍ ପଦରୁ ହଟାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଦାବି ହୋଇଛି । ତେବେ ବିସିସିଆଇ ବର୍ତ୍ତମାନ ଗମ୍ଭୀରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବନି ବୋଲି ଜଣାପଡ଼ିଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଦୁଇ ଦୁଇଟି ବିଶ୍ୱକପ୍ ମୁଣ୍ଡ ଉପରେ ରହିଛି । ତେଣୁ ଚୁକ୍ତି ଅନୁସାରେ ୨୦୨୭ ପର୍ଯ୍ୟନ୍ତ ଗମ୍ଭୀର ତାଙ୍କ ପଦ ବଜାୟ ରଖିବେ ବୋଲି ଜଣାପଡ଼ିଛି । ଏକ ଜାତୀୟ ଗଣମାଧ୍ୟମକୁ ନାମ ଗୋପନ ରଖିବା ସର୍ତ୍ତରେ ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି, 'ଦଳ ବର୍ତ୍ତମାନ ଏକ ପରିବର୍ତ୍ତନ ପର୍ଯ୍ୟାୟରେ ରହିଛି । ତେଣୁ ବିସିସିଆଇ କୌଣସି ନିଷ୍ପତ୍ତି ତରତର ଭାବେ ନେବନାହିଁ । ମୁଖ୍ୟ ପ୍ରଶିକ୍ଷକ ଗମ୍ଭୀରଙ୍କ ଭବିଷ୍ୟତ ସମ୍ପର୍କ କୌଣସି ନିଷ୍ପତ୍ତି ନେବୁ ନାହିଁ । କାରଣ ବିଶ୍ୱକପ୍ ପାଖେଇ ଆସୁଛି ଏବଂ ତାଙ୍କ ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି । ବିସିସିଆଇ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରିବ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନି ।' ଏହି ବୟାନରୁ ଗମ୍ଭୀରଙ୍କ ପଦ ବର୍ତ୍ତମାନ ସୁରକ୍ଷିତ ରହିଥିବା ସ୍ପଷ୍ଟ ହୋଇଛି ।

# ଧୋନିଙ୍କ ଘରେ ଡିନର୍ କଲେ କୋହଲି

ରାଞ୍ଚି, ୨୭।୧୧ (ଏଜେନ୍ସି): ଟେଷ୍ଟ ସିରିଜକୁ ହାରିବା ପରେ ଏବେ ଘରୋଇ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ଖେଳିବ । ନଭେମ୍ବର ୩୦ରୁ ରାଞ୍ଚିରେ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ । ଏଥିଲାଗି ଭାରତୀୟ କ୍ରିକେଟ୍ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦୁଇ ଦିନ ହେବ ରାଞ୍ଚିରେ ପହଞ୍ଚି ସାରିଛନ୍ତି । ଏପରିକି ଗୁରୁବାର ଉଭୟ କୋହଲି ଓ ରୋହିତ ରାଞ୍ଚିର ଜେଏସ୍‌ସିଏ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଛନ୍ତି । ଯେହେତୁ ମହେନ୍ଦ୍ର ସିଂ ଧୋନିଙ୍କ ଘରୋଇ ସହର ରାଞ୍ଚି ତେଣୁ କୋହଲି ଏହି ଅବସରରେ ନିଜ ପୂର୍ବତନ ଅଧିନାୟକଙ୍କ ଘରକୁ ଯିବାକୁ ଭୁଲି ନ ଥିଲେ । ଗୁରୁବାର ରାତିରେ ଧୋନିଙ୍କ ଘରେ ଡିନର୍ କରିଥିଲେ କୋହଲି । କଡ଼ା ସୁରକ୍ଷାବଳୟ ମଧ୍ୟରେ କୋହଲି ହୋଟେଲରୁ ଏକ କାର ଯୋଗେ ଧୋନିଙ୍କ ଘରକୁ ଯାଇଥିଲେ । କୋହଲିଙ୍କ ଝଲକ ଟିକେ ପାଇବାକୁ ରାସ୍ତାରେ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା ।

### ଉତ୍ତରପୂର୍ବ-ଅସ୍ମିତା ଭାରୋତ୍ତୋଳନ

# ୧ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୨୭।୧୧ (ସମିସ): କୋଲକାତାରେ ଆଜି ଆରମ୍ଭ ହୋଇଛି ଉତ୍ତର-ପୂର୍ବାଞ୍ଚଳ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍ । ପ୍ରତିଯୋଗିତାର ପ୍ରଥମ ଦିନରେ ବନିତା ନାଏକ ୩ଟି ପଦକ ଜିତିଛନ୍ତି । ସେ ୪୮ କିଲୋଗ୍ରାମ୍ ଶ୍ରେଣୀରେ ଭାଗନେଇ ଯୁବବର୍ଗରେ ସ୍ୱର୍ଣ୍ଣ, କନିଷ୍ଠ ବର୍ଗରେ ରୌପ୍ୟ ଓ ବରିଷ୍ଠ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି । ମିନା ସିଂ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ୫୩ କେଜିରେ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି ।



ବନିତା ନାଏକ



ମିନା ସିଂ

ଉଭୟ ବନିତା ଓ ମିନା କଳିଙ୍ଗ ଷ୍ଟାଡିୟମ୍ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି । ଏହି ସଫଳତା ଲାଗି ଉଭୟଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି ।

# ଦିବ୍ୟାଙ୍ଗ ହ୍ୱିଲ୍‌ଚେୟାର କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୨୭।୧୧ (ସମିସ): ଗୁଜରାଟରେ ଖେଳାଯାଇଥିବା ପ୍ରଥମ ଦିବ୍ୟାଙ୍ଗ ହ୍ୱିଲଚେୟାର ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଗୁଜରାଟକୁ ହରାଇ ଓଡ଼ିଶା ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଖରାପ ହ୍ୱିଲଚେୟାର ସତ୍ତ୍ୱେ ଏହି ବିଭାଗରେ ବିତ୍ତ ଓ ଶକ୍ତିଶାଳୀ ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ ହେବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି କନ୍ଧମାଳର ମାଧବ ବଡ଼ସେଠ କହିଛନ୍ତି । କଳାହାଣ୍ଡିର ସରୋଜକାନ୍ତ କୁମାର ଉପଅଧିନାୟକ ରହିଥିଲେ । ସୁରେଶ କୁମାର ନାଗଙ୍କ ତତ୍ତ୍ୱବଧାନରେ ଏହି ଦଳ ଗୁଜରାଟ ଯାଇଥିଲା ।




# ଆଇକନିକ୍ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ୩୦ରୁ




ଭୁବନେଶ୍ୱର, ୨୭ ।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୩୦ ତାରିଖରୁ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ । ଯେଉଁଥିରେ ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ଓ ତାଇୱାନର ୩୦ଜଣ ଖେଳାଳି ରହିଛନ୍ତି । ସେହିଭଳି ଆୟୋଜକ ଓଡ଼ିଶା ସମେତ ୧୮ ଟି ରାଜ୍ୟର ଖେଳାଳି ମଧ୍ୟ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାଗନେବେ ବୋଲି ଆଇଜିୟୁ ତଥା ଆୟୋଜକ କମିଟିର ଦ୍ୱୀପାୟନ ପଟ୍ଟନାୟକ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଅବସରରେ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ଆୟୋଜକ କମିଟିର ଅଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି, ଆଇଜିୟୁ ସଭାପତି ଉମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଶୁଭଶ୍ରୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୧(ସମିସ): ଅତଶପୁରଠାରେ ଆଜି ଶେଷ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃବିଶ୍ୱବିଦ୍ୟାଳୟ ଆଥଲେଟିକ ମିଟ୍‌ରେ ଏକାମ୍ର କଲେଜ୍‌ରେ ଶୁଭଶ୍ରୀ ପରିଡ ।



ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେ ମହିଳା ୧୦୦ ଓ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଛନ୍ତି । ସେହିପରି କୃଷ୍ଣପ୍ରିୟା ବରିସାଲ ୧୦୦ ଓ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି । ଖେଳ ଶିକ୍ଷକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗୀ ସଫଳ ହୋଇଛନ୍ତି ।

# 'ସଟଲ୍'ରେ ୧ରୁ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୭।୧୧(ସମିସ):

ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍ 'ସଟଲ'ରେ ଡିସେମ୍ବର ୧ରୁ ୬ ତାରିଖ ଯାଏ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ । କ୍ରମାଗତ ୨ ବର୍ଷରେ କଳିଙ୍ଗ ୨ଟି ଜାତୀୟ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ପାଇଛି । ଏଥର ସବ୍‌ଜୁନିଅର ଚାମ୍ପିଅନସିପ୍‌ରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସୂଚନା ମିଳିଛି । ଏହା ମଧ୍ୟରୁ ବାଳିକା ବିଭାଗରେ ୨୫୬ ଓ ବାଳକ ବିଭାଗରେ ୩୨୪ ଜଣ ପ୍ରତିଯୋଗୀ ଭାଗ ନେବାର ସମ୍ଭାବନା ରହିଛି ।

### ନଜରରେ ତନ୍‌ଭୀ ପତ୍ରୀ

ଓଡ଼ିଶାର ଜୁନିଅର ସୁପରଷ୍ଟାର ତନ୍‌ଭୀ ପତ୍ରୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଫେବରାଇଟ୍ ବିବେଚନା କରାଯାଇଛି । ଉଭୟ ର୍‍ୟାଙ୍କିଙ୍ଗ୍ ଓ ଫର୍ମକୁ ଦେଖିଲେ ବାଲେଶ୍ୱରର ଏହି ଖେଳାଳି ଜଣଙ୍କ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିବାର ଦୃଢ଼ ଦାବିଦାର ରହିଛନ୍ତି । ଗତ ୬ ମାସରେ ସେ ୬ଟି ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ୩୫ତମ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସେ ଉଭୟ ୧୩ ଓ ୧୫ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିଥିଲେ । ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମନୋବଳ ବଢ଼ାଇବାକୁ ଉତ୍ସାହ ଦେଇଛନ୍ତି । ଆନ୍ଧ୍ରପ୍ରଦେଶର ପି. ରାମକ୍ରିଷ୍ଣା ଚିଫ୍ ରେଫରୀ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ ।



### ଓଡ଼ିଶା ମାଷ୍ଟର୍ସରେ ୨୨ ଦେଶ

ଡିସେମ୍ବର ୯ରୁ ୧୪ ତାରିଖଯାଏ କଟକର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ । ବିଶ୍ୱ ଓ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁମୋଦିତ ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଏଥର ୨୨ଟି ଦେଶ ଅଂଶଗ୍ରହଣ କରିବେ । ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏସୀୟ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆୟୋଜକ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଥିବାରୁ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଏହାକୁ ସମ୍ମାନର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ଯୋଜନା କରିଛନ୍ତି ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS